ବର୍ଷ-୨୬, ସଂଖ୍ୟା-୨୩୦
ଭୁବନେଶ୍ୱର
ଅଗଷ୍ଟ ୨୬, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 230
Bhubaneswar
August, 26 2026, Wednesday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ମହାନଦୀରେ ଛୋଟ ବନ୍ୟା ସ୍ଥିତି

## ମୁଣ୍ଡଳୀରେ ବଢ଼ିବ ଜଳପ୍ରବାହ, ୮-୧୦ ଘଣ୍ଟା ରହିବ ପ୍ରଭାବ : ସର୍ବୋଚ୍ଚ ଯନ୍ତ୍ରୀ



ଭୁବନେଶ୍ୱର୨୫।୮(ମହାଭାରତ): : ଓଡ଼ିଶାରେ ବଡ଼ ବନ୍ୟାର ଆଶଙ୍କା ନଥିଲେ ମଧ ମହାନଦୀରେ ଛୋଟ ବନ୍ୟା ସ୍ଥିତି ସୃଷ୍ଟି ହେବାର ସଙ୍କେତ ଦେଇଛି ଜଳସମ୍ପଦ ବିଭାଗ। ଛତିଶଗଡ଼ରେ ଲଗାଣ ବର୍ଷା ଯୋଗୁଁ ମହାନଦୀର ଜଳସ୍ତର ବଢ଼ିଥିବା ବେଳେ ମୁଣ୍ଡଳୀରେ ଜଳପ୍ରବାହ ସାମାନ୍ୟ ବୃଦ୍ଧି ପାଇବ ବୋଲି କହିଛନ୍ତି ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉତ।ବିଭାଗ ସୂଚନା ଅନୁସାରେ, ମୁଣ୍ଡଳୀରେ ଜଳପ୍ରବାହ ୬.୫ ଲକ୍ଷ କ୍ୟୁସେକ୍‌ରୁ ୬.୭ ଲକ୍ଷ କ୍ୟୁସେକ୍ ପର୍ଯ୍ୟନ୍ତ ବଢ଼ିପାରେ। ତେବେ ଏହି ବୃଦ୍ଧି ଯୋଗୁଁ ବଡ଼ ବନ୍ୟାର କୌଣସି ବିପଦ ନାହିଁ। ଅତିରିକ୍ତ ଜଳପ୍ରବାହ ପ୍ରାୟ ୮ରୁ ୧୦ ଘଣ୍ଟା ଯାଏଁ ରହିବା ପରେ କମିବ ବୋଲି ଆକଳନ କରାଯାଇଛି।ଅନ୍ୟପକ୍ଷରେ ବୈତରଣୀ, ସାଳନ୍ଦୀ, ସୁବର୍ଣ୍ଣରେଖା ଓ ବ୍ରାହ୍ମଣୀ ନଦୀର ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ଏହି ନଦୀଗୁଡ଼ିକରେ ବର୍ତ୍ତମାନ କୌଣସି ବନ୍ୟା ଆଶଙ୍କା ନଥିବା ବିଭାଗ ସ୍ପଷ୍ଟ କରିଛି। ପୂର୍ବରୁ ବଂଶଧାରା ନଦୀ ଅବବାହିକାରେ ଫ୍ଲାସ୍ ଫ୍ଲଡ୍ ସ୍ଥିତି ଦେଖାଦେଇଥିଲେ ମଧ ଏବେ ଜଳସ୍ତର କମିବା ସହ ପରିସ୍ଥିତିରେ ସୁଧାର ଆସିଛି। ଆଗାମୀ ତିନି ଦିନ ବର୍ଷାର ସମ୍ଭାବନା ନଥିବାରୁ ବନ୍ୟା ସ୍ଥିତି ଆହୁରି ସ୍ୱାଭାବିକ ହେବ ବୋଲି ଆଶା କରୁଛି ଜଳସମ୍ପଦ ବିଭାଗ। ତେବେ ନିମ୍ନାଞ୍ଚଳବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିବା ବେଳେ ସମସ୍ତ ବ୍ୟାରେଜ୍ ଓ ପ୍ରମୁଖ ନଦୀ ଉପରେ କଡ଼ା ନଜର ରଖାଯାଇଛି।

## ବଢ଼ିଲା କଣ୍ଠଶିଳ୍ପୀ ସୌରିନ ଭଟ୍ଟଙ୍କ ଅଡୁଆ

କଟକ,୨୫।୮(ମହାଭାରତ): : କଣ୍ଠଶିଳ୍ପୀ ସୌରିନ ଭଟ୍ଟଙ୍କ ପାଇଁ ବଢ଼ିଲା ଅଡୁଆ। ବାରମ୍ବାର ସମୟ ନେଇ ନିମ୍ନ ଅଦାଲତରେ ହାଜର ନହେବାରୁ ହାଇକୋର୍ଟ ବିରକ୍ତି ପ୍ରକାଶ କରି ତାଙ୍କ ଉପରେ ଲାଗୁ ଜାମିନ୍ ବିହୀନ ପରୱାନା ଉପରେ ଯେଉଁ ରହିତାଦେଶ ଜାରି କରିଥିଲେ ତାକୁ ହଟାଇ ଦେଇଛନ୍ତି। ଏହା ସହିତ ସୌରିନ ଭଟ୍ଟ କିପରି ଅଦାଲତରେ ହାଜରେ ହେବେ, ସେ ନେଇ ଦୃଢ଼ ପଦକ୍ଷେପ ନେବାକୁ ନିମ୍ନ ଅଦାଲତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ଅଭିଯୋଗ ଅନୁସାରେ ଜଣେ ଯୁବତୀଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିବା ଓ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇ ନଫେରାଇବା ନେଇ କଟକ ମହିଳା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। କଟକ ଏସ୍‌ଡିଜେଏମ୍ କୋର୍ଟ ୨୦୨୩ ମସିହା ନଭେମ୍ବର ୨୩ରେ ସୌରିନ ଭଟ୍ଟଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି କରିଥିଲେ। ଏହି ଏନବିଡବ୍ଲ୍ୟୁ ବିରୋଧରେ ସେ ହାଇକୋର୍ଟଙ୍କୁ ଯାଇଥିଲେ। ହାଇକୋର୍ଟ ଏନବିଡବ୍ଲ୍ୟୁ ଉପରେ ରହିତାଦେଶ ଜାରି କରିବା ସହ ସୌରିନ ଭଟ୍ଟଙ୍କୁ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ୨୦ତାରିଖ ପୂର୍ବରୁ ସେ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବେ ବୋଲି ତାଙ୍କ ଓକିଲ ହାଇକୋର୍ଟଙ୍କୁ ଅବଗତ କରିଥିଲେ। ତେବେ ସେ ହାଜର ନହେବାରୁ ହାଇକୋର୍ଟ ପୂର୍ବରୁ ଏନବିଡବ୍ଲ୍ୟୁ ଜାରି କରିଥିବା ରହିତାଦେଶକୁ ହଟାଇ ଦେଇଛନ୍ତି। ମାମଲାର ତଦାରଖ କରୁଥିବା ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କ ପ୍ରତିକ୍ରିୟା ମୁତାବକ କଟକ ମହିଳା ଥାନା କେସ୍ ନମ୍ବର ୨୮ର ତଦନ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ଶେଷ ହୋଇସାରିଛି।

### ଓଡ଼ିଶା ପ୍ରଶାସନିକ ସ୍ତରରେ ବଡ଼ଧରଣର ଅଦଳବଦଳ

## ୭ ଆଇଏଏସ୍ ଅଫିସରଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୨୫।୮(ମହାଭାରତ): ରାଜ୍ୟ ପ୍ରଶାସନିକ ସେବାରେ ସ୍ୱଚ୍ଛତା ଓ ସଫଳତା ଆଣିବା ଲକ୍ଷ୍ୟରେ ରାଜ୍ୟ ସରକାର ଆଇଏଏସ୍ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ସ୍ୱରାଷ୍ଟ୍ର, ବିଦ୍ୟାଳୟ ଓ ମାଧ୍ୟମିକ ଶିକ୍ଷା, ସୂଚନା ଓ ଲୋକସମ୍ପର୍କ, ଅବକାରୀ ଏବଂ ଜଙ୍ଗଲ ବିଭାଗ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ୭ ଜଣ ଆଇଏଏସ ଅଫିସରଙ୍କୁ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ସରକାରୀ ବିଜ୍ଞପ୍ତି ଅନୁଯାୟୀ, ଅଧିକାରୀମାନଙ୍କୁ ନୂତନ ପଦବୀରେ ଅବସ୍ଥାପିତ କରାଯିବା ସହ କେତେକଙ୍କୁ ଅତିରିକ୍ତ ଦାୟିତ୍ୱ ମଧ ଦିଆଯାଇଛି।

**ସଞ୍ଜୟ କୁମାର ବିଶ୍ୱାଳ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ**

ବୀରେନ୍ଦ୍ର କୋରକୋରା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପଦରୁ ବଦଳି ହୋଇ ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ଶାସନ ସଚିବରୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ଶାସନ ସଚିବ ଦାୟିତ୍ୱ ନେଇଛନ୍ତି ଆରାଧନା ଦାସ। ଆଇଏଏସ ଯୁଗଳକିଶୋର ଦାସ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସହ ଅନ୍ୟାନ୍ୟ ପଛୁଆ ବର୍ଗ ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି।

ସେହିପରି ଅର୍ଚ୍ଚନା ଦାସ ପଟ୍ଟନାୟକ ଅବକାରୀ ବିଭାଗର ଅତିରିକ୍ତ ଶାସନ ସଚିବ ସହ ଆୟୁଷ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଆୟୁଷ ନିର୍ଦ୍ଦେଶକ ପଦବୀରୁ ବଦଳି ହୋଇ ଆଇଏଏସ ଅଞ୍ଜନା ପଣ୍ଡା ଅବକାରୀ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସଞ୍ଜୟ କୁମାର ବିଶ୍ୱାଳ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବରୁ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ପୂର୍ତ୍ତ ବିଭାଗର ଉପଶାସନ ସଚିବରୁ ଓଡ଼ିଶା ନୌବାଣିଜ୍ୟ ବୋର୍ଡର ମୁଖ୍ୟ ପରିଚାଳନା ଅଧିକାରୀ ଭାବେ ବଦଳି ହୋଇଛନ୍ତି ଆଇଏଏସ ସୁନ୍ଦର ମାଧବ ପାତ୍ର। ଏହା ସହ ତାଙ୍କୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ର ମହାପ୍ରବନ୍ଧକ (ଜିଏମ୍) ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ପ୍ରଭାତୀ ପରିଡ଼ା



ଭୁବନେଶ୍ୱର,୨୫।୮ ୨୫।୮(ମହାଭାରତ): ଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଏ ନେଇ ସୋସିଆଲ ମିଡିଆରେ ପୋଷ୍ଟ କରି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ । ନୂଆଦିଲ୍ଲୀରେ ପିଏମ୍ ମୋଦିଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ।ପିଏମ୍ ମୋଦିଙ୍କୁ ଭେଟିବା ପରେ ସୋସିଆଲ ମିଡ଼ିଆରେ ପୋଷ୍ଟ କରି ପ୍ରଭାତୀ ଲେଖିଛନ୍ତି, "ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛି ଏବଂ ଓଡ଼ିଶାର ବିକାଶ, ପର୍ଯ୍ୟଟନ ଏବଂ ମହିଳା ଓ ଶିଶୁ ବିକାଶ ସହିତ ଜଡିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଅର୍ଥପୂର୍ଣ୍ଣ ଆଲୋଚନା ସମୟରେ ହୋଇଥିବା ଅଗ୍ରଗତି ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଛି ।" ପ୍ରଭାତୀ ପରିଡା ଲେଖିଛନ୍ତି, "ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ ଏକ ବିକଶିତ ଭାରତ ପ୍ରତି ପ୍ରତିବଦ୍ଧତାରେ ଅନୁପ୍ରାଣିତ ହୋଇ, ରାଜ୍ୟ ସରକାର ୨୦୩୬ ସୁଦ୍ଧା ଏକ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ପାଇଁ ପୂର୍ଣ୍ଣ ପ୍ରତିବଦ୍ଧତା ସହିତ ଆଗକୁ ବଢୁଛି। ଆଲୋଚନାରେ ବିଶ୍ୱସ୍ତରରେ ଓଡ଼ିଶାର ବିଶାଳ ପର୍ଯ୍ୟଟନ ସମ୍ଭାବନାକୁ ସ୍ୱୀକାର କରିବା, ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ଏବଂ ଜନ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ଅଧିକ ପ୍ରଭାବଶାଳୀ କରିବା ଉପରେ ମଧ ଆଲୋଚନା ହୋଇଥିଲା । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଆମ ସମସ୍ତଙ୍କ ପାଇଁ ନୂତନ ଶକ୍ତି ଏବଂ ଦୃଢ଼ତାର ଉତ୍ସ । ନୂତନ ଆତ୍ମବିଶ୍ୱାସ, ନୂତନ ଗତି ଏବଂ ନୂତନ ସଂକଳ୍ପ ସହିତ – ଏକ ବିକଶିତ ଓଡ଼ିଶା ଆଡ଼କୁ ।"

## ସେପ୍ଟେମ୍ବର ୨୨ରୁ ବିଧାନସଭା ମୌସୁମୀ ଅଧିବେଶନ



ଭୁବନେଶ୍ୱର,୨୫।୮(ମହାଭାରତ): ବିଧାନସଭା ସଚିବାଳୟ ଦ୍ୱାରା ଜାରି କରାଯାଇଥିବା ଅସ୍ଥାୟୀ କ୍ୟାଲେଣ୍ଡର ଅନୁଯାୟୀ, ୧୭ତମ ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ସେପ୍ଟେମ୍ବର ୨୨ ରୁ ଅକ୍ଟୋବର ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି।

ଅଧିବେଶନରେ ନଅଟି କାର୍ଯ୍ୟ ଦିବସ ସହିତ ଦୁଇଟି ନୋ-ବନ୍ଧ ଦିବସ ଏବଂ ଗୋଟିଏ ଛୁଟି ରହିବ। ସମୟୋଚିତ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ, ବିଧାନସଭା ସଚିବାଳୟ ସମୟସୂଚୀ ପ୍ରକ୍ରିୟାକୁ ଅତ୍ୟନ୍ତ ଜରୁରୀ ଭାବରେ ନାମିତ କରିଛି, ସରକାରଙ୍କୁ ଗୃହର ଆନୁଷ୍ଠାନିକ ଡକା ପାଇଁ ରାଜ୍ୟପାଳଙ୍କୁ ପଠାଇବାକୁ ଅନୁରୋଧ କରିଛି। ଅଧିବେଶନ ସମୟରେ କାର୍ଯ୍ୟପନ୍ଥା ଖଣି ଏବଂ ଖଣିଜ ପଦାର୍ଥ (ବିକାଶ ଏବଂ ନିୟନ୍ତ୍ରଣ) ସଂଶୋଧନ ବିଲ୍, ସ୍କୁଲ ପାଠ୍ୟପୁସ୍ତକରେ ରିପୋର୍ଟ ହୋଇଥିବା ତ୍ରୁଟି ଏବଂ ବିଭିନ୍ନ ଜିଲ୍ଲାକୁ ପ୍ରଭାବିତ କରୁଥିବା ଗମ୍ଭୀର ବନ୍ୟା ପରିସ୍ଥିତି ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେବ ବୋଲି ଆଶା କରାଯାଉଛି। ବିରୋଧୀ ଦଳଗୁଡ଼ିକ ବନ୍ୟା ରିଲିଫ୍ କାର୍ଯ୍ୟ, ଆଇନ ଶୃଙ୍ଖଳା ଚିନ୍ତା, କୃଷି ସମସ୍ୟା ଏବଂ ସ୍ଥାନୀୟ ପ୍ରଶାସନିକ ସମସ୍ୟା ଉପରେ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଇବାକୁ ଯୋଜନା କରୁଛନ୍ତି।ବିରୋଧୀ ଦଳ ପୂର୍ବରୁ ଏକ ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ଦାବି କରିଥିଲେ, କିନ୍ତୁ ସରକାର ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ, ନିୟମିତ ମୌସୁମୀ ଅଧିବେଶନ ମଧ୍ୟରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ସମ୍ପୂର୍ଣ୍ଣ ସମାଧାନ କରାଯାଇପାରିବ ବୋଲି ବଜାୟ ରଖିଥିଲେ। ଚଳିତ ବିଧାନସଭାର ସପ୍ତମ ଅଧିବେଶନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି, ଯେଉଁଠାରେ ପ୍ରମୁଖ ବିଧାନସଭା ବିଲ୍ ଉପସ୍ଥାପନ ଏବଂ ରାଜକୋଷ ଏବଂ ବିରୋଧୀ ଦଳ ମଧ୍ୟରେ ସକ୍ରିୟ ବିତର୍କ ଆଶା କରାଯାଉଛି।

## ସର୍ପାଘାତ ନେଉଛି ଜୀବନ, ଦିନକରେ ଗଲା ୬ ଜୀବନ



ଭୁବନେଶ୍ୱର,୨୫।୮(ମହାଭାରତ): ରାଜ୍ୟରେ ଏବେ ବନ୍ୟା ସହ ବର୍ଷାକୁ ଦୁର୍ଦ୍ଦଶା ଦେଖାଦେଇଛି। ଏହାରି ଭିତରେ ସାପ ଆତଙ୍କ ମଧ୍ୟ ବାଦ୍ ପଡି ନାହିଁ। ବିଭିନ୍ନ ସ୍ଥାନରେ ସାପ କାମୁଡ଼ାରେ ଅନେକଙ୍କ ମୃତ୍ୟୁ ହେଉଥିବା ବେଳେ ଆଜି ଗୋଟିଏ ଦିନରେ ରାଜ୍ୟରେ ୬ ଜଣଙ୍କର ଜୀବନ ଯାଇଛି।

ସୁନ୍ଦରଗଡ଼ରେ ୨ଟି ପରିବାରର ୪ ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଜଳେଶ୍ୱର ଏବଂ ଚାନ୍ଦବାଲିରେ ମଧ ସର୍ପାଘାତରେ ୨ ନାବାଳିକାଙ୍କର ମୃତ୍ୟୁ ହୋଇଛି।

ସୁନ୍ଦରଗଡ ଲାଠିକଟା ଥାନା ଅନ୍ତର୍ଗତ ହାତୀଓଡା ଗାଁରେ ସାପ କାମୁଡିବା ପରେ ଭାଇ-ଭଉଣୀ ଦୁଇ ଜଣ ଅଚେତ ହୋଇ ପଡିଥିଲେ । ପରିବାର ଲୋକ ଏ ସଂପର୍କରେ ଜାଣି ତୁରନ୍ତ ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ସେତେବେଳକୁ ବହୁ ବିଳମ୍ବ ହୋଇସାରିଥିଲା । ମେଡିକାଲରେ ଭାଇ-ଭଉଣୀଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ ।ସେହିପରି ବଣାଇ ଟିକାୟତପାଲି ଥାନା ଅନ୍ତର୍ଗତ ତିଳେଇମାଲ ଗାଁର ଭୂୟାଁ ସାହିରେ ରାତିରେ ଘରେ ଶୋଇଥିବା ବେଳେ ଅଜା ଓ ନାତିଙ୍କୁ ସାପ କାମୁଡ଼ିଥିବା ଜଣାପଡ଼ିଛି । ସର୍ପାଘାତ ପରେ ଉଭୟଙ୍କୁ ତୁରନ୍ତ ବଣାଇଁ ଡାକ୍ତରଖାନାକୁ ନିଆଯାଇଥିଲା । ତେବେ ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ଅଜା ଓ ନାତିଙ୍କୁ ମୃତ ଘୋଷଣା କରିଥିଲେ ।

ସେହିପରି ବାଲେଶ୍ୱରରେ ବନ୍ୟା ପରେ ସାପ ଆତଙ୍କ ଦେଖିବାକୁ ମିଳିଛି। ସାପ କାମୁଡାରେ ଜଣେ ନାବାଳିକାର ମୃତ୍ୟୁ ହୋଇଛି । ମୃତକ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ବିଷ୍ଣୁପୁର ଗାଁର ଭଗବାନ ପ୍ରମାଣିକଙ୍କ ଝିଅ ନନ୍ଦିତା ପ୍ରମାଣିକ । ଘର ବାହାରେ ଶୋଇଥିବା ବେଳେ ନନ୍ଦିତାଙ୍କୁ ଏକ ବିଷାକ୍ତ ସାପ କାମୁଡିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭଦ୍ରକ ଜିଲ୍ଲା ଚାନ୍ଦବାଲି ମୃଗନୟନୀ ଗାଁରେ ମଧ୍ୟ ସାପ କାମୁଡାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି ।

## କାର୍ଯ୍ୟକ୍ଷମ ହେବ ବନ୍ଦ ପଡ଼ିଥିବା ଚିନି କଳ : ମନ୍ତ୍ରୀ

ଭୁବନେଶ୍ୱର,୨୫।୮(ମହାଭାରତ): ଚିନି ଦର ବଢ଼ିବାକୁ ନେଇ ଯେତେବେଳେ ସାଧାରଣ ଲୋକ ଚିନ୍ତାରେ ଅଛନ୍ତି, ସେତେବେଳେ ଓଡିଶାରେ ବନ୍ଦ ହୋଇପଡିଥିବା ଚିନିକଳ ଗୁଡିକ କେବେ କାର୍ଯ୍ୟକ୍ଷମ ହେବ ତାକୁ ନେଇ ଉଠିଛି ପ୍ରଶ୍ନ । ଏହାରି ଭିତରେ ବନ୍ଦ ପଡିଥିବା ୩ ଚିନି କଳକୁ କାର୍ଯ୍ୟକ୍ଷମ କରିବାକୁ ସରକାର ଯୋଜନା ରଖିଛନ୍ତି ବୋଲି କହିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ । ଓଡିଶାରେ ଚାରି ଚିନି କଳ ଯଦି ଏକାସାଙ୍ଗରେ ଚାଲେ ତାହେଲେ ଏହା ରାଜ୍ୟବାସୀଙ୍କ ଚାହିଦା ମେଣ୍ଟାଇପାରିବ ବୋଲି ଆଶାବ୍ୟକ୍ତ କରିଛନ୍ତି ମନ୍ତ୍ରୀ ।ମାର୍କେଟରେ ନାହିଁ ଆବଶ୍ୟକ ପରିମାଣର ଚିନି । ତେଣୁ ଅହେତୁକ ଭାବେ ବୃଦ୍ଧି ପାଇଛି ଚିନି ଦର । ଯାହାକୁ ନେଇ ଚିନ୍ତାରେ ସାଧାରଣ ଲୋକେ । ଠିକ୍ ଏତିକି ବେଳେ ରାଜ୍ୟରେ ବନ୍ଦ ପଡିଥିବା ତିନି ତିନିଟି ଚିନି କ'ଣ କେବେ କାର୍ଯ୍ୟକ୍ଷମ ହେବ ତାକୁ ନେଇ ଉଠିଛି ପ୍ରଶ୍ନ ।

ଯାହାର ଉତ୍ତର ରଖିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ । ମନ୍ତ୍ରୀ କହିଛନ୍ତି ରାଜ୍ୟରେ ଗୋଟିଏ ଚିନିକଳ ଚାଲୁ ରହିଛି । ବାକି ତିନିଟି ଚିନି କଳ କାର୍ଯ୍ୟକ୍ଷମ ହେଲେ ଏହା ରାଜ୍ୟବାସୀଙ୍କ ଚିନି ଚାହିଦା ପୂରଣ କରିପାରିବ ।ମନ୍ତ୍ରୀ ଆହୁରି ବି କହିଛନ୍ତି ଯେ, ରାଜ୍ୟରେ ଥିବା ୪ଟି ଚିନିକଳ ମଧ୍ୟରୁ ଗୋଟିଏ ଅର୍ଥାତ୍ ଆସ୍କା ଚିନି କଳ ଚାଲୁ ରହିଛି । ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ ବଡମ୍ବା ଚିନି କଳ । ବଲାଙ୍ଗୀର ଚିନି କଳ ଖୋଲିବା ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ରହିଛି । ନୟାଗଡ଼ ଚିନି କଳ ନେଇ ଆଇନ ଗତ ପ୍ରକ୍ରିୟା ଖୁବ ଶୀଘ୍ର ସମାଧାନ ହେବ । ଏହା ପରେ ନୟାଗଡ ଚିନି କଳକୁ ମଧ କାର୍ଯ୍ୟକ୍ଷମ କରିବାକୁ ଯୋଜନା କରିଛନ୍ତି ସରକାର । ଏଥି ସହ ଆଗକୁ ଆଖୁଚାଷୀଙ୍କୁ ଅଧିକରୁ ଅଧିକ ପ୍ରୋତ୍ସାହନ ଦିଆଯିବ । ସେମାନଙ୍କୁ ଆଖୁ ଚାଷ ପାଇଁ ଟ୍ରେନିଂ ମଧ ଦିଆଯିବ ବୋଲି କହିଛନ୍ତି ସମବାୟ ମନ୍ତ୍ରୀ ।କେନ୍ଦ୍ର ସରକାରଙ୍କ ଅଧୀନରେ ଆଇପିଏଲ ସଂସ୍ଥା ବନ୍ଦ ପଡିଥିବା ବଡମ୍ବା ଚିନି କଳର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିବ ଏବଂ ସଂସ୍ଥାର କର୍ମଚାରୀ ମଧ ଆସି ସର୍ଭେ ଶେଷ କରିଛନ୍ତି । ଗଞ୍ଜାମ ଜିଲ୍ଲା ଆସିକା ନୂଆଗାଁ ଠାରେ ଥିବା ଏସିଆ ମହାଦେଶର ସର୍ବ ପ୍ରଥମ ସମବାୟ ଚିନି ଶିଳ୍ପ ଦିନକୁ ଦିନ ଆଖୁ ଚାଷ କମୁଥିବାରୁ ଉତ୍ପାଦନ ମଧ ବହୁମାତ୍ରାରେ କମିଛି । ତେବେ ଆଖୁ ଚାଷ ପାଇଁ ଚାଷୀଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ପାଇଁ ଆସିକା ସମବାୟ ଚିନି ଶିଳ୍ପର ପରିଚାଳନା ପରିଷଦ ଗଞ୍ଜାମ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ବିଭିନ୍ନ ପ୍ରଦେକ୍ଷ୍ୟେପ ଗ୍ରହଣ କରୁଛନ୍ତି ।




ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଏହି ପବିତ୍ର ଅବସର ଆମ ସମାଜରେ ଶାନ୍ତି, ପାରସ୍ପରିକ ସମ୍ମାନ ଓ ସଦ୍‌ଭାବନାକୁ ଅଧିକ ସୁଦୃଢ଼ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0094

15001/94/2627



ମହାପୁରୁଷ
ମହମ୍ମଦଙ୍କ ଜୟନ୍ତୀ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## କଞ୍ଚାଲଙ୍କା ଆଚାର



**ଆବଶ୍ୟକୀୟ ସାମଗ୍ରୀ :** କଞ୍ଚାଲଙ୍କା -୨୫୦ ଗ୍ରାମ, ଧନିଆ- ୧ଚାମଚ, ମଧୁରୀ-୧ଚାମଚ, ସୋରିଷ-୧ଚାମଚ, ମେଥି-୧ଚାମଚ, ହଳଦୀ ଅଧା ଚାମଚ, ହେଙ୍ଗୁ ଅଳ୍ପ, ଆମଚୁର ପାଉଡର-୨ଚାମଚ, ଭିନେଗାର-୧ଚାମଚ, ସୋରିଷ ତେଲ-୨ଚାମଚ, ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତ ପ୍ରଣାଳୀ :** ଏହି ସ୍ୱାଦିଷ୍ଟ ଆଚାର ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ କଞ୍ଚାଲଙ୍କାକୁ ଧୋଇ ମଝିରୁ ଅଧା କାଟି ଶୁଖାଇ ଦିଅନ୍ତୁ । ତାପରେ ଏକ କଡେଇରେ ମଧୁରୀ,ମେଥୀ ,ସୋରିଷ ଏବଂ ଧନିଆ ମିଶାଇ ଭାଜି ତାକୁ ଅଳ୍ପ ପେଶୀ ଦିଅନ୍ତୁ । ବର୍ତ୍ତମାନ ସମସ୍ତ ମସଲାକୁ ଉକ୍ତ ଲଙ୍କାରେ ମିଶାଇ ଦିଅନ୍ତୁ । ଏହିସବୁ ମସଲା ସହିତ ସେଥିରେ ହଳଦୀ, ଆମଚୁର ପାଉଡର ଏବଂ ଲୁଣ ପକାଇ ଗୋଳାଇ ଦିଅନ୍ତୁ ।

ବର୍ତ୍ତମାନ ଏକ କଡେଇରେ ତେଲ ଗରମ କରି ସେଥିରେ ହେଙ୍ଗୁ ଏବଂ ସମସ୍ତ ଲଙ୍କା ମସଲା ପକାଇ ଘୋଡାଇ ଦିଅନ୍ତୁ । ବର୍ତ୍ତମାନ ଗ୍ୟାସ ବନ୍ଦ କରି ତିନିରୁ ଚାରି ମିନିଟ ପର୍ଯ୍ୟନ୍ତ ଘୋଡାଇ ଛାଡି ଦିଅନ୍ତୁ । ଏବେ ଏହାକୁ ଓହ୍ଲାଇ ଥଣ୍ଡା କରି ଏଥିରେ କିଛି ଭିନେଗାର ମିଶାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଆପଣଙ୍କ ସ୍ୱାଦିଷ୍ଟ ଲଙ୍କା ଆଚାର ।

## ଖବର

# ତ୍ରିରଙ୍ଗା ପୋଷାକକୁ ନେଇ ବିବାଦରେ ଉର୍ବଶୀ ରୌତେଲା





ବଲିଉଡ ଅଭିନେତ୍ରୀ ଥା ମଡେଲ୍ ଉର୍ବଶୀ ରୌତେଲା ପ୍ରାୟତଃ ନିଜର ଫ୍ୟାସନ୍ ସେନ୍ସକୁ ନେଇ ଚର୍ଚ୍ଚାରେ ରୁହନ୍ତି । କିନ୍ତୁ ଏଥର ଅଭିନେତ୍ରୀ ଜଣକ ନିଜର ପୋଷାକକୁ ନେଇ ବିବାଦରେ ପଡ଼ିଛନ୍ତି । ତାଙ୍କୁ ତ୍ରିରଙ୍ଗାର ଅପମାନ କରିଥିବା ନେଇ ଅଭିଯୋଗ କରାଯାଉଛି । ପ୍ରକୃତରେ, ନିକଟରେ ଅନୁଷ୍ଠିତ 'ମିସ୍ ୟୁନିଭର୍ସ ଇଣ୍ଡିଆ' ପେଜେଣ୍ଟ୍ ଇଭେଣ୍ଟରେ ଅଭିନେତ୍ରୀ ଜଣକ ତ୍ରିରଙ୍ଗାରୁ ଅନୁପ୍ରାଣିତ ପୋଷାକ ପିନ୍ଧି ପହଞ୍ଚିଥିଲେ । ଏହା ପରେ ସୋସିଆଲ ମିଡିଆରେ ଅଭିନେତ୍ରୀଙ୍କୁ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡୁଛି । ତ୍ରିରଙ୍ଗାରୁ ଅନୁପ୍ରାଣିତ ପୋଷାକ ପିନ୍ଧିଲେ ଉର୍ବଶୀ ରୌତେଲା ରବିବାର ଦିନ ଜୟପୁରରେ 'ମିସ୍ ୟୁନିଭର୍ସ ଇଣ୍ଡିଆ' ପେଜେଣ୍ଟର ଫାଇନାଲ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ସେଲିନା ଜେଟଲୀ ଓ ସୁସ୍ମିତା ସେନ୍ ବ୍ୟତୀତ ବିଚାରକ ପ୍ୟାନେଲ୍‌ରେ ଉର୍ବଶୀ ରୌତେଲା ମଧ୍ୟ ସାମିଲ ଥିଲେ । ଏହି ସମୟରେ ଅଭିନେତ୍ରୀଜଣକ ତ୍ରିରଙ୍ଗାର ରଙ୍ଗ ଥିବା ଏକ ପୋଷାକ ପିନ୍ଧିଥିଲେ ଓ ତାଙ୍କ ପୋଷାକରେ ଅଶୋକ ଚକ୍ରର ପ୍ରତୀକ ମଧ୍ୟ ନଜର ଆସୁଥିଲା । ଏହି ସମୟରେ ଅଭିନେତ୍ରୀ ଏହି ପୋଷାକ ପିନ୍ଧି ରାମ୍ପ୍ ୱାକ୍ ମଧ୍ୟ କରିଥିଲେ । ଉର୍ବଶୀ ରୌତେଲା ଏଏନ୍‌ଆଇ ସହ କଥାବାର୍ତ୍ତା କରି କହିଛନ୍ତି ଯେ, ଏହି ଗାଉନ୍‌କୁ 'ଦାଶା' ନାମକ ଜଣେ ଆନ୍ତର୍ଜାତୀୟ ଡିଜାଇନର୍ ପ୍ରସ୍ତୁତ କରିଛନ୍ତି ଏବଂ ଏହାକୁ ତିଆରି କରିବାରେ ତିନି ମାସ ସମୟ ଲାଗିଛି । ତ୍ରିରଙ୍ଗା ଗାଉନ୍ ପିନ୍ଧିଥିବାରୁ ଅଭିନେତ୍ରୀ ଜଣକ ଖୁସି ବ୍ୟକ୍ତ କରି କହିଛନ୍ତି ଯେ ଆଜିର ଦିନଟି ବହୁତ ବିଶେଷ ଅଟେ । ଏହି ପୋଷାକକୁ ନେଇ ସୋସିଆଲ ମିଡିଆରେ ଲୋକମାନେ ଉର୍ବଶୀ ରୌତେଲାଙ୍କ ପ୍ରତି ନିଜର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି ।

## ସୂର୍ଯ୍ୟଙ୍କ କିରଣରେ ରହିଛି ଏହିସବୁ ବାସ୍ତୁ ଟିପ୍ସ

ଆମ ସଂସ୍କୃତି,ପରମ୍ପରାରେ ସୂର୍ଯ୍ୟଙ୍କୁ ସକଳ ଶକ୍ତିର ଆଧାର କୁହାଯାଇଥାଏ। ତେଣୁ ସକାଳେ ଉଠିବା ମାତ୍ରେ ସମସ୍ତେ ପ୍ରାୟତଃ ସୂର୍ଯ୍ୟ ପୂଜା କରିଥାନ୍ତି । ସୂର୍ଯ୍ୟ ଦେବତା ମନସ୍କାମନା ପୂର୍ଣ୍ଣ କରିଥାନ୍ତି ବୋଲି ଶାସ୍ତ୍ରରେ ମାନ୍ୟତା ରହିଛି । ତେବେ ଶାସ୍ତ୍ର ପରି ଜ୍ୟୋତିଷ ଓ ବାସ୍ତୁ ଶାସ୍ତ୍ରରେ ମଧ୍ୟ ସୂର୍ଯ୍ୟଙ୍କର ମହତ୍ତ୍ୱ ରହିଛି। ବାସ୍ତୁ ଅନୁସାରେ ,ଗୃହରେ ସୂର୍ଯ୍ୟ କିରଣ ପଡିବା ଦ୍ୱାରା ନକାରାତ୍ମକ ଶକ୍ତିର ବିନାଶ ହୋଇଥାଏ । ଏହା ସ୍ୱାସ୍ଥ୍ୟ ଲାଗି ମଧ୍ୟ ଭଲ ହୋଇଥାଏ । ସୂର୍ଯ୍ୟ କିରଣକୁ ନେଇଥିବା କିଛି ବାସ୍ତୁ ଟିପ୍ସ ସମ୍ପର୍କରେ ଆସନ୍ତୁ ଜାଣିବା ।



ସୂର୍ଯ୍ୟଙ୍କ କିରଣକୁ ଶକ୍ତିର ଉତ୍ସ ବୋଲି କୁହାଯାଏ । ଯେଉଁ ଘରେ ସୂର୍ଯ୍ୟ କିରଣ ପଡେନାହିଁ,ସେଠାରେ ବାସ୍ତୁ ଦୋଷ ଉତ୍ପନ୍ନ ହୋଇଥାଏ । ଭୋର ୪ଟାରୁ ୬ଟା ପର୍ଯ୍ୟନ୍ତ ସମୟକୁ ବ୍ରାହ୍ମ ମୁହୂର୍ତ୍ତ କୁହାଯାଇଥାଏ । ଏହି ସମୟରେ ସୂର୍ଯ୍ୟ ଅସୀମ ଉର୍ଜାର ଭଣ୍ଡାର ହୋଇଥାନ୍ତି । ଏହି ସମୟରେ ସୂର୍ଯ୍ୟ ଦେବତା ଐଶାନ୍ୟ କୋଣରେ ଅବସ୍ଥାପିତ ହୋଇଥାନ୍ତି । ତେଣୁ ଘରର ଐଶାନ୍ୟ କୋଣରେ ଠାକୁର ଘର କମ୍ବା ଅଧ୍ୟୟନ କକ୍ଷ ରହିବା ଉଚିତ୍ । ରାତି ୯ଟାରୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ କୋଣରେ ରହିଥାନ୍ତି । ତେଣୁ ଏଦିଗରେ ଗ୍ୟାରେଜ,ଗୋଶାଳା ଆଦି ରହିବା ଉଚିତ ।

ବାସ୍ତୁରେ ଏହା ମଧ୍ୟ କୁହାଯାଇଛି ଯେ ଆପଣଙ୍କ ବାଥରୁମ୍ ଓ ରୋଷେଇ ଘରେ ମଧ୍ୟ ସୂର୍ଯ୍ୟଙ୍କର କିରଣ ଯେପରି ପଡେ,ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଏହାଦ୍ୱାରା ଆପଣଙ୍କ ଜୀବନରୁ ଅଶୁଭ ଗ୍ରହ ଦୋଷ ଦୂର ହୋଇଥାଏ ।

# କାମାଶ୍ରମର ନାମକରଣ

ଦଶରଥଙ୍କଠାରୁ ଅନୁମତି ପାଇଁ ଋଷି ବିଶ୍ୱାମିତ୍ରଙ୍କ ସହ ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣ ଯାତ୍ରା କଲେ । ଏହିପରି ଯାଉ ଯାଉ ପଥ ମଧ୍ୟରେ ଏକ ଆଶ୍ରମ ପଡ଼ିଲା । ସେହି ସମୟକୁ ସନ୍ଧ୍ୟା ଆଗତପ୍ରାୟ । କୁମାରଦ୍ୱୟ ପାଦରେ ଚାଲି ଚାଲି ପଥଶ୍ରାନ୍ତ ହୋଇଥିବେ ମନେ କରି ବିଶ୍ୱାମିତ୍ର ସେହି ଆଶ୍ରମ ମଧ୍ୟକୁ ପ୍ରବେଶ କଲେ ଏବଂ କୁମାରଦ୍ୱୟଙ୍କୁ ତାଙ୍କ ପଛରେ ଆସିବାକୁ ନିର୍ଦ୍ଦେଶ ଦେଲେ । ବିଶ୍ୱାମିତ୍ର ଯେଉଁ ଆଶ୍ରମରେ ବିଶ୍ରାମ ନେଲେ, ସେହି ଆଶ୍ରମର ଋଷି ଓ ଶିଷ୍ୟମାନେ ଆସି ବିଶ୍ୱାମିତ୍ରଙ୍କୁ ବହୁତ୍ ସମାଦନ ସହକାରେ ଗ୍ରହଣ କଲେ । ବିଶ୍ୱାମିତ୍ର ଅଯୋଧ୍ୟାର ରାଜକୁମାରଙ୍କ ପରିଚୟ ସେହି ଆଶ୍ରମବାସୀଙ୍କୁ ଜଣାଇଲେ ।



ଆଶ୍ରମବାସୀ ରାମ ଲକ୍ଷ୍ମଣଙ୍କୁ ଦେଖି ବହୁତ ଆନନ୍ଦ ଅନୁଭବ କଲେ । ବିଶ୍ୱାମିତ୍ର ଓ ରାଜକୁମାରଦ୍ୱୟଙ୍କୁ ସ୍ୱାଦିଷ୍ଟ ଫଳମୂଳ ଦ୍ୱାରା ସତ୍କାର କଲେ ଏବଂ ରାତ୍ରରେ ଶୟନ ପାଇଁ କୋମଳପତ୍ର ବିଛଣା ପ୍ରସ୍ତୁତ କରିଦେଲେ । ଶୟନ ସମୟରେ ରାମ ଲକ୍ଷ୍ମଣ ଗୁରୁଙ୍କ ପଦସେବା କରିବା ସମୟରେ ରାମ କହିଲେ, ଗୁରୁଦେବ ! ଏହି ଆଶ୍ରମର ନାମ କ'ଣ ଦୟାକରି ଜଣାନ୍ତୁ । ବିଶ୍ୱାମିତ୍ର କହିଲେ, ବତ୍ସ !ଏହି ଆଶ୍ରମର ନାମ ହେଉଛି 'କାମାଶ୍ରମ' । ଏହି ସ୍ଥାନରେ ଭଗବାନ ଶଙ୍କର ତପସ୍ୟା କରୁଥିଲେ । ସ୍ୱର୍ଗରୁ ନରକାସୁର ଉତ୍ପାତ ଆରମ୍ଭ କରିଦେଲା । ଭଗବାନ ଶଙ୍କରଙ୍କର ଶକ୍ତି ନ ହେଲେ ସେହି ଦାନବର ମୃତ୍ୟୁ ହେବ ନାହିଁ । ତେଣୁ ଦେବରାଜ ଇନ୍ଦ୍ର ଭଗବାନ ଶଙ୍କର ତପଃ ଭଗ୍ନ ପାଇଁ କାମଦେବକୁ ସେହି ସ୍ଥାନକୁ ପଠାଇଥିଲେ । ସେଠାରେ କାମଦେବ ଫୁଲଶର ମାରି ପ୍ରଭୁଙ୍କ ତପ ଭଗ୍ନ କରିଥିଲେ । କାମଦେବ ଭସ୍ମ ହୋଇଯିବା ପରେ ଭଗବାନ ଶିବ ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ । ଦେବଗଣ ଦେବୀ ପାର୍ବତୀଙ୍କୁ ସହାୟତାରେ ମହଦେଙ୍କ ନିୟମନ୍ତ୍ରଣ କଲେ । ଏହାଦ୍ୱାରା କାର୍ତ୍ତିକେୟ ଜନ୍ମ ନେଲେ । କାର୍ତ୍ତିକେୟ ନରକାସୁରକୁ ସଂହାର କଲେ । କାମଦେବଙ୍କ ପତ୍ନୀ ରତି ଦେବୀ ବିଳାପ କଲେ ଓ ଶିବଙ୍କୁ ପୂଜା କଲେ । ଭଗବାନ ଶିବ ସନ୍ତୁଷ୍ଟ ହୋଇ ଏହି ଆଶ୍ରମ ତିଆରି କରିଦେଲେ । ରତି ସେହିଦିନରୁ ଏହି ଆଶ୍ରମରେ ଅଛନ୍ତି । ଏହି ଆଶ୍ରମର ନାମ ସେଥିଯୋଗୁଁ କାମଦେବଙ୍କ ନାମରେ କାମାଶ୍ରମ ହୋଇଛି । ବିଶ୍ୱାମିତ୍ର କହିଲେ ହେ ରାମ / ରାତ୍ରି ଗଭୀର ହେଲା । ଏବେ ବିଶ୍ରାମ ନିଅ, କାଲି ବହୁତ୍ ଦୂରପଥ ଯାତ୍ରା କରିବାକୁ ହେବ। ରାମଲକ୍ଷ୍ମଣ ଗୁରୁଙ୍କ ନିର୍ଦ୍ଦେଶନୁସାରେ ବିଶ୍ରାମ ନେଲେ ।

# ସୌନ୍ଦର୍ଯ୍ୟରେ ଭରପୂର ଭାରତର ଶେଷ ରାସ୍ତା



ସାସିଆଲ ମିଡିଆରେ ବର୍ତ୍ତମାନ ଭାରତର ଶେଷ ରାସ୍ତାର ଭିଡିଓ ବେଶ୍ ଭାଇରାଲ୍ ହେଉଛି । ଏହି ଭିଡିଓ ତାମିଲନାଡୁର ଧନୁଷକୋଡିରୁ ଆସିଛି । ଯାହା ଭାରତ ସରକାରର ନିଜର ଟ୍ୱିଟର ହ୍ୟାଣ୍ଡେଲରେ ପୋଷ୍ଟ କରିଛନ୍ତି । ଭିଡିଓଟିରେ ଦେଖାଯାଉଛି ରାସ୍ତାର ଚାରି ପାଖରେ ସମୁଦ୍ର ଘେରି ରହିଛି । ଭାରତ ସରକାର ଏହି ଭିଡିଓକୁ ଫେବ୍ରୁଆରୀ ୬ରେ ସେୟାର କରିଛନ୍ତି । କ୍ୟାପସନ୍‌ରେ ଲେଖାଯାଇଥିଲା, ଚମତ୍କାର ସୌନ୍ଦର୍ଯ୍ୟକୁ ଦେଖନ୍ତୁ । ତାମିଲନାଡୁର ଧନୁଷକୋଡିରେ ଭାରତର ଶେଷ ରାସ୍ତାର ମନମୁଗ୍ଧ କରୁଥିବା ଦୃଶ୍ୟ ଦେଖନ୍ତୁ । ଏହି ଭିଡିଓକୁ ଥିରୁମାଲା ସଞ୍ଚାରୀ ଡ୍ରୋନ କ୍ୟାମେରାରେ କଏଦ କରିଛନ୍ତି । ଏଥିରେ ଭାରତର ଶେଷ ରାସ୍ତା 'ଅରିଚଲ ମୁନାଇ'ର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖାଯାଉଛି । ବର୍ତ୍ତମାନ ଇଣ୍ଟରନେଟ୍‌ରେ ଏହାର ଭିଡିଓ ବେଶ ଭାଇରାଲ ହେଉଛି । ଲୋକେ ଏହାକୁ ବେଶ ପସନ୍ଦ କରୁଛନ୍ତି । କିଛି ଲୋକେ ଏହି ସ୍ଥାନର ତୁଳନା ଶିବଲିଙ୍ଗ ସହ ମଧ୍ଯ କରୁଛନ୍ତି । ଏଥିରେ ୧୧ ହଜାରରୁ ଅଧିକ ଲୋକେ ଲାଇକ୍ କରିଛନ୍ତି । ଜଣେ ଲେଖିଛନ୍ତି, ସୌନ୍ଦର୍ଯ୍ୟ ଓ ସ୍ମରଣୀୟ । ଅନ୍ୟ ଜଣେ ଲେଖିଛନ୍ତି, ଅବିଶ୍ୱସନୀୟ ଭାରତ । ତାମିଲନାଡୁର ରାମେଶ୍ୱରମ ଦ୍ୱୀପର ଦକ୍ଷିଣ-ପୂର୍ବରେ ସ୍ଥିତ ଧନୁଷକୋଡି ଏକ ଶାନ୍ତ ସହର । ଏହି ସ୍ଥାନର ବିଶେଷ ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି । ଏଠାରେ ଭାରତର ଶେଷ ରାସ୍ତା ରହିଛି । ଚାରିପାଖରେ କେବଳ ସମୁଦ୍ର ରହିଛି ,ଏହି କାରଣରୁ ଭଗବାନ ରାମ ଓ ତାଙ୍କ ସେନା ଲଙ୍କା ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ସେତୁ ନିର୍ମାଣ କରିଥିଲେ ବୋଲି ମାନ୍ୟତା ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ପୂର୍ବରୁ ଅରିଚଲ ମୁନାଇ ଗସ୍ତ କରିଥିଲେ । ୩ ଦିଗରେ ସମୁଦ୍ର ରହିଥିବା ବେଳେ ଏହାକୁ ଭାରତ ଓ ଶ୍ରୀଲଙ୍କାର ସ୍ଥଳଭାଗରେ ଯୋଗାଯୋଗର ମାଧ୍ୟମ ବୋଲି ଜଣାଯାଏ । ବର୍ତ୍ତମାନ ଏହା ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଭାବେ ଜଣାଶୁଣା । ଏଠାରେ ପ୍ରତିବର୍ଷ ଲକ୍ଷାଧିକ ଲୋକେ ଏକାଠି ହୋଇଥାଆନ୍ତି ।

# ବର୍ଷାଦିନେ କଇଁଥ ଖାଇବାର ଲାଭ

ବର୍ଷା ଋତୁରେ ସାଧାରଣତଃ ଅନେକ ଲୋକଙ୍କୁ ଥଣ୍ଡା, ଜ୍ୱର ଭଳି ସମସ୍ୟା ହୋଇଥାଏ । ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମ ଥିଲେ ଏସବୁ ରୋଗ ଅତି ସହଜରେ ହୋଇଥାଏ । ତେବେ ଆଜି ଆମେ ଆପଣଙ୍କୁ ଏମିତି ଏକ ଫଳ ବାବଦରେ



କହିବୁ, ଯାହାକୁ ବର୍ଷାଦିନେ ଖାଇବା ଦ୍ୱାରା ଅନେକ ଲାଭ ମିଳିଥାଏ । ଏହି ଫଳଟି ହେଉଛି କଇଁଥ ।

୧. ବର୍ଷା ଋତୁରେ କଇଁଥ ଖାଇବାର ଆବଶ୍ୟକତା

ବର୍ଷା ଦିନେ ବିଭିନ୍ନ ପ୍ରକାରର ପେଟ ସଂକ୍ରମଣ ଓ ହଜମ ଜନିତ ସମସ୍ୟା ଦେଖାଦେଇଥାଏ । କଇଁଥର ଖଟା-ମିଠା ସ୍ୱାଦ କେବଳ ପାଟିକୁ ସ୍ୱାଦିଷ୍ଟ ଲାଗେନାହିଁ, ବରଂ ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ, ଭିଟାମିନ୍ ସି, କ୍ୟାଲସିୟମ୍, ଆଇରନ୍ ଓ ଫାଇବର ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ ।

୨. ଗର୍ଭବତୀ ମହିଳାଙ୍କ ପାଇଁ ବିଶେଷ ଲାଭ

ଗର୍ଭାବସ୍ଥାରେ କୋଷ୍ଠକାଠିନ୍ୟ ଏକ ସାଧାରଣ ସମସ୍ୟା । କଇଁଥରେ ପ୍ରଚୁର ପରିମାଣରେ ଫାଇବର ଥିବାରୁ ଏହା ପେଟ ସଫା ରଖିବାରେ ଏବଂ ହଜମ କ୍ଷମତା ବଢ଼ାଇବାରେ ସାହାଯ୍ୟ କରେ । ଏଥିରେ ଥିବା ପୋଟାସିୟମ୍ ଶରୀରରେ ଫ୍ଲୁଇଡ୍ (ତରଳ ପଦାର୍ଥ) ଏବଂ ଇଲେକ୍ଟ୍ରୋଲାଇଟ୍ ସନ୍ତୁଳନ ରଖିବାରେ ସାହାଯ୍ୟ କରେ । ଗର୍ଭାବସ୍ଥାରେ ଦେଖାଯାଉଥିବା ଝାଡ଼ା, ବାନ୍ତି ଓ ଏସିଡିଟିରୁ ଏହା ଉପଶମ ଦେଇଥାଏ ।

୩. ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଉପକାରିତା

କିଡ୍?ନୀ ଓ ଲିଭର୍ ସୁସ୍ଥ ରଖେ: କଇଁଥରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ କିଡ୍?ନୀ ଏବଂ ଲିଭରକୁ ସଂକ୍ରମଣରୁ ରକ୍ଷା କରିଥାଏ ।ସେହିପରି ଏହା ରକ୍ତରେ ଖରାପ କୋଲେଷ୍ଟ୍ରୋଲ୍ ସ୍ତରକୁ କମାଇବାରେ ସାହାଯ୍ୟ କରେ । ଏହାର ସର୍ବତ/ଜୁସ୍ ପିଇବା ଦ୍ୱାରା ଶରୀର ଡିହାଇଡ୍ରେସନ୍‌ରୁ ରକ୍ଷା ପାଏ ଓ ତୁରନ୍ତ ଶକ୍ତି ମିଳିଥାଏ ।ହଁ, ମନେରଖିବେ ଯେ ଗର୍ଭବତୀ ମହିଳାମାନେ କଇଁଥ ସୀମିତ ପରିମାଣରେ ଖାଇବା ଉଚିତ୍ । ଅଧିକ ପରିମାଣରେ ଖାଇଲେ ପେଟ ଗ୍ୟାସ୍ କିମ୍ବା ବଦହଜମି ହୋଇପାରେ । କୌଣସି ଖାଦ୍ୟ ପରିବର୍ତ୍ତନ ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଭଲ ।

# ନଗର ଉନ୍ନୟନ ଓ ଗମନାଗମନ ବ୍ୟବସ୍ଥାର ଉଚ୍ଚସ୍ତରୀୟ ସମୀକ୍ଷା

ଭୁବନେଶ୍ୱର,୨୫।୮ (ମହାଭାରତ): ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ବୁଧବାର ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ନଗର ଉନ୍ନୟନ ଓ ସହରାଂଚଳରେ ଗମନାଗମନ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଭାଗ ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା । ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା, ସହରାଂଚଳରେ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ବରାଦ ଅର୍ଥର ସମୟୋଚିତ ବିନିଯୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଉଷା ପାଢ଼ୀ, ଡିଏମ୍ଏ ଅରିନ୍ଦମ ଡାକୁଆଙ୍କ ସମେତ ସମସ୍ତ ସ୍ୱତନ୍ତ୍ର ସଚିବ , ଅତିରିକ୍ତ ସଚିବ , କ୍ରୁଟ୍ ର ବରିଷ୍ଠ ଅଧିକାରୀ ଏବଂ ଅନ୍ୟ ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ। ମନ୍ତ୍ରୀ ଡ. ମହାପାତ୍ର ବିଭାଗ ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ବିସ୍ତୃତ ସମୀକ୍ଷା କରିବା ସହ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା, ବିଭିନ୍ନ ବାଧାବିଘ୍ନ ଦୂର କରିବା ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବରାଦ ଅର୍ଥର ବିନିଯୋଗ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମନ୍ୱିତ ପଦକ୍ଷେପ, ନିୟମିତ ତଦାରଖ ଓ ଫଳାଫଳଭିତିକ କାର୍ଯ୍ୟାନ୍ୱୟନ ମାଧ୍ୟମରେ ନଗର ଉନ୍ନୟନମୂଳକ ପଦକ୍ଷେପଗୁଡ଼ିକର ସୁଫଳ ଯେପରି ନାଗରିକମାନଙ୍କ ନିକଟରେ ଶୀଘ୍ର ପହଂଚିପାରିବ, ସେଥିପାଇଁ ସେ ଗୁରୁତ୍ୱାରୋପ କରିଥିଲେ।



ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଡଃ ମହାପାତ୍ର କହିଥିଲେ ଯେ ବିଭିନ୍ନ ଆୟ ବର୍ଗର ଲୋକଙ୍କ ପାଇଁ ସରକାର ସୁଲଭ ଆବାସ ସୁବିଧା ବିସ୍ତାର ଉପରେ ଗୁରୁତ୍ୱ ଦେଉଛନ୍ତି । ଆର୍ଥିକ ଦୁର୍ବଳ ବର୍ଗ , ନିମ୍ନ ଆୟ ବର୍ଗ ଏବଂ ମଧ୍ୟମ ଆୟ ବର୍ଗ ପାଇଁ ନୂତନ ଆବାସ ମଡେଲ ବିକଶିତ କରିବା ସହ ସହରାଞ୍ଚଳବାସୀଙ୍କ ପରିବର୍ତିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭଡ଼ା ଆବାସ ବ୍ୟବସ୍ଥାର ସମ୍ଭାବନା ନେଇ ମଧ୍ୟ ଆଲୋଚନା ହୋଇଥିଲା। ମହାରାଷ୍ଟ୍ରର ସମ୍ପ୍ରତିକ ଗସ୍ତ ସମ୍ପର୍କରେ ଉଲ୍ଲେଖ କରି ମନ୍ତ୍ରୀ କହିଥିଲେ ଯେ ପ୍ରିକାଷ୍ଟ ନିର୍ମାଣ ପ୍ରଯୁକ୍ତି ଏବଂ "ମିଶନ୍ ୧୦୦" ଭଳି ପଦକ୍ଷେପ, ଯେଉଁଥିରେ ୧୦୦ ଦିନରେ ୧୦୦ଟି ଘର ନିର୍ମାଣ କରାଯାଉଛି, ତାହା ଅଧ୍ୟୟନ କରାଯାଇଛି। ଓଡ଼ିଶାରେ ଏଭଳି ପ୍ରଯୁକ୍ତି ଉପଯୋଗ କରାଯିବାର ସମ୍ଭାବନା ଅନୁଧ୍ୟାନ କରିବା ପାଇଁ ଏକ ବୈଷୟିକ ଦଳ ପଠାଯିବ। ନିର୍ଦ୍ଧାରିତ ବୈଷୟିକ ଓ ନିର୍ମାଣ ମାନଦଣ୍ଡ ବଜାୟ ରଖି ଗୁଣାତ୍ମକ ଓ ସୁଲଭ ଆବାସ ନିର୍ମାଣକୁ ତ୍ୱରାନ୍ୱିତ କରିବା ଏହି ପଦକ୍ଷେପର ଲକ୍ଷ୍ୟ । ମନ୍ତ୍ରୀ ଆହୁରି କହିଥିଲେ ଯେ ବୃହତର ସହରାଂଚଳକୁ ଯୋଜନାବଦ୍ଧ ଓ ବ୍ୟବସ୍ଥିତ ଭାବେ ଅନ୍ତର୍ଭୁକ୍ତ କରି ଟାଉନ୍ ପ୍ଲାନିଂ ସ୍କିମ୍ ର ପରିସର ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସୁଦୃଢ଼ ସହରାଂଚଳ ବିକାଶ ଯୋଜନା ବ୍ୟବସ୍ଥା ଏବଂ ବିସ୍ତାରିତ ସହରଗୁଡ଼ିକର ଶୃଙ୍ଖଳିତ ବିକାଶ ସୁନିଶ୍ଚିତ କରିବା ସରକାରଙ୍କ ଏକ ପ୍ରମୁଖ ପ୍ରାଥମିକତା ହେବ। ସହରାଂଚଳ ଗମନାଗମନ ସମ୍ପର୍କରେ ମନ୍ତ୍ରୀ ଡଃ ମହାପାତ୍ର ରାଜ୍ୟର ବିଭିନ୍ନ ସହରରେ "ଓଡ଼ିଶା ଯାତ୍ରୀ" 'ଆପ' ବ୍ୟାପକ କରାଯିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହା ମାଧ୍ୟମରେ ଯାତ୍ରୀମାନଙ୍କୁ ଅଧିକ ସୁବିଧାଜନକ ଓ ନିର୍ଭରଯୋଗ୍ୟ ଗମନାଗମନ ସୁବିଧା ଯୋଗାଇବା ସହ ପ୍ଲାଟଫର୍ମ ସହ ଜଡ଼ିତ ଚାଳକମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୁଯୋଗ ଓ ପ୍ରତ୍ୟକ୍ଷ ଲାଭ ସୁନିଶ୍ଚିତ କରାଯିବ। ବୈଠକରେ ମୌସୁମୀ ବର୍ଷା ଯୋଗୁଁ ସହରାଂଚଳ ରାସ୍ତାଘାଟ ଓ ଡ୍ରେନେଜ୍ ଭିତିଭୂମିରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କିତ ବିଷୟଗୁଡ଼ିକର ମଧ୍ୟ ସମୀକ୍ଷା କରାଯାଇଥିଲା । ପ୍ରବଳ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଆବଶ୍ୟକ କାର୍ଯ୍ୟଗୁଡ଼ିକୁ ସମୟୋଚିତ ଭାବେ ସମାପ୍ତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଭାରୀ ବର୍ଷା ସମୟରେ ଜଳବନ୍ଦୀ ସମସ୍ୟା ହ୍ରାସ କରିବା ଏବଂ ସହରାଞ୍ଚଳର ସହନଶୀଳତା ବୃଦ୍ଧି ପାଇଁ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଷ୍ଟର୍ମ ୱାଟର ଡ୍ରେନେଜ୍ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି ଓ କାର୍ଯ୍ୟାନ୍ୱୟନକୁ ମଧ୍ୟ ତ୍ୱରାନ୍ୱିତ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ମନ୍ତ୍ରୀ ଜିଲ୍ଲାସ୍ତରର ବିକାଶ ପ୍ରାଧିକରଣଗୁଡ଼ିକର ପ୍ରତିଷ୍ଠାନଗତ ସୁଦୃଢ଼ୀକରଣ ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ । ପ୍ରଭାବଶାଳୀ ଟାଉନ୍ ପ୍ଲାନିଂ, ଯୋଜନାବଦ୍ଧ ସହର ବିସ୍ତାର ଏବଂ ସମନ୍ୱିତ ନଗର ଉନ୍ନୟନ ପାଇଁ ଏହି ସଂସ୍ଥାଗୁଡ଼ିକୁ ଆବଶ୍ୟକ କ୍ଷମତା ଓ ସାମର୍ଥ୍ୟ ପ୍ରଦାନ କରି ସୁଦୃଢ଼ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀ ସମସ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଘନିଷ୍ଠ ସମନ୍ୱୟ ବଜାୟ ରଖିବା, କ୍ଷେତ୍ର ସ୍ତରୀୟ ତଦାରଖକୁ ସୁଦୃଢ଼ କରିବା ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେ ଦୋହରାଇଥିଲେ ଯେ ସରକାରଙ୍କ ସହରାଂଚଳ ବିକାଶ ପ୍ରୟାସଗୁଡ଼ିକ ସହରାଂଚଳ ଜୀବନର ଗୁଣବତାରେ ଉଲ୍ଲେଖନୀୟ ଉନ୍ନତି ଆଣିବା ସହିତ ସୁଚିନ୍ତିତ, ନମନୀୟ ଏବଂ ନାଗରିକ କୈନ୍ଦ୍ରିକ ସହର ସୃଷ୍ଟି ଉପରେ ଧ୍ୟାନ ଦେବା ଆବଶ୍ୟକ।

## ଓଡ଼ିଶାର ସ୍ୱାର୍ଥ ପାଇଁ ଏକାଠି ହେବାକୁ ନବୀନଙ୍କ ଆହ୍ୱାନ

ଭୁବନେଶ୍ୱର,୨୫।୮ (ମହାଭାରତ): ଖଣି ଏବଂ ଖଣିଜ (ବିକାଶ ଓ ନିୟାମକ) ବା ଏମଏମଡିଆର ସଂଶୋଧନ ବିଲ୍ କୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ତୀବ୍ର ବର୍ଷିଛନ୍ତି ଓଡ଼ିଶାର ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଏହି ସଂଶୋଧିତ ଆଇନ ଓଡ଼ିଶାର ଖଣି ସମ୍ପଦ ଉପରେ ରାଜ୍ୟର ଅଧିକାର ଓ ରାଜସ୍ୱକୁ କ୍ଷତିଗ୍ରସ୍ତ କରିବ ବୋଲି ସେ ଅଭିଯୋଗ କରିଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏକ ଭିଡିଓ ବାର୍ତାରେ ନବୀନ କହିଛନ୍ତି, "ଏ ମାଟି ଆମର, ଏ ଖଣି ସମ୍ପଦ ମଧ୍ୟ ଆମର।" ଓଡ଼ିଶାକୁ ଦୁର୍ବଳ କରିବା ପାଇଁ ଚାଲିଥିବା ଷଡ଼ଯନ୍ତ୍ରକୁ ରାଜ୍ୟବାସୀ କଦାପି ବରଦାସ୍ତ କରିବେ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ୨୦୦୦ ମସିହାରେ ବିଜେଡି ସରକାର ଦାୟିତ୍ୱ ନେବା ସମୟରେ ରାଜ୍ୟର ଆର୍ଥିକ ସ୍ଥିତି ଦୟନୀୟ ଥିଲା । ୨୦୨୪ରେ ସରକାର ପରିବର୍ତନ ସମୟରେ ପ୍ରାୟ ୫୦ ହଜାର କୋଟି ଟଙ୍କାର ବଳକା ରାଜସ୍ୱ ଛାଡ଼ିଥିବା ଦାବି କରି ସେ କହିଛନ୍ତି ଯେ ଦୃଢ଼ ଆର୍ଥିକ ପରିଚାଳନା ସହ ଖଣି ରାଜସ୍ୱ ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା। କିନ୍ତୁ ମାତ୍ର ଦୁଇ ବର୍ଷ ଭିତରେ ସବୁକିଛି ବଦଳିଗଲା। ଓଡ଼ିଶାକୁ ଏବେ ପୁଣି କେନ୍ଦ୍ରର ଦୟା ଉପରେ ନିର୍ଭର କରିବାକୁ ପଡ଼ିବ।

ଆପଣମାନେ ଓଡ଼ିଶାରୁ ଲୋକସଭାକୁ ୨୦ ଜଣ ବିଜେପି ସାଂସଦ ପଠାଇଲେ, କିନ୍ତୁ ଏ ମାଟିର ସ୍ୱାର୍ଥ ପାଇଁ ସେମାନଙ୍କ ମଧ୍ୟରୁ କେହି ହେଲେ ପାଟି ଖୋଲିଲେ ନାହିଁ। ରାଜ୍ୟ ତଥା ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା କରିବାରେ ସେମାନେ ସମ୍ପୂର୍ଣ୍ଣ ବିଫଳ ହେଲେ। ଏମଏମଡିଆର ସଂଶୋଧନ ବିଲ୍ କୁ ସଂସଦରେ ଆଲୋଚନା ବିନା ପାସ୍ କରାଯାଇଥିବା ନବୀନ ଅଭିଯୋଗ କରିଛନ୍ତି। ରାଜ୍ୟସଭାରେ କେବଳ ବିଜେଡି ସାଂସଦମାନେ ବିଲ୍ କୁ ଦୃଢ଼ ବିରୋଧ କରିଥିବା ସେ ଦାବି କରିଛନ୍ତି। ବିଲ୍‌କୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସର୍ବଦଳୀୟ ବୈଠକ ଏବଂ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ସେ ଅନୁରୋଧ କରିଥିବା କହିଛନ୍ତି। ନବୀନ କହିଛନ୍ତି ଓଡ଼ିଶାରେ ଥିବା କ୍ରୋମାଇଟ୍, ବକ୍ସାଇଟ୍, ଲୁହାପଥର, କୋଇଲା ଓ ମାଙ୍ଗାନିଜ୍ ଭଳି ଖଣିଜ ସମ୍ପଦରୁ ରାଜ୍ୟ ରାଜସ୍ୱ ପାଇଥାଏ। ନୂଆ ଆଇନ ଯୋଗୁଁ ରାଜ୍ୟର ଆୟ ହ୍ରାସ ପାଇଲେ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କାର କ୍ଷତି ହୋଇପାରେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ଏହାର ପ୍ରଭାବରେ ସ୍କୁଲ, କଲେଜ, ଡାକ୍ତରଖାନା, ରାସ୍ତା, ପୋଲ ଓ ଅନ୍ୟାନ୍ୟ ଭିତିଭୂମି ଏବଂ ଜନକଲ୍ୟାଣ ଯୋଜନା ପ୍ରଭାବିତ ହୋଇପାରେ ବୋଲି ସେ କହିଛନ୍ତି। ଏହି ପ୍ରସଙ୍ଗରେ ଦଳମତ ନିର୍ବିଶେଷରେ ସମସ୍ତେ ଓଡ଼ିଶାର ସ୍ୱାର୍ଥ ପାଇଁ ଏକାଠି ହେବା ଆବଶ୍ୟକ।

## କିଟ୍ ଓ କିସ୍‌ର କାର୍ଯ୍ୟକୁ ଭୁଟାନ୍ ପ୍ରତିନିଧିମଣ୍ଡଳୀଙ୍କ ପ୍ରଶଂସା

ଭୁବନେଶ୍ୱର,୨୫।୮ (ମହାଭାରତ): କେମ୍ବ୍ରିଜ୍ ଶିକ୍ଷା ଏକାଡେମିକ୍ ଇମରସନ୍ କାର୍ଯ୍ୟକ୍ରମ ପରିପେକ୍ଷୀରେ ୭ଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ଭୁଟାନର ଶିକ୍ଷକ ପ୍ରତିନିଧିମଣ୍ଡଳୀ ଆଜି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଭୁଟାନର ଶିକ୍ଷା ଓ କୌଶଳ ବିକାଶ ମନ୍ତ୍ରଣାଳୟ ଅଧୀନ ସ୍କୁଲ ଏଜୁକେସନ ବିଭାଗର ଏକ ପ୍ରତିନିଧି ଦଳ 'ଇଣ୍ଡିଆ ଟ୍ରେକ୍' କାର୍ଯ୍ୟକ୍ରମରେ ଆସି କିଟ୍‌ରେ ରହୁଛନ୍ତି। ଏହି ଅବସରରେ ସେମାନେ ଶିକ୍ଷା କ୍ଷେତ୍ରରେ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ଅବଦାନର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରତିନିଧି ଦଳର ସଦସ୍ୟମାନେ ପ୍ରତିକ୍ରିୟାରେ କହିଲେ, ବିଶ୍ୱରେ ଅନେକ ଲୋକ ବିଭିନ୍ନ କ୍ଷେତ୍ରରେ ନିବେଶ କରୁଥିବାବେଳେ ଶିକ୍ଷା କ୍ଷେତ୍ର ପାଇଁ ସମଗ୍ର ଜୀବନ ଉତ୍ସର୍ଗ କରିଥିବା ବ୍ୟକ୍ତି ଅତ୍ୟନ୍ତ ବିରଳ। ଡ.



ଅଚ୍ୟୁତ ସାମନ୍ତ ସେହି ବିରଳ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରୁ ଜଣେ। ଆଦିବାସୀ ଓ ବଞ୍ଚିତ ବର୍ଗର ଶିଶୁମାନଙ୍କ ପାଇଁ ସେ ଯେଭଳି ନିଷ୍ଠା ଓ ସମର୍ପଣର ସହ କାର୍ଯ୍ୟ କରୁଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସା ଯୋଗ୍ୟ। କିଟ୍ ଓ କିସ୍ ସଂପର୍କରେ ସେମାନେ ପୂର୍ବରୁ ପଢ଼ିଥିଲେ ଏବଂ ଶୁଣିଥିଲେ। ମାତ୍ର କ୍ୟାମ୍ପସକୁ ଆସି ଛାତ୍ରଛାତ୍ରୀଙ୍କ ପ୍ରତିଭା, ଶୃଙ୍ଖଳା, ସକ୍ରିୟ ଅଂଶଗ୍ରହଣ ଓ ଉନ୍ନତ ଶିକ୍ଷା ବ୍ୟବସ୍ଥାକୁ ନିକଟରୁ ଦେଖିବା ପରେ ସେମାନେ ଏହାର ବାସ୍ତବତାକୁ ଅନୁଭବ କରିପାରିଛନ୍ତି। କିସ୍ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ହଜାର ହଜାର ଜନଜାତି ଶିଶୁଙ୍କ ଜୀବନରେ ପରିବର୍ତନ ଆଣିଥିବା ଏକ ସାମାଜିକ ଆନ୍ଦୋଳନ ବୋଲି ସେମାନେ ମତ ପ୍ରକାଶ କରିଥିଲେ। କିସ୍ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆଶାର ଆଲୋକ ହୋଇ ଉଭା ହୋଇଛି। ଏଠାରେ ଛାତ୍ରଛାତ୍ରୀମାନେ ଡ. ସାମନ୍ତଙ୍କୁ ଗଭୀର ସମ୍ମାନ କରନ୍ତି ଏବଂ ତାଙ୍କ ଅବଦାନକୁ ଜୀବନ ପରିବର୍ତନକାରୀ ବୋଲି ମନେକରନ୍ତି। କିସ୍ ଭଳି ଅନୁଷ୍ଠାନ ଓ ଶ୍ରୀ ସାମନ୍ତଙ୍କ ଭଳି ଜଣେ ଶିକ୍ଷାବିତ୍‌ଙ୍କ ଅବଦାନ ପାଇଁ ଓଡ଼ିଶାବାସୀ ମଧ୍ୟ ନିଜକୁ ଭାଗ୍ୟଶାଳୀ ମନେ କରୁଥିବେ । ତାଙ୍କ ଅବଦାନ କେବଳ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୀମିତ ନ ରହି ସମଗ୍ର ସମାଜ ଓ ସ୍ଥାନୀୟ ସମୁଦାୟର ବିକାଶରେ ମଧ୍ୟ ସହାୟକ ହୋଇଛି। ଶେଷରେ ପ୍ରତିନିଧି ଦଳ କିଟ୍, କିସ୍ ଓ ଭୁଟାନ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ଏଠାରୁ ମିଳିଥିବା ଅନୁଭୂତି ଓ ପ୍ରେରଣାକୁ ନିଜ ଦେଶର ଛାତ୍ରଛାତ୍ରୀ ଏବଂ ସମାଜ ମଧ୍ୟରେ ପହଞ୍ଚାଇବେ ବୋଲି କହିଥିଲେ।

## ରଘୁରାଜପୁରରେ ପର୍ଯ୍ୟଟନ ବିକାଶ ପ୍ରକଳ୍ପର ଭିତିପ୍ରସ୍ତର

ଭୁବନେଶ୍ୱର,୨୫।୮ (ମହାଭାରତ): ଐତିହ୍ୟଗ୍ରାମ ରଘୁରାଜପୁରର ସମନ୍ୱିତ ପର୍ଯ୍ୟଟନ ବିକାଶ ନିମନ୍ତେ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରାଭାତୀ ପରିଡା ସ୍ୱତନ୍ତ୍ର ପ୍ରକଳ୍ପର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, 'ରଘୁରାଜପୁର ହେଉଛି ଆମ ରାଜ୍ୟର କଳା ଓ ସଂସ୍କୃତିର ପ୍ରାଣକେନ୍ଦ୍ର। ଏହି ପ୍ରକଳ୍ପ ରଘୁରାଜପୁରର ପର୍ଯ୍ୟଟନ ବିକାଶରେ ଏକ ନୂଆ ଅଧ୍ୟାୟର ଶୁଭାରମ୍ଭ କରିବ। ଆମର ଲକ୍ଷ୍ୟ ହେଉଛି ଏଠାକାର ପ୍ରସିଦ୍ଧ ପଟ୍ଟଚିତ୍ର, ଗୋଟିପୁଅ ନୃତ୍ୟ ଏବଂ ସମୃଦ୍ଧ କଳା-ପରମ୍ପରାକୁ ସମଗ୍ର ବିଶ୍ୱ ଦରବାରରେ ପହଂଚାଇବା ସହ ରଘୁରାଜପୁରକୁ ଏକ ପ୍ରମୁଖ ବିଶ୍ୱସ୍ତରୀୟ ଐତିହ୍ୟ ଓ ସାଂସ୍କୃତିକ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା।' ଏହି ସମନ୍ୱିତ ବିକାଶ ଯୋଜନା ଅଧୀନରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୩ କୋଟି ଟଙ୍କା ବ୍ୟୟରେ ଗ୍ରାମର ଭିତିଭୂମିର ଉନ୍ନତିକରଣ, କଳାକାରଙ୍କ ସୁବିଧା, ପର୍ଯ୍ୟଟକଙ୍କ ପାଇଁ ଉନ୍ନତ ସେବା ଏବଂ ସଂସ୍କୃତିର ପ୍ରଚାର-ପ୍ରସାର ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ। ରଘୁରାଜପୁରର ପଟ୍ଟଚିତ୍ର, ଗୋଟିପୁଅ ନୃତ୍ୟ, କାଠଖୋଦେଇ ଓ ମୃଣ୍ମୟ ଶିଳ୍ପକୁ ପ୍ରୋତ୍ସାହନ ଦେବା ସହ ଦେଶବିଦେଶରୁ



ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ବିଶ୍ୱସ୍ତରୀୟ ସୁବିଧାସୁଯୋଗ ଯୋଗାଇଦେବା ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ଆଶା ରଖା ଯାଉଛି। ଏହି ଭିତିପ୍ରସ୍ତର ସ୍ଥାପନ ଉତ୍ସବରେ ପିପିଲିର ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ, ପୁରୀ ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡ଼ା, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ସରୋଜ କୁମାର ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, କଳାକାର ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ରେଡକ୍ରସର ରିଲିଫ ସାମଗ୍ରୀ ପଠାଇଲେ ରାଜ୍ୟପାଳ

ଭୁବନେଶ୍ୱର,୨୫।୮ (ମହାଭାରତ): ବନ୍ୟା ପ୍ରଭାବିତ ଲୋକଙ୍କୁ ସହାୟତା ପହଂଚାଇବା ଲକ୍ଷ୍ୟରେ ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲା ପାଇଁ ପ୍ରଦତ ରିଲିଫ ସାମଗ୍ରୀକୁ ମଙ୍ଗଳବାର ଦିନ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଲୋକଭବନରୁ ପଠାଇଛନ୍ତି। ଏହି ରିଲିଫ ସାମଗ୍ରୀରେ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକର ତୁରନ୍ତ ଆବଶ୍ୟକତା ପୂରଣ ପାଇଁ ତାରପୋଲିନ୍ ଓ ପୌଷ୍ଟିକ ଶୁଖିଲା ଖାଦ୍ୟ ପ୍ୟାକେଟ ରହିଛି। ରେଡକ୍ରସ୍ ର ମାନବିକ ସେବା କାର୍ଯ୍ୟକୁ ପ୍ରଶଂସା କରି ରାଜ୍ୟପାଳ ଡ. କମ୍ଭମପାଟି ସମାଜସେବା ଓ ବିପର୍ଯ୍ୟୟ ମୁକାବିଲାରେ ଯୁବ ରେଡକ୍ରସ ସଦସ୍ୟ ଏବଂ ଯୁବ ସ୍ୱେଚ୍ଛାସେବୀଙ୍କ ଅଧିକ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦେଇଛନ୍ତି। ବିଶେଷକରି ଜରୁରୀ ପରିସ୍ଥିତିରେ ରିଲିଫ ଓ ମାନବିକ ସହାୟତା



କାର୍ଯ୍ୟରେ ସକ୍ରିୟ ଭାବେ ଯୋଗଦେବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ରେଡକ୍ରସର ପ୍ରତିନିଧିମାନେ ରାଜ୍ୟପାଳଙ୍କୁ ସଂଗଠନ ଏବଂ ସେଂଟ ଜନ୍ ଆମ୍ବୁଲାନ୍ସର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ଗୁଜରାଟ ଓ ପଞ୍ଜାବ ଗସ୍ତ ସମୟରେ ସେମାନେ ଦେଖିଥିବା ବିଭିନ୍ନ ଆଦର୍ଶ କାର୍ଯ୍ୟକ୍ରମ ଓ ଉତମ ପଦକ୍ଷେପ ସମ୍ପର୍କରେ ମଧ୍ୟ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଯୁବ ରେଡକ୍ରସ ଏବଂ ୟୁଥ ଫର୍ ସେବାର ସ୍ୱେଚ୍ଛାସେବୀମାନଙ୍କ ସହ ମଧ୍ୟ ଆଲୋଚନା କରି ସମାଜସେବା ଓ ମାନବିକ ସହାୟତା କ୍ଷେତ୍ରରେ ସେମାନଙ୍କ ଭୂମିକା ଓ କାର୍ଯ୍ୟକଳାପ ସମ୍ପର୍କରେ ରାଜ୍ୟପାଳ ପଚାରି ବୁଝିଥିଲେ।

## ଅଜିମ ପ୍ରେମଜୀ ପକ୍ଷରୁ ସ୍କଲାରସିପ୍ ପ୍ରଦାନ

ଭୁବନେଶ୍ୱର,୨୫।୮ (ମହାଭାରତ): ଅଜିମ ପ୍ରେମଜୀ ଫାଉଣ୍ଡେସନ ଦିଲ୍ଲୀ (ଏନସିଟି) ନିମନ୍ତେ ଅଜିମ ପ୍ରେମଜୀ ସ୍କଲାରସିପ୍ (ବୃତ୍ତି) ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏହି ବୃତ୍ତି ଦିଲ୍ଲୀରେ ଚଳିତ ବର୍ଷ ୨୦,୦୦୦ ବାଳିକାଙ୍କୁ ସେମାନଙ୍କର ଉଚ୍ଚଶିକ୍ଷା ଜାରି ରଖିବା ନିମନ୍ତେ ସମର୍ଥନ ଯୋଗାଇଦେବ। ପ୍ରତ୍ୟେକ ମନୋନୀତ ଛାତ୍ରୀଙ୍କୁ କଲେଜରେ ପ୍ରଥମ ବର୍ଷରୁ ସେ ତାଙ୍କର ଅଣ୍ଡରଗ୍ରାଜୁଏଟ ଡିଗ୍ରୀ ଅଥବା ଡିପ୍ଲୋମା ସମ୍ପୂର୍ଣ୍ଣ କରିବା ପର୍ଯ୍ୟନ୍ତ ବର୍ଷକୁ ୩୦,୦୦୦ ଟଙ୍କା ମିଳିବ। ପାଠ୍ୟକ୍ରମର ଅବଧି ଦୁଇରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ସମୟ ଉପରେ ନିର୍ଭର କରି ଜଣେ ଛାତ୍ରୀ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃତ୍ତି ପାଇପାରିବେ। ଏହି ବୃତ୍ତି ଅର୍ଥକୁ କଲେଜ ଦେୟ ଫୈଠ ଏବଂ ଅନ୍ୟାନ୍ୟ ଶିକ୍ଷା ସମ୍ପର୍କିତ ଖର୍ଚ୍ଚ ନିମନ୍ତେ ବ୍ୟବହାର କରାଯାଇପାରିବ। ୨୦୨୪ରେ ପ୍ରଚଳନ କରାଯାଇଥିବା ଏହି ବୃତ୍ତି ସମ୍ପ୍ରତି ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଆସାମ, ବିହାର, ଛତିଶଗଡ, ଦିଲ୍ଲୀ (ଏନସିଟି), ଝାଡଖଣ୍ଡ, କର୍ଣ୍ଣାଟକ, ମଧ୍ୟ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଓଡ଼ିଶା, ପୁଡୁଚେରୀ, ରାଜସ୍ଥାନ, ସିକ୍କିମ, ତେଲେଙ୍ଗାନା, ତ୍ରିପୁରା, ଉତର ପ୍ରଦେଶ ଏବଂ ଉତରାଖଣ୍ଡ ଆଦି ୨୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ଯେକୌଣସି ସ୍ଥାନରେ ସେମାନଙ୍କର ସ୍କୁଲ ଶିକ୍ଷା ସମାପ୍ତ କରିଥିବା ବାଳିକାମାନଙ୍କ ନିମନ୍ତେ ଉନ୍ମୁକ୍ତ ହୋଇଛି।

## ବିକାଶ ଛାତ୍ର ପାଠାଗାର ଉଦ୍‌ଘାଟିତ

ଭୁବନେଶ୍ୱର,୨୫।୮ (ମହାଭାରତ): ବିକାଶ ଏଜୁକେସନାଲ ଚ୍ୟାରିଟେବୁଲ ଟ୍ରଷ୍ଟ ପକ୍ଷରୁ କାନନ ବିହାର ଫେଜ-୨ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ପଟିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ବିକାଶ ଛାତ୍ର ପାଠାଗାରର ଶୁଭ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୌଳିକ ସାକ୍ଷରତା ଓ ଜାତୀୟ ଶିକ୍ଷାନୀତିର ସଫଳ ରୂପାୟନ ଲକ୍ଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପଠନ ଅଭ୍ୟାସ ବୃଦ୍ଧି ତଥା ଶିକ୍ଷା କ୍ଷେତ୍ରରେ ଏକ ଅଭିନବ ପରିବ□ନ ଆଣିବା ଉଦ୍ଦେଶ୍ୟରେ ପାଠାଗାରର ଶୁଭାରମ୍ଭ କରାଯାଇଛି। ବିଦ୍ୟାଳୟରେ ଏକ ସମୃଦ୍ଧ ପଠନ ପରିବେଶ ସୃଷ୍ଟି କରିବା ପାଇଁ ଟ୍ରଷ୍ଟ ପକ୍ଷରୁ ଆକର୍ଷଣୀୟ ଓ ଆନନ୍ଦଦାୟକ ପସ୍ତକ ଥିବା ଏକ ଆଲମାରୀ ପ୍ରଦାନ କରାଯାଇଥିଲା। ପୁସ୍ତକ ଗୁଡିକୁ ପଢି ପିଲାମାନେ ନିଜ ଭାଷାରେ ଲେଖିବା ଦ୍ୱାରା ସେମାନଙ୍କର ସୃଜନଶୀଳତା, ଚିନ୍ତନ ଶକ୍ତି




ଏବଂ ସ୍ୱାଧୀନ ଲିଖନ ଦକ୍ଷତା ବିକଶିତ ହୋଇପାରିବ। ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ଘୋଷଣା କରାଯାଇଥିଲା। ପୂର୍ବତନ ଆୟକର ମୁଖ୍ୟ ଆୟୁକ୍ତ ପ୍ରଫୁଲ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଟ୍ରଷ୍ଟର ଅଧ୍ୟକ୍ଷ ସୁଭାଷ ଚନ୍ଦ୍ର ଚୌଧୁରୀ, ସମ୍ମାନିତ ଅତିଥି ଭାବେ ଏନସିଇଆରଟିର ଅବସରପ୍ରାପ୍ତ ପ୍ରଧାପକ ଡ. ପ୍ରମୋଦ କିଶୋର ଦାସ, ଅବସରପ୍ରାପ୍ତ ନିର୍ଦ୍ଦେଶକ ବିକାଶ ବିହାରୀ ବିଶ୍ୱାଳ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ତଥା ଅବସରପ୍ରାପ୍ତ ଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ, ଶିଶୁ ସାହିତ୍ୟିକ ତଥା ଇଟିକିଲି ମିଟିକିଲିର ସମ୍ପାଦକ ଶରତ କୁମାର ନାୟକ, ଶିଶୁ ପ୍ରତିଭାର ସମ୍ପାଦକ ପ୍ରକାଶ କୁମାର ମଙ୍ଗରାଜ, ବ୍ୟାଙ୍କ ପ୍ରବନ୍ଧକ ତାପସ ରଞ୍ଜନ ପାତ୍ର, ସରସ୍ୱତୀ ଶିଶୁ ମନ୍ଦିରର ସମ୍ପାଦକ ଅରୁଣ କୁମାର ବଡଜେନା, ଅଧ୍ୟାପକ ବସନ୍ତ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ମାନସ ରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିବା ସହ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାନନ ବିହାରରେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ଦାସ ଧନ୍ୟବାଦ ଅର୍ପଣ କରିଥିଲାବେଳେ ପଟିଆରେ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁଧାଂଶୁ ଶେଖର କିସାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଇଣ୍ଡେଲ ମନିର ୫୦୦ କୋଟିର ଏନଏସ୍‌ଡି ୭୦୪% ସବ୍‌ସ୍କ୍ରାଇବ

ଭୁବନେଶ୍ୱର,୨୫।୮ (ମହାଭାରତ): ଇଣ୍ଡେଲ ମନି ଲିମିଟେଡ୍‌ର ସିକ୍ୟୁର୍ଡ, ଲିଷ୍ଟେଡ୍ ଓ ରିଡିମେବଲ୍ ନନ୍-କନଭର୍ଟେବଲ ଡିବେଂଚରକୁ ନିବେଶକମାନଙ୍କ ଜବରଦସ୍ତ ସମର୍ଥନ ମିଳିଛି। ୨୫୦ କୋଟି ଟଙ୍କାର ଗ୍ରିନ ସୁ ବିକଳ୍ପ ସହିତ ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତର ଏହି ଇସ୍ୟୁ ୨୦୨୬ ଅଗଷ୍ଟ ୧୮ରେ ଖୋଲିବାର ଚାରି ଘଂଟା ଭିତରେ ଅଧିକ ସବ୍‌ସ୍କ୍ରାଇବ୍ ହୋଇଥିଲା। ଏହି ଇସ୍ୟୁକୁ ତାହାର ନିର୍ଦ୍ଧାରିତ ସମୟ ପୂର୍ବରୁ ୨୦୨୬ ଅଗଷ୍ଟ ୨୦ରେ ଆଗୁଆ ବନ୍ଦ କରାଯାଇଥିଲା। କମ୍ପାନୀ ୧୭୫୯ କୋଟି ଟଙ୍କାର ବିଡ୍ ହାସଲ କରିଛି ଯାହା ଏହାର ଇସ୍ୟୁ ପରିମାଣର ୭୦୪ ପ୍ରତିଶତ ଅଧିକ। ଏହି ଏନ୍‌ଏସ୍‌ଡିର ଫେସ୍ ଭାଲ୍ୟୁ ୧୦୦୦ ଟଙ୍କା ଥିଲା ଏବଂ ତାହା ଉପରେ ବାର୍ଷିକ ୧୨.୨୫ ପ୍ରତିଶତ ସୁଧ ରହିଛି ଏବଂ ତାହାକୁ ବିଏସ୍‌ଇ ଲିମିଟେଡ୍‌ରେ ତାଲିକାଭୁକ୍ତ କରିବା ପ୍ରସ୍ତାବ ରହିଛି। ଏହି ଏନ୍‌ଏସଡିକୁ ଇଣ୍ଡିଆ ରେଟିଂସ୍ ଆଣ୍ଡ୍ ରିସର୍ଚ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ "ଇଣ୍ଡ ଏ-/ଷ୍ଟେବଲ୍' ରେଟିଂ ପ୍ରଦାନ କରାଯାଇଛି। ଇଣ୍ଡେଲ ମନିର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଶ୍ରୀ ଉମେଶ ମୋହନନ କହିଛନ୍ତି ଯେ, 'ଇସ୍ୟୁ ପ୍ରତି ମିଳିଥିବା ଅତ୍ୟଧିକ ପ୍ରତିକ୍ରିୟା ନିବେଶକମାନେ ଇଣ୍ଡେଲ ମନି ଏବଂ ଆମର ବିକାଶ ରଣନୀତି ଉପରେ ରଖିଥିବା ବିଶ୍ୱାସକୁ ଦର୍ଶାଉଛି। ସମ୍ପୂର୍ଣ୍ଣ ୫୦୦ କୋଟି ଟଙ୍କାର ଇସ୍ୟୁ ଚାରି ଘଂଟା ମଧ୍ୟରେ ସବସ୍କ୍ରାଇବ୍ ହୋଇଯିବା ଏବଂ ତା'ପରେ ମୋଟ ୧,୭୫୯ କୋଟି ଟଙ୍କାର ସବସ୍କ୍ରିପସନ୍ ମିଳିବା ବିଶେଷ ଭାବରେ ଉତ୍ସାହଜନକ। ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଇଣ୍ଡେଲ ମନିର ପରିଚାଳନା ଅଧୀନ ସଂପତି (ଏୟୁଏମ)୪,୧୦୩.୯୦ କୋଟି ଟଙ୍କା ଥିଲା।







# ନୈତିକ ଶିକ୍ଷାର ଅଭାବ

ଜଣେ ଛାତ୍ର ତାର ସମସ୍ତ ସମୟ କେବଳ ଶିଖିବାରେ ବା ତାଲିମ ନେବାରେ ଅତିବାହିତ କରିବା ଉଚିତ। ଏହା ସହିତ ଅନ୍ୟ ସାମାଜିକ କାର୍ଯ୍ୟକ୍ରମ ମଧ୍ୟ ଯଥାସମ୍ଭବ କରିବା ଉଚିତ। କିନ୍ତୁ ମୂଳ ଲକ୍ଷ୍ୟ ହେଉଛି ଶିକ୍ଷା ଗ୍ରହଣ କରିବା। ଏହି ଶିକ୍ଷା ହିଁ ଭବିଷ୍ୟତରେ ନିଜର ପରିବାର ବା ଦେଶ ଗଠନରେ ମହତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ। ଯେଉଁମାନେ ଛାତ୍ର ଜୀବନରେ ଯେତିକି ଅଧ୍ୟବସାୟୀ ହୋଇଥାଆନ୍ତି ସେମାନେ ପରିବର୍ତ୍ତୀ ସମୟରେ ସେତିକି ସଫଳ ହୋଇଥାଆନ୍ତି। କହିବା ବାହୁଲ୍ୟ ଯେ, ସବୁ ଛାତ୍ର ଯୁବକ ନୁହଁନ୍ତି ବା ସବୁ ଯୁବକ ଛାତ୍ର ନୁହଁନ୍ତି। ଛାତ୍ର କହିଲେ କେବଳ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟରେ ପଢୁଥିବା ବ୍ୟକ୍ତି ନୁହଁନ୍ତି। ଛାତ୍ର ଶବ୍ଦର ସଂଜ୍ଞା ଅତି ବ୍ୟାପକ। ଜଣେ ୧୫ବର୍ଷର କିଶୋର ଯଦି ସାଇକେଲ ମରାମତି ଶିଖୁଛି, ଜଣେ ଦର୍ଜୀ କାମ ଶିଖୁଛି, ଜଣେ ନିଜକୁ ଖେଳାଳୀ ଭାବେ ପ୍ରତିଷ୍ଠା କରୁଛି ଏବଂ ନିୟମିତ ତାଲିମ ଗ୍ରହଣ କରୁଛି ସେ ମଧ୍ୟ ଜଣେ ଛାତ୍ର। ଜଣେ ଆଦର୍ଶର ଛାତ୍ରର ଲକ୍ଷଣ ହେଲା ଯେ ନିଜର ସବୁ କିଛି ବାଜି ଲଗାଇ ଶିକ୍ଷାଗ୍ରହଣ କରୁଛି। ଭବିଷ୍ୟତରେ ଏହା ତାର ପରିବାର ପ୍ରତିପୋଷଣ ମାଧ୍ୟମ ହୋଇପାରେ। ଏହା ତାକୁ ସାରା ବିଶ୍ୱରେ ପରିଚିତ କରାଇପାରେ। ଯିଏ ଯାହା ଶିଖୁଛି ସେଥିରେ ଶ୍ରେଷ୍ଠତା ହାସଲ କରିବାକୁ ପ୍ରୟାସ କରିବା ଉଚିତ। ଏହା ତାର ପ୍ରାଥମିକ ଦାୟିତ୍ୱ ଏବଂ କ□ବ୍ୟ। କେବଳ ଜଣେ ନିଜର ପେଷା ଲାଗି ଶିକ୍ଷା ଗ୍ରହଣ କରିବାକୁ ନୁହେଁ, ଜ୍ଞାନ ଆହରଣ ଲାଗି ପାଇଁ ମଧ୍ୟ ଶିକ୍ଷା ଗ୍ରହଣ କରାଯାଇପାରେ। ପାରମ୍ପରିକ ଶିକ୍ଷା ସହିତ ଜଣେ ଛାତ୍ରକୁ ତା'ର ଶିକ୍ଷକ, ଗୁରୁଜନ ଏବଂ ପରିବାର ସଦସ୍ୟମାନେ ନୈତିକ ଶିକ୍ଷା ମଧ୍ୟ ଦେବା ଉଚିତ। ଜଣେ ବହୁ ବଡ଼ ବଡ଼ ସାର୍ଟିଫିକେଟ, ପଦପଦବୀ ହାସଲ କରିପାରେ। କିନ୍ତୁ ଯଦି ତାଙ୍କ ନିକଟରେ ନୈତିକ ଶିକ୍ଷାର ଅଭାବ ରହିଛି, ତେବେ ସେ କେବେ ସଫଳ ହୋଇପାରିବ ନାହିଁ। ବିନା ନୈତିକ ଶିକ୍ଷାରେ ତା'ର ପାରମ୍ପରିକ ଶିକ୍ଷା ବ୍ୟର୍ଥ। ଆଜି ଯଦି ସମାଜରେ ଦୁର୍ନୀତି, ଅନୀତି ବଢ଼ିଛି ତେବେ ତାହାର ମୂଳ କାରଣ ହେଲା ନୈତିକ ଶିକ୍ଷାର ଅଭାବ। ମାନବିକତା, ଅନ୍ୟକୁ ସମ୍ମାନ ଦେବା, ସତ ଉପାୟରେ ଅର୍ଥ ଉପାର୍ଜନ କରିବା ଏବଂ ଏହାର ସୁବିନିଯୋଗ କରିବାର ଶିକ୍ଷା ଛାତ୍ରମାନଙ୍କୁ ମିଳିବା ଉଚିତ। ଜଣେ ଅଧ୍ୟବସାୟୀ ଛାତ୍ର ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇ ଯଦି କେବଳ ଅର୍ଥ ଉପାର୍ଜନ ଏବଂ ଦୁର୍ନୀତିକୁ ତା'ର ନୀତି କରିବ ତେବେ ତାହାର ଶିକ୍ଷା, ପରୀକ୍ଷାରେ ସଫଳତା ବ୍ୟର୍ଥ। ଅନେକ ଛାତ୍ର ପେଷାରେ ଜଡ଼ିତ ହେବା ପରେ ନିଜ ଶିକ୍ଷାକୁ ଭୁଲି ଯାଆନ୍ତି। ଉପଯୁକ୍ତ ଶିକ୍ଷା ଏବଂ ପରାମର୍ଶର ଅଭାବ ଯୋଗୁ ଏହା ହେଉଛି। ଦୁର୍ଭାଗ୍ୟର ବିଷୟ ହେଲା ଏବେ ଶିକ୍ଷାର ଉଦ୍ଦେଶ୍ୟ କେବଳ ଅର୍ଥ ଉପାର୍ଜନ ହୋଇଛି। ବାପା-ମା' ମାନେ ପିଲାମାନଙ୍କୁ ସେହି ଶିକ୍ଷା ଗ୍ରହଣ କରିବାକୁ ବାଧ୍ୟ କରୁଛନ୍ତି ଯାହା ତାଙ୍କୁ ସହଜରେ ଚାକିରୀ ଏବଂ ଅଧିକ ରୋଜଗାର ପ୍ରଦାନ କରିବ। ପିଲାମାନଙ୍କୁ ତାଙ୍କ ଇଚ୍ଛାରେ ପସନ୍ଦର ପାଠ ପଢ଼ିବାକୁ ସୁଯୋଗ ମିଳୁନି। ଏହା ଅନେକ ସମୟରେ ବୁମେରାଂ ହେଉଛି ଏବଂ ଅନେକ ।ମଧାବୀ ଛାତ୍ରଛାତ୍ରୀଙ୍କ ଜୀବନ ନଷ୍ଟ କରି ଦେଉଛି। ଅନେକ ଡାତ୍ରଛାତ୍ରୀ ଆତ୍ମ ହତ୍ୟା କରୁଛନ୍ତି। କୋଟାରେ ପ୍ରତିବର୍ଷ ଅନେକ ଛାତ୍ରଛାତ୍ରୀ ଏହି କାରଣରୁ ପ୍ରାଣ ହରାଉଛନ୍ତି। ନିଟ ଯୁଜି ପ୍ରଶ୍ନପତ୍ର ଲିକ ହେବା ପରେ ପରୀକ୍ଷା ବାତିଲ ହେଲା ଏବଂ ପୁନଃ ପରୀକ୍ଷା କରାଗଲା। ଏଥିରେ ଅନେକ ଆଶାୟୀ ଆତ୍ମହତ୍ୟା କଲେ। ଏଥିପାଇଁ ସରକାରଙ୍କୁ ଦାୟୀ କରିବା ମୂର୍ଖାମୀ। ଏଥିପାଇଁ ସେମାନଙ୍କ ପରିବାର ଦାୟୀ। ପରୀକ୍ଷାରେ ବିଫଳତା ଆଶଙ୍କା କରି ସେମାନେ ଆତ୍ମହତ୍ୟା କରିଛନ୍ତି। ଯିଏ ପରୀକ୍ଷା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଛି ତାକୁ ମାସକ ପରେ ଆଉ ଥରେ ପରୀକ୍ଷା ଦେବାରେ ଅସୁବିଧା କ'ଣ ରହିଲା? କେବଳ ନୈତିକ ଶିକ୍ଷାର ଅଭାବ ଯୋଗୁ ଏପରି ହେଉଛି। ନୈତିକ ଶିକ୍ଷା ହିଁ ଜଣେ ଛାତ୍ର ବା ଛାତ୍ରୀଙ୍କୁ ଦୃଢ଼ ଏବ୍ଂ ସଠିକ ନିଷ୍ପତ୍ତି ନେବାରେ, ବିଫଳତାରେ ଭାଙ୍ଗି ନପଡ଼ି ଆଗକୁ ବଢ଼ିବା ନିମନ୍ତେ ସଙ୍କଳ୍ପ ନେବାରେ ସହାୟକ ହୋଇଥାଏ।

# ବାସ୍ତବ ସତ୍ୟର ଅନୁସନ୍ଧାନ

ସତ୍‌ଜ୍ଞାନ ପାଇ ସତ୍ୟମାର୍ଗରେ ପରିଚାଳିତ ହେବା ଦ୍ୱାରା ମଣିଷ ନିଜ ଜୀବନର ପ୍ରାକୃତିକ ରହସ୍ୟକୁ ବୁଝି ପାରିବ ଏବଂ ପ୍ରାକୃତିକ ସତ୍ୟକୁ ଜାଣିବା ପରେ ନିଜକୁ ସାତ୍‌ମାର୍ଗରେ ପରିଚାଳିତ କରି ବାସ୍ତବ ସୁଖକୁ ଅନୁଭବ କରିପାରିବ । ଅନ୍ୟଥା ଜୀବନ ଶେଷ ପର୍ଯ୍ୟନ୍ତ ଆଜିର ଏହି ମିଥ୍ୟାଭରା ସମାଜରେ କେବଳ ମିଥ୍ୟା କୁହେଳିକା, ପ୍ରହେଳିକା ଗୁଡିକ ହିଁ ସର୍ବ ଶେଷ ବୋଲି ବିଚାରି ନିଜକୁ ଜାଳି ଜାଳି ଜୀବନ ଶେଷ କରିବାକୁ ହେବ ଯାହା ସମସ୍ତଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି ।

॥ ପଙ୍କଜ କୁମାର ପାଣିଗ୍ରାହୀ ॥

ବାସ୍ତବ ସତ୍ୟର ଅନୁସନ୍ଧାନ- ପଂଚମ ଅଧ୍ୟାୟରେ ଆଜି ଆଲୋଚନା କରିବା ଯେ ଭାବନା ଓ ସ୍ମରଣ ଶକ୍ତି ବୃଦ୍ଧି ହୁଏ କେମିତି ? ମଣିଷ ଜୀବନର ମହତ୍ୱ କ'ଣ ଓ ତାର ପ୍ରାକୃତିକ ସ୍ୱାଦ ଅନୁଭବ କରି ସେଗୁଡ଼ିକୁ ଚରିତାର୍ଥ କରିବାକୁ ଆମକୁ କ'ଣ ସବୁ କରିବାକୁ ହେବ ?

ଧୈର୍ଯ୍ୟ ଓ ସହନଶୀଳତା ମଣିଷକୁ ଭାବୁକତାର ରାସ୍ତା ଦେଖାଇ ଥାଏ ! ନିରୀକ୍ଷଣ, ଏକାଗ୍ରତା ଓ ଧ୍ୟାନ ଏହି ତିନୋଟି ଅସ୍ତ୍ର ସାହାଯ୍ୟରେ ନିଜର ସ୍ମରଣ ଶକ୍ତି ବୃଦ୍ଧି କରାଯାଇ ପାରିବ । ଧୈର୍ଯ୍ୟର ସୀମାରେଖା ତଥା ସହନଶୀଳତାର ମାପକାଠି ମଧ୍ୟରେ ରହି ମଣିଷ ସବୁ କଥାକୁ ବିଶ୍ଳେଷଣାତ୍ମକ ମାର୍ଗରେ ନିଜର ଚେତନାକୁ ପରିଚାଳିତ କରିବା ଦ୍ୱାରା ସତ୍ୟ ଅସତ୍ୟର ଗନ୍ଧ ବାରିବାରେ ସମର୍ଥ ହୋଇଥାଏ । ସ୍ମରଣିକା ସାହାଯ୍ୟରେ କୌଣସି ବିଷୟର ସଂଯୋଜିତ ସତ୍ୟତା ଉପରେ ସମୀକ୍ଷା କରିବା ସହଜ ସମ୍ଭବ ହୋଇଥାଏ । ସାଧାରଣ ମଣିଷ ଏଗୁଡିକ ଉପରେ ଆଦୌ ଧ୍ୟାନ ଦେଇନଥାନ୍ତି । କାରଣ ଆଜି ଦିନରେ ଏଗୁଡ଼ିକର ଶିକ୍ଷା ଆମ ସମାଜରେ କୌଣସି ସ୍ଥାନରେ ମଧ୍ୟ ନାହିଁ !

ହେଲେ କ'ଣ କଲେ ଜଣେ ସାଧାରଣ ମଣିଷ ତାହା କରିପାରିବ ?

ପ୍ରଥମେ ପାରିପାର୍ଶ୍ୱିକ ପରିସ୍ଥିତି ଜନିତ ଅତ୍ୟଧିକ ଧନ, ମାନ ଓ କ୍ଷମତା ଅର୍ଜନର ଦୌଡ଼ରୁ ନିଜକୁ କ୍ଷାନ୍ତ ରଖିବାକୁ ହେବ । ତାପରେ ସେଗୁଡିକ ଉପରେ ଉପଯୁକ୍ତ ଜ୍ଞାନ ଆହରଣର ପ୍ରକୃତ ମାର୍ଗ ଗୁଡିକୁ ଖୋଜି ବାହାର କରିବାକୁ ହେବ । ଏହି ବିଷୟ ଗୁଡିକ ଆଜି ଆମ ପରିବେଶରେ କୌଣସି ପୁସ୍ତକରେ ଉପଲବ୍ଧ ନୁହେଁ । ଏହା ପୂର୍ବ କାଳେ କେବଳ ଗୁରୁକୁଳ ଆଶ୍ରମରେ ଶିକ୍ଷା ଦିଆଯାଉଥିଲା ଯାହା ଆଜି କୌଣସି ଉତ୍ସରୁ ଆହରଣ କରିବା ବ୍ୟବସ୍ଥା ଆଉ ନାହିଁ । ନିଜେ ସେଗୁଡିକୁ ଅନୁସନ୍ଧାନ କରି ବାହାର କରିବାକୁ ହେବ । ଅନ୍ୟଥା ପ୍ରକୃତ ସମୀକ୍ଷକଙ୍କ ଠାରୁ ତାର ସତ୍ୟ ପଥ ଶିକ୍ଷା କରି ନିଜ ଜୀବନ ସହିତ ଯୋଡି ଆରମ୍ଭ କରିବାକୁ ହେବ ଚେତନା ଜ୍ଞାନ ସୃଷ୍ଟି କରିବା ପାଇଁ ସୁଯୋଗ । ଏଗୁଡିକ ଉତ୍ସାହର ସହିତ ଏକାଗ୍ର ଚିତ୍ତରେ କରିବା ଦ୍ୱାରା ମଣିଷର ବୁଦ୍ଧି ପ୍ରଖର ହୋଇଥାଏ । ହେଲେ ମଣିଷର ବୁଦ୍ଧି ପ୍ରଖର ହେବା ଦ୍ୱାରା ସେ ନିଜକୁ କିପରି ମଣିଷ ଭଳି ଗଢି ତୋଳି ପାରିବ ? ଏବଂ କ୍ଷିପ୍ର ବୁଦ୍ଧିକୁ ଚରିତାର୍ଥ କରି ମଣିଷ ଜୀବନର ପ୍ରାକୃତିକ ରହସ୍ୟକୁ ବୁଝି ତାର ସୁଖ ଅନୁଭବ କରିବ କେମିତି ?

ସ୍ୱଳ୍ପ ବୁଦ୍ଧି ସମ୍ପନ୍ନ ମଣିଷ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ଅନ୍ୟ କାହା ଉପରେ ନିର୍ଭର କରି ବଂଚୁଥାଏ ଯାହା ହୁଏତ ଆଜି ଶିକ୍ଷିତ, ଅଶିକ୍ଷିତ, ଧନୀ, ଗରିବ ନିର୍ବିଶେଷରେ ପ୍ରାୟତଃ ସମସ୍ତଙ୍କୁ ଗ୍ରାସ କରି ରଖିଛି ସମାଜରେ । କିଛି କ୍ରୁର ଚତୁର ସେମାନଙ୍କ ଅଜ୍ଞାନତାର ସୁଯୋଗ ନେଇ ପ୍ରାୟତଃ ସବୁ ସମୟରେ ଅନେକ ବିଭ୍ରାନ୍ତିକର, ମିଥ୍ୟା ତଥ୍ୟ ଆଧାରରେ ଶୋଷଣ, ପ୍ରତାରଣା କରି ରଖିଛନ୍ତି ସର୍ବସାଧାରଣଙ୍କୁ । ତେଣୁ ସବୁ ବର୍ଗର ମଣିଷ ଏକ ରକମ କୃତ୍ରିମ ଜୀବନ ଯାପନ କରୁଥିବା ବେଳେ ପ୍ରାକୃତିକ ସତ୍ୟ କ'ଣ ଆଦୌ ଜାଣି ପାରୁନାହାନ୍ତି । କ୍ରୁର ଚତୁର ଷଡ଼ଯାନ୍ତ୍ରିକ ଉପାୟରେ ଏମିତି ପ୍ରହେଳିକା ସବୁ ସୃଷ୍ଟି କରିଥାନ୍ତି ସମାଜରେ ଯାହା ଏକ ମିଛି ମିଛିକା ଆନନ୍ଦ ଓ ଉନ୍ନତିର ମାର୍ଗଦର୍ଶୀ ଭଳି ଅନୁଭବ ହୋଇଥାଏ ସାଧାରଣ ଲୋକଙ୍କୁ । ସେମାନଙ୍କ ମିଥ୍ୟା ଭରା ଓ ସ୍ୱପ୍ନିଳ ନଭଶ୍ଚୁମ୍ବୀ ପ୍ରହେଳିକା ଗୁଡ଼ିକୁ ଗ୍ରହଣ କରି କିଛି ପାଇଯାଇଥିବା କେତେକ ମଣିଷଙ୍କ ବ୍ୟାପକ ଅହଂଭାବ କାରଣରୁ ଜ୍ଞାନ ବୋଲି ଏକ ଶବ୍ଦ ଉଭାନ ପ୍ରାୟ ସମାଜରୁ ! ପୁନର୍ବାର ଜ୍ଞାନର କୃତ୍ରିମ ନକଲ, ଶିକ୍ଷାକୁ ହିଁ ସର୍ବ ଶ୍ରେଷ୍ଠ ଏବଂ ସର୍ବ ଶେଷ ବୋଲି ବିଚାରୁଥିବା ମଣିଷଙ୍କ ସଂଖ୍ୟା ଆଜି ୯୯ ଶତକଡା ରହିଛି ଯାହା, ସବୁ ମଣିଷଙ୍କୁ ସାଧାରଣରେ ସମ୍ପୂର୍ଣ୍ଣ ଅଜ୍ଞାନ କରି ରଖିଛି ଆଜି ସମୟରେ । ଜ୍ଞାନ ଏକ ପ୍ରାକୃତିକ ଗୁଣ ଯାହା ମଣିଷକୁ ପ୍ରାକୃତିକ ସତ୍ୟ ଆଧାରିତ ଚେତନା ଦେଇଥାଏ । ତେଣୁ ଜ୍ଞାନ ବୃଦ୍ଧି ହେଲେ ମଣିଷ ଜୀବନର ସତ୍ୟତା ଉପରେ ଚେତନା ସୃଷ୍ଟି ହୋଇ ପାରିବ । ମଣିଷ ଜୀବନର ସତ୍ୟତା ଉପରେ ନିଜର ଜ୍ଞାନ ନଥାଇ ଆମେ ଯାହା ସବୁ କାହାଠାରୁ ଶୁଣି ବୁଝିଛେ ସେଗୁଡିକ ଆଦୌ ସତ୍ୟ ଆଧାରିତ ନୁହେ ! କାରଣ ତା ଉପରେ ଶିକ୍ଷା ଦେଉଥିବା ମଣିଷଟି ଜଣେ ବ୍ୟବସାୟୀ ମାତ୍ର । ଆଉ ଜଣେ ବ୍ୟପାରୀ ମାଛ ଖାଇବାକୁ ଦେଇ କେବେହେଲେ ଗାଡ଼ିଆ ଦେଖାଇ ନଥାନ୍ତି । ଅଧିକନ୍ତୁ ସେମାନେ ମଧ୍ୟ କୌଣସି ଗାଡ଼ିଆର ଠିକଣା ନପାଇ କେବଳ ମଧ୍ୟସ୍ଥିତା କରୁଥିବା ଜଣେ ଜଣେ ପ୍ରତିନିଧି ଭଳି କାର୍ଯ୍ୟ କରିଥାନ୍ତି । ତେଣୁ ସାଧାରଣ ମଣିଷକୁ ଜ୍ଞାନର ସତ୍ୟ ପଥ ଦେଖିବା ଏକ ସ୍ୱପ୍ନ ହୋଇ ଯାଇଅଛି ଆଜି ସମୟରେ ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ଆମେ କରିବା କ'ଣ ? ସମାଜର ସେହି ଗଭୀର ମିଥ୍ୟାଭରା କୃତ୍ରିମ ପଙ୍କରୁ ନିଜକୁ ଉଦ୍ଧାର କରିବା କେମିତି ? ଏବଂ ବାସ୍ତବ ସତ୍‌ଜ୍ଞାନ ପାଇ ନିଜ ଜୀବନକୁ ସତ୍ୟ, ଶିବ, ସୁନ୍ଦର କରିବା କେମିତି ?

ସତ୍‌ଜ୍ଞାନ ପାଇ ସତ୍ୟମାର୍ଗରେ ପରିଚାଳିତ ହେବା ଦ୍ୱାରା ମଣିଷ ନିଜ ଜୀବନର ପ୍ରାକୃତିକ ରହସ୍ୟକୁ ବୁଝି ପାରିବ ଏବଂ ପ୍ରାକୃତିକ ସତ୍ୟକୁ ଜାଣିବା ପରେ ନିଜକୁ ସାତ୍‌ମାର୍ଗରେ ପରିଚାଳିତ କରି ବାସ୍ତବ ସୁଖକୁ ଅନୁଭବ କରିପାରିବ । ଅନ୍ୟଥା ଜୀବନ ଶେଷ ପର୍ଯ୍ୟନ୍ତ ଆଜିର ଏହି ମିଥ୍ୟାଭରା ସମାଜରେ କେବଳ ମିଥ୍ୟା କୁହେଳିକା, ପ୍ରହେଳିକା ଗୁଡିକ ହିଁ ସର୍ବ ଶେଷ ବୋଲି ବିଚାରି ନିଜକୁ ଜାଳି ଜାଳି ଜୀବନ ଶେଷ କରିବାକୁ ହେବ ଯାହା ସମସ୍ତଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି ।

ଚତୁର ବ୍ୟପାରୀ ନିଜର ମିଥ୍ୟା ସାମ୍ରାଜ୍ୟ ବିସ୍ତାର କରି ସାଧାରଣ ନିର୍ବୋଧଙ୍କୁ ଲୁଟୁଛନ୍ତି ଅହରହ । ବ୍ୟାପାରୀଙ୍କ ସଂଖ୍ୟା ସୀମିତ ରହିଥିବା ବେଳେ ସେମାନଙ୍କ ସୋପାନ ଅନେକ ରହିଛି ଆମ ସମାଜରେ । ତେଣୁ ଜଣେ ସାଧାରଣ ନିର୍ବୋଧ ମଣିଷ ସମାଜରେ ବିଭିନ୍ନ ସ୍ତରର ବ୍ୟାପାରୀଙ୍କ ଦ୍ୱାରା କେତେବେଳେ ପ୍ରତ୍ୟକ୍ଷରେ ତ ଆଉ କେତେବେଳେ ପରୋକ୍ଷରେ ଲୁଣ୍ଠିତ, ପ୍ରତାରିତ ହୋଇ ନିଜ ଜୀବନକୁ ଅଚିରେ ନଷ୍ଟ କରିବାରେ କୁଣ୍ଠା ବୋଧ ନାହିଁ କାହାର । ଅଧିକ୍ନ୍ତୁ ସେମାନେ ଅତ୍ୟନ୍ତ ଖୁସି, ଯେ ସମାଜରୁ କିଛି କଥା ଜାଣି ପାରୁଛନ୍ତି । କିନ୍ତୁ ଏହା ବୁଝିନାହାନ୍ତି ଯେ ସେଗୁଡିକ ସବୁ କୃତ୍ରିମ, ଅସତ୍ୟର ଭଣ୍ଡାର ବୋଲି ! କାରଣ ସେମାନଙ୍କ ଅଜ୍ଞାନତା କାରଣରୁ ମିଥ୍ୟକୁ ସତ୍ୟ ବୋଲି ବିଚାରୁଛନ୍ତି ସମସ୍ତେ ।

ପ୍ରଥମେ କୁହାଯାଇଥିବା ତିନୋଟି ଅସ୍ତ୍ରର ପ୍ରୟୋଗ ଶିକ୍ଷା କରିବାକୁ ହେବ ଯାହା ଏକ ଜଟିଳ ବିଷୟ । କିନ୍ତୁ ସେଗୁଡ଼ିକୁ ଉପଯୁକ୍ତ ମାର୍ଗରେ ପରିଚାଳିନା କରିବା ଶିକ୍ଷା କରିପାରିଲେ ଅତ୍ୟନ୍ତ ସରଳ ହୋଇଯିବ ଜୀବନ, ଯାହା ଆମକୁ ସତ୍ୟ ମାର୍ଗରେ ପରିଚାଳିତ ହେବାରେ ସାହାଯ୍ୟ କରିବ । ଆଉ, ଥରେ ଏହି ତିନୋଟି ଅସ୍ତ୍ରର ପ୍ରୟୋଗ ଶିକ୍ଷା କରିବା ପରେ ମଣିଷ ମନର ଅନୁଭୁତିରେ ଏକ ଆଶାତୀତ ପରିବର୍ତ୍ତନ ଆସିବ । ପ୍ରଚଳିତ ଅଲୌକିକ ବିଚାର ଗୁଡ଼ିକରୁ ନିଜକୁ ରକ୍ଷାକରି ପ୍ରକୃତିର ବାସ୍ତବ ସତ୍ୟକୁ ବୁଝିବାରେ ସକ୍ଷମ ହୋଇପାରିବ । ଥରେ ପ୍ରାକୃତିକ ସତ୍ୟର ସ୍ୱାଦ ଅନୁଭବ କରିବା ପରେ ମଣିଷ ସେଗୁଡ଼ିକୁ ନିଜ ଜୀବନରେ ଚରିତାର୍ଥ କରି ବାଜବନର ଲକ୍ଷ ତଥା ମଣିଷ ଜୀବନର ପ୍ରାକୃତିକ ରହସ୍ୟକୁ ବୁଝିବାରେ ସକ୍ଷମ ହେବ । ତାପରେ ମଣିଷ ନିଜକୁ ସମାଜର ଜଣେ କୃତକାର୍ଯ୍ୟ ସଦସ୍ୟର ପରିଚିତି ସୃଷ୍ଟି କରିବାରେ ସମର୍ଥ ହେବ । ଅନ୍ୟଥା ଜୀବନ ଶେଷ ପର୍ଯ୍ୟନ୍ତ କେବଳ ମିଥ୍ୟାରେ ପରିଚାଳିତ କରି ନିଜକୁ ଜଣେ ଅସତ୍ୟ ଆଧାର କୃତି ମଣିଷ ଭଳି ଜୀବନ ଶେଷ କରିବାରେ ଜୀବନ ନିରର୍ଥକ ହେବ।

ଆଗାମୀ ଅଧ୍ୟାୟରେ ଆଲୋଚନା କରିବା ଯେ ଜଣେ କୃତି ମଣିଷ ଏବଂ ନିରର୍ଥକ ଜୀବନ ମଧ୍ୟରେ ପ୍ରଭେଦ କ'ଣ ? ତାର ପ୍ରଭାବ, ପ୍ରକୋପ ଜଣେ ସାଧାରଣ ମଣିଷର ଦୈନନ୍ଦିନ ଜୀବନରେ କ'ଣ ପଡିଥାଏ ? ଆଜି ପାଇଁ ଏତିକି । ଧନ୍ୟବାଦ।


ୟୁଟ୍ୟୁବ୍-ସାମାଜିକ ଜନମଂଚ (ଭାରତ)
ଛତ୍ରପୁର, ଗାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.


# ଆଜିର ସମାଜରେ ଜରାଶ୍ରମର ଆବଶ୍ୟକତା

॥ ପ୍ରଦୀପ୍ତ ଆଚାର୍ଯ୍ୟ ॥

ବରିଷ୍ଠ ମାନଙ୍କ ନିମନ୍ତେ ଜରାଶ୍ରମ ଶବ୍ଦଟି ଏକ ସମ୍ବେଦନଶୀଳ ଶବ୍ଦ। ପୂର୍ବ କାଳେ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନାଥାଶ୍ରମ ପରିଚାଳନା କରୁଥିଲେ କିନ୍ତୁ ଜରାଶ୍ରମ ପ୍ରାୟ ନଥିଲା। ପିତୃମାତୃହୀନ ସନ୍ତାନ, ଅବୈଧ ସନ୍ତାନ ମାନଙ୍କୁ ଅନାଥାଶ୍ରମରେ ସ୍ଥାନ ଦିଆଯାଇ, ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରା ଯାଉଥିଲା। କାଳକ୍ରମେ ପରିବର୍ତ୍ତୀତ ସାମାଜିକ ବ୍ୟବସ୍ଥାରେ ଯୌଥ ପରିବାର ଲୋପ ପାଇ ଏକକ ପରିବାରର ସୃଷ୍ଟି ହେଲା। ମନୁଷ୍ୟର ସ୍ୱାର୍ଥପର ଚିନ୍ତନରୁ ଏକକ ପରିବାରର ସୃଷ୍ଟି ଏବଂ ଅସହାୟ ବୃଦ୍ଧ ପିତାମାତା ଏକକ ପରିବାର ନିମନ୍ତେ ଏକ ବୋଝ ସଦୃଶ। ଆଜିର ସମାଜରେ ନୈତିକତା ହ୍ରାସ ଏବଂ ଉଗ୍ର ଆଧୁନିକତା ବୃଦ୍ଧି ଯୋଗୁଁ ଏ ସମସ୍ୟାର ସୃଷ୍ଟି। ପିତା ମାତାଙ୍କ ସମ୍ପତିରେ ପୁତ୍ର ମାନଙ୍କର ଯେପରି ଅଧିକାର ଅଛି, ସେହିପରି ବୃଦ୍ଧାବସ୍ଥାରେ ସେମାନଙ୍କ ଯତ୍ନ ନେବା ମଧ୍ୟ ସେମାନଙ୍କର ନୈତିକ କର୍ତବ୍ୟ ଅଟେ। କିନ୍ତୁ ଅଧୁନା ସମାଜରେ ଏହାର ଏକ ବିରାଟ ବ୍ୟତିକ୍ରମ ଘଟିଛି। ଅସହାୟ ବୃଦ୍ଧ ପିତା ମାତାଙ୍କ ଦାୟିତ୍ୱ ବହନ କରିବାକୁ ଅଧିକାଂଶ ପୁତ୍ର ସମ୍ପୂର୍ଣ୍ଣ ଅନିଚ୍ଛୁକ। ଏହା ସାଧାରଣତଃ ଇଚ୍ଛାକୃତ ବା ଅନିଚ୍ଛାକୃତ ହୋଇଥାଏ। ପ୍ରାୟ ଦରିଦ୍ର ପରିବାର ଅପେକ୍ଷା, ମଧ୍ୟବିତ ଏବଂ ଉଚ୍ଚ ପରିବାରରେ ଏ ସମସ୍ୟା ଅଧିକ ଦୃଷ୍ଟି ଗୋଚର ହୋଇଥାଏ। ଉଚ୍ଚ ବର୍ଗର ବ୍ୟକ୍ତିଙ୍କ ସନ୍ତାନ ମାନେ ଉଚ୍ଚ ଶିକ୍ଷିତ ହୋଇ, ରାଜ୍ୟ ବା ଦେଶ ବାହାରେ ବଡ ବଡ ପଦ ପଦବୀରେ ଅଧିକ ବେତନରେ ନିଯୁକ୍ତି ହୋଇଥାନ୍ତି। ତେଣୁ ସେମାନେ ପିତାମାତାଙ୍କୁ ଅବହେଳା ପ୍ରଦର୍ଶନ ନିମନ୍ତେ ଇଚ୍ଛା ପ୍ରକାଶ କରୁନଥିଲେ ମଧ୍ୟ, ପରିସ୍ଥିତି ଚାପରେ ସେମାନେ ପ୍ରତ୍ୟକ୍ଷ ସେବା ଯୋଗାଇ ପାରନ୍ତି ନାହିଁ। ସେମାନଙ୍କୁ ନିଜ ପାଖକୁ ନେଇଯିବା ପ୍ରସ୍ତାବ ଆଗତ କଲେ ମଧ୍ୟ, ପିତାମାତାଙ୍କର ଭିଟାମାଟିର ମୋହ ତଥା ସହରରେ ବନ୍ଦୀ ଜୀବନ ଯାପନର ଆଶଙ୍କା ଯୋଗୁ, ସେ ପ୍ରସ୍ତାବ ଗୃହୀତ ହୋଇ ପାରେ ନାହିଁ। ତେଣୁ ଏହା ଅନିଚ୍ଛାକୃତ ଅବହେଳା। ଦରିଦ୍ର ପରିବାରରେ ଆର୍ଥିକ ଦୁରାବସ୍ଥା ଯୋଗୁ, ବେରୋଜଗାରୀ ବୃଦ୍ଧ ପିତା ମାତାଙ୍କ ଖାଦ୍ୟ ପେୟ, ସ୍ୱାସ୍ଥ ସମସ୍ୟା ନିମନ୍ତେ ହେଉଥିବା ଖର୍ଚ୍ଚ ତୁଲାଇବା କଷ୍ଟ ହେଉଥିବାରୁ, ଅନେକ ଲୋକ ସେମାନଙ୍କୁ ଇଚ୍ଛାକୃତ ଅବହେଳା ପ୍ରଦର୍ଶନ କରନ୍ତି। ଅନେକ ପରିବାରରେ ବୋହୁମାନେ ଶାଶୁ ଶ୍ୱଶୁରଙ୍କ ଯତ୍ନ ନେବା ପାଇଁ କୁଣ୍ଠା ପ୍ରକାଶ କରିବା ସହିତ ସେମାନଙ୍କୁ ଜରାଶ୍ରମରେ ଛାଡିବା ନିମନ୍ତେ ସ୍ୱାମୀ ମାନଙ୍କ ଉପରେ ପରୋକ୍ଷ ଚାପ ପ୍ରୟୋଗ କରନ୍ତି। ଯେଉଁ ବୋହୁ ନିଜର ପିତ୍ରାଳୟରେ ଭାଇ ଭାଉଜଙ୍କୁ ନିଜ ପିତା ମାତାଙ୍କ ଯତ୍ନ ନେବା ପାଇଁ ଉପଦେଶ ପ୍ରଦାନ କରନ୍ତି, ସେହିମାନେ ନିଜ ଶାଶୁ ଶ୍ୱଶୁରଙ୍କୁ ଅବହେଳା ପ୍ରଦର୍ଶନ କରିବାର ଯଥେଷ୍ଟ ନଜିର ରହିଅଛି। ବୃଦ୍ଧ ପିତା ମାତା ମାନେ ନିଜ ପରିବାରରେ ନିଜ ପୁତ୍ର, ପୁତ୍ରବଧୂ ମାନଙ୍କ ଦ୍ୱାରା ଅବହେଳିତ ହେବାବେଳେ, ସେମାନଙ୍କୁ ଲାଳନ ପାଳନ କରିଥିବା ସମୟର ତ୍ୟାଗ, କଷ୍ଟ ଏବଂ ଦୁଃଖକୁ ମନେ ପକାଇ ଅଧିକ ଦୁଃଖ ଅନୁଭବ କରନ୍ତି। ଆଜିକାଲି ସମାଜରେ ଏହା ଏକ ସାଧାରଣ ଘଟଣା ହୋଇ ଯାଇଛି। ବିବେକି ବ୍ୟକ୍ତି ମାନେ ପିତା ମାତାଙ୍କ ତ୍ୟାଗ, ଧର୍ମ ଭୟ ଓ ସାମାଜିକ ଭୟ ଯୋଗୁ, ଯେତେ ଅସୁବିଧା ହେଲେ ମଧ୍ୟ, ସେମାନଙ୍କୁ ହତାଦର କରି ନଥାନ୍ତି। କିନ୍ତୁ ଯେଉଁ ପିତା ମାତା ମାନଙ୍କର ଏକାଧିକ ପୁତ୍ର ସନ୍ତାନ, ସେମାନେ ଅଧିକ ନିର୍ଯ୍ୟାତିତ। ସେ ଯାହା ହେଉ, ଆଜିକାଲି ସାମାଜିକ ସ୍ଥିତିରେ, ଇଚ୍ଛାକୃତ ହେଉ ବା ଅନିଚ୍ଛାକୃତ ହେଉ ଅସହାୟ, ନିର୍ଭରଶୀଳ ବରିଷ୍ଠ ମାନଙ୍କୁ ଜରାଶ୍ରମରେ ହିଁ ରହିବାକୁ ପଡିବ। ତେଣୁ ସେମାନେ ମାନସିକ ଭାବରେ ପ୍ରସ୍ତୁତି ହେବା ଏକାନ୍ତ ଆବଶ୍ୟକ। ନିଜ ଘରେ ନିଜ ଜନ୍ମିତ ସନ୍ତାନ ମାନଙ୍କ ଦ୍ୱାରା ଅବହେଳିତ, ନିର୍ଯ୍ୟାତିତ ହେବା ଅପେକ୍ଷା, ଜରାଶ୍ରମରେ ଅବସ୍ଥାନ ହିଁ ଶ୍ରେୟସ୍କର। ସେଠାରେ ସମ ବୟସ୍କ, ତଥା ସମଦଶା ଭୋଗୁଥିବା ବ୍ୟକ୍ତି ମାନଙ୍କ ସହିତ ମନ ଖୋଲା ଆଲୋଚନା ଅନେକାଂଶରେ ଦୁଃଖ ଲାଘବ କରାଇ ପାରିବ ଏହା ନିଃସନ୍ଦେହ। ଆଜିକାଲି ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅସହାୟ ବୟସ୍କ ନାଗରିକଙ୍କ ନିମନ୍ତେ ଜରାଶ୍ରମ ଖୋଲି, ସେଠାରେ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେଉଛନ୍ତି। ଖାଦ୍ୟ ପେୟ, ମନୋରଞ୍ଜନ ନିମନ୍ତେ ଟିଭି ରେଡିଓ, ସ୍ୱାସ୍ଥ ସେବା ଇତ୍ୟାଦି ସବୁ ପ୍ରକାର ସୁବିଧା ଦିଆ ଯାଉଛି। ଆଉ ମଧ୍ୟ ଅନେକ ସ୍ଥାନରେ ଦେୟଯୁକ୍ତ ଜରାଶ୍ରମ ଖୋଲା ଯାଉଛି, ଯେଉଁଠାରେ ଅନ୍ତେବାସୀ ଧାର୍ଯ୍ୟ ଅର୍ଥ ଦାଖଲ କଲେ, ସେମାନଙ୍କ ପାଇଁ ସ୍ୱତନ୍ତ୍ର କୋଠରି, ସ୍ୱାସ୍ଥ ସେବା ନିମନ୍ତେ ଚିକିତ୍ସକ ଅନ୍ୟାନ୍ୟ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆ ଯାଉଛି। ଏଠାରେ ପେନସନ୍ ଭୋଗୀ କିମ୍ବା ଅଧିକ ଅର୍ଥ ରୋଜଗାର କରୁଥିବା ପୁତ୍ର, ଯେଉଁମାନେ ଇଚ୍ଛା ଥିଲେବି ପିତା ମାତାଙ୍କୁ ସାହଚର୍ଯ୍ୟ ପ୍ରଦାନ କରି ପାରୁ ନାହାନ୍ତି, କିନ୍ତୁ ଅର୍ଥ ପ୍ରଦାନ କରିବାକୁ ପ୍ରସ୍ତୁତ ଅଛନ୍ତି ସେମାନଙ୍କ ପିତା ମାତା ଅବସ୍ଥାନ କରି ପାରିବେ। ବେଳେ ବେଳେ ବୃଦ୍ଧ ପିତା ମାତା ମାନେ ନିଜ ଜନ୍ମିତ ସନ୍ତାନ ମାନଙ୍କ ଦ୍ୱାରା ଅବହେଳିତ ହେବା ପରେ ମଧ୍ୟ, ସେମାନେ ତାଙ୍କ ସନ୍ତାନ ମାନଙ୍କର ସାମାଜିକ ମର୍ଯ୍ୟାଦା ହାନି ଭୟରେ, ଏକଥା ସର୍ବ ସମ୍ମୁଖରେ ପ୍ରକାଶ କରନ୍ତି ନାହିଁ ଏବଂ ଲଜ୍ୟାରେ ଯେତେ ଅତ୍ୟାଚାରିତ ହେଲେ ମଧ୍ୟ ଜରାଶ୍ରମରେ ରହିବା ପାଇଁ ଚାହାନ୍ତି ନାହିଁ। ବରିଷ୍ଠ ମାନଙ୍କୁ ଅବହେଳା ପ୍ରଦର୍ଶନ କଲେ ଆଇନାନୁଯାୟୀ ଦଣ୍ଡର ବ୍ୟବସ୍ଥା ଥିଲେ ମଧ୍ୟ, ବହୁତ କମ୍ ଘଟଣା ନ୍ୟାୟାଳୟ ପର୍ଯ୍ୟନ୍ତ ଯାଉଛି। ଦ୍ୱିତୀୟରେ ବରିଷ୍ଠ ମାନଙ୍କର ପୂର୍ବ ପଦ ମର୍ଯ୍ୟାଦା, ସ୍ୱାଭିମାନ ସେମାନଙ୍କୁ ଜରାଶ୍ରମରେ ରହିବା ନିମନ୍ତେ ହିନମନ୍ୟତା ସୃଷ୍ଟି କରିଥାଏ। କିନ୍ତୁ ବର୍ତମାନ ପରିସ୍ଥିତି ବଦଳି ଯାଇଛି। ପୁର୍ବାପେକ୍ଷା ବର୍ତମାନ ଜରାଶ୍ରମର ଅନ୍ତେ ବାସୀଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଉଛି। ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ଅସହାୟ ବରିଷ୍ଠ ମାନେ ସ୍ୱେଚ୍ଛାକୃତ ଭାବରେ, ସେମାନଙ୍କ ପୁତ୍ର ମାନଙ୍କୁ ଦାୟିତ୍ୱ ମୁକ୍ତ କରିବା ସହିତ, ନିଜେ ସୁଖ ଓ ଶାନ୍ତିରେ କାଳାତିପାତ କରିବା ନିମନ୍ତେ, ଜରାଶ୍ରମରେ ଅବସ୍ଥାନ କରିବା ନିମନ୍ତେ ସମ୍ପୂର୍ଣ୍ଣ ମାନସିକ ପ୍ରସ୍ତୁତି କରିବା ଆବଶ୍ୟକ। ମୋହ ମାୟା ବଶତଃ ଯେଉଁ ପୁତ୍ର ମାନଙ୍କ ପାଇଁ, ଜୀବନରେ ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦକୁ ତ୍ୟାଗ କରି ପାରିଥିଲେ, ଆଉ ଶେଷ ବେଳକୁ ସେମାନଙ୍କୁ କାହିଁକି ଅସୁବିଧାରେ ପକାଇବେ। ଏହାଦ୍ୱାରା ପିଲା ମାନେ ଲୋକ ଲଜ୍ୟାରୁ ରକ୍ଷା ପାଇ ପାରିବେ ଏବଂ ବରିଷ୍ଠ ମାନେ ମଧ୍ୟ ସେମାନଙ୍କ ଅପ୍ରକାଶିତ ଅନ୍ତର୍ବେଦନାରୁ ମୁକ୍ତି ପାଇ ପାରିବେ। ସରକାରୀ ସ୍ତରରେ ଅଧିକ ଜରାଶ୍ରମ ଖୋଲାଯାଇ, ତାହାର ନାମ "ବରିଷ୍ଠ ଆବାସ" ରଖାଯାଉ। ବୃଦ୍ଧ ପିତା ମାତାଙ୍କ ଯୋଗୁଁ ଅସୁବିଧା ଅନୁଭବ କରୁଥିବା ପୁତ୍ର ମାନେ, ସେମାନଙ୍କୁ "ବରିଷ୍ଠ ଆବାସ"ରେ ରଖିବା ନିମନ୍ତେ ସରକାରଙ୍କୁ ଆବେଦନ କରି, ପ୍ରତ୍ୟେକ ମାସରେ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଦାଖଲ କରନ୍ତୁ ଏବଂ ଭବିଷ୍ୟତରେ ନିଜ ପାଇଁ, ନିଜ ପୁତ୍ରଙ୍କ ଠାରୁ ସମ ବ୍ୟବସ୍ଥା ପ୍ରାପ୍ତି ନିମନ୍ତେ ମାନସିକ ପ୍ରସ୍ତୁତି ରୁହନ୍ତୁ। ଅନେକ ସମସ୍ୟା ସମାଧାନ ହୋଇଯିବ, ନାଁ ଆପଣ କଣ କହୁଛନ୍ତି କୁହନ୍ତୁନା!


ଇଶାଣୀବ୍ରହ୍ମପୁର, କଟକ।
ମୋ-୬୩୭୧୫୯୩୨୨୦


# ନୃତ୍ୟରେ ସୁସ୍ଥତା

॥ ଡାକ୍ତର କାନ୍ତୀ ନାୟକ ॥

କାର୍ଡ଼ିଓ ଭାସ୍କୁଲାର ସମସ୍ୟା ଦୂର କରିବାରେ ନାଚ ସାହାଯ୍ୟ କରେ। ଏକ ସ୍ୱାସ୍ଥ୍ୟ ଗବେଷଣା ରିପୋର୍ଟରେ ଏହି ତଥ୍ୟଟି ପ୍ରକାଶ ପାଇଛି। ଆଜିକାଲି ଶାରୀରିକ ସୁସ୍ଥତା ସହ ଅନେକ ନୃତ୍ୟକୁ ନିତିଦିନିଆ ଜୀବନର ଏକ ବ୍ୟାୟାମ ଭାବେ ମଧ୍ୟ ଗ୍ରହଣ କଲେଣି। ଦିନକୁ ଦିନ ଏହାର ଚାହିଦା ଓ ଏଥିପ୍ରତି ଆଗ୍ରହ ମଧ୍ୟ ବଢୁଛି। ନୃତ୍ୟର ପ୍ରତ୍ୟେକଟି ଭଙ୍ଗୀ ଶରୀରର ବିଭିନ୍ନ ଅଙ୍ଗକୁ ଉପକାର ଦେଇଥାଏ। କୋରିଓଗ୍ରାଫରଙ୍କ ମତରେ, ନୃତ୍ୟ ଏକ ପ୍ରକାର ମହୌଷଧି ଭଳି କାମକରେ। ଏହା ବିଷାଦମୁକ୍ତ କରିବାରେ ବି ସାହାଯ୍ୟ କରେ। ସେହିପରି ଫିଟନେସ ବିଶେଷଜ୍ଞ କହନ୍ତି, ନାଚିବା ଅଭ୍ୟାସରେ ଥରେ ପଡ଼ିଗଲେ ଧୀରେ ଧୀରେ ଓଜନ ହ୍ରାସ ପାଇବାରେ ଲାଗେ। କିନ୍ତୁ ଏଥିଲାଗି ସଠିକ୍ ୱାର୍ମଅପ୍ ଟେକନିକ ଆପଣେଇବାକୁ ପଡ଼େ। ୱାର୍ମଅପ୍ ଲାଗି ବାଲିଷ୍ଟିକ ଓ ଡାଇନାମିକ ଷ୍ଟ୍ରେଚ୍ ସବୁଠୁ ଭଲ। ନାଚ ପରେ ଶକ୍ତି ଲାଗି ସୁଷମ ପ୍ରୋଟିନଯୁକ୍ତ ଖାଦ୍ୟ ଜରୁରୀ।

ମିଶ୍ରିତ ନୃତ୍ୟ : ନାଚ ଲାଗି ଏବେ ଯୁବପିଢ଼ି ବେଶୀ ଆକର୍ଷିତ ହେଉଛନ୍ତି ଏବଂ ଏହାଦ୍ୱାରା ଫିଟ ଓ ସ୍ଲିମ୍ ଶରୀର ପାଇବାରେ ସକ୍ଷମ ହେଉଛନ୍ତି। ଗୋଡ଼ ଓ ହାତର କାର୍ଯ୍ୟରେ ସମନ୍ୱୟ ପାଇଁ ନାଚ ଆବଶ୍ୟକ। ଶରୀର ଓ ଗୋଡ଼ ଚାଳନାରେ ଭାରସାମ୍ୟ ବୃଦ୍ଧି ପାଏ। ମିଶ୍ରିତ ନୃତ୍ୟ ଗଣ୍ଠି ଚାଳନାରେ ସହାୟକ ହେବା ସହିତ ତାହାକୁ ନମନୀୟ କରେ। ଏହି ନାଚରେ ବହୁ ଲିଫ୍ଟ ବା ଭଙ୍ଗୀ ରହିଥିବାରୁ ତାହା କାନ୍ଧ, ବାହୁ ଓ ଗୋଡ଼କୁ ଫାଇଦା ଦିଏ।

ବାଲେଟ : ବାଲେଟରେ ଶରୀରର ଆଭ୍ୟନ୍ତରୀଣ ମାଂସପେଶୀ ମଜବୁତ ହୁଏ। ଜଣେ ଖେଳାଳି ଯେତିକି ଶକ୍ତି ଆବଶ୍ୟକ କରନ୍ତି ସେତିକି ଶକ୍ତି ଲୋଡ଼ା ହୁଏ ବାଲେଟରେ। ବାଲେଟ ଏକ ପ୍ରକାରର ନୃତ୍ୟଶୈଳୀ ଯେଉଁଥିରେ ଶରୀର ଫିଟ ହେଲେ ହିଁ କରିପାରିବେ। ଏହି ନାଚ ଆଙ୍କଲ ମସଲ୍‌ସର ଶକ୍ତି ଉପରେ ନିର୍ଭର କରେ ଓ ଏହା ମଧ୍ୟ ଏହି ମସଲ୍‌ସକୁ ଟାଣ କରେ। ଶାରୀରିକ ଗଠନ ଲାଗି ବାଲେଟ ପୁରା ଉପଯୋଗୀ। ସିଧା ଓ ସ୍ମାର୍ଟ ଭାବେ ଠିଆ ହୋଇପାରିବେ ଓ ପିଠିର ସ୍ନାୟୁ ଏବଂ ମାଂସପେଶୀ ପୁରା ମଜବୁତ ରହିବ। ବାର ଏକ୍ସରସାଇଜ ଯାହା ଧୀରେ ଧୀରେ କରାଯାଏ ତାହା ଠିକ୍ ଫିଜିଓଥେରାପୀ ଭଳି। ବାଲେଟ ନାଚରେ ଆୟୁଷ ବୃଦ୍ଧି ହୁଏ ବୋଲି ଏକ ଅନୁଧ୍ୟାନରୁ ଜଣାପଡ଼ିଛି। ଯେଉଁମାନଙ୍କର ଗୋଡ ଶରୀର ଠାରୁ ଲମ୍ବା ହୋଇଥାଏ ସେମାନେ ବାଲେଟ ନାଚ ଲାଗି ଉପଯୁକ୍ତ ଓ ନାଚରୁ ବେଶୀ ଫାଇଦା ପାଇଥାନ୍ତି।

ହିପ୍‌ଅପ୍ : ହିପ୍‌ଅପ୍ ଡ୍ୟାନ୍ସ ଷ୍ଟାଇଲ ଏବେ ଯୁବପିଢ଼ିଙ୍କର ଅତି ପ୍ରିୟ। ଏହି ନାଚ ଗୋଡ଼ ଓ ହାତ ମାଂସପେଶୀକୁ ଲାଭ ଦିଏ। ନାଚର ବିଭିନ୍ନ ସ୍ତର ଗୋଡ଼, ବାହୁ, ଜଙ୍ଘ ଏବଂ ଶରୀରର ଉପର ଭାଗକୁ ଉପକାରୀ। କୋର ମସଲସ ଏହାଦ୍ୱାରା ମଜବୁତ ହୁଏ। ଡ୍ୟାନ୍ସ ବିଶେଷଜ୍ଞ କହନ୍ତି, ହିପ୍‌ଅପ ଡ୍ୟାନ୍ସ ଦ୍ୱାରା ମସ୍ତିଷ୍କର ଉଭୟ ପାଖର ବିକାଶ ହୋଇଥାଏ।

ବେଲି ଡ୍ୟାନ୍ସ : ପେଟର ମାଂସପେଶୀକୁ ମଜବୁତ କରିବାକୁ ଚାହୁଁଥିଲେ ଏହି ନାଚ ଆପଣାନ୍ତୁ। ଏହି ନାଚରେ ପାରଙ୍ଗମ ହୋଇଗଲେ ଆଉ ଜିମ ଯିବାକୁ ପଡ଼ିବନି। ପ୍ରତିଦିନ ଘଣ୍ଟାଏ କି ଦୁଇଘଣ୍ଟା ନାଚିବା ସବୁଠାରୁ ଭଲ। ଏହି ଡ୍ୟାନ୍ସରେ ଅଣ୍ଟା କି ପେଟ ବେଶୀ ସଞ୍ଚାଳନ କରିବାକୁ ପଡ଼ିନଥାଏ। ଆଣ୍ଠୁ ବି କାମ କରେ। ଏହାଦ୍ୱାରା ଗୋ ମାଂସପେଶୀ ଶକ୍ତିଶାଳୀ ହୋଇଯାଏ।

ଜୁମ୍ବା : ଯେଉଁମାନେ ଓଜନ କମାଇବା ଲାଗି ଚାହୁଁଛନ୍ତି ଜୁମ୍ବା ଆଡ଼କୁ ମୁହଁ ଫେରାନ୍ତୁ। ଲାଟିନ ମ୍ୟୁଜିକର ତାଳେ ତାଳେ ନାଚୁଥିବେ, ଥକାପଣ କେବେ ବି ଅନୁଭବ କରିବେନି। ଏହାଦ୍ୱାରା ଫ୍ୟାଟ କମିଯିବ। ଓଜନ ହ୍ରାସ ପାଏ। ଗୋଡ ହାତ ସଞ୍ଚାଳନ ବେଶୀ ହେଉଥିବାରୁ ଏହା ମଧ୍ୟ ମଜବୁତ ହୋଇଯାଏ। ଏହି ନାଚ କ୍ୟାଲୋରୀ ବର୍ଣ୍ଣର ଭାବେ କାମ କରେ।

ଭାରତନାଟ୍ୟମ : ଅନେକ ହୁଏତ ଜାଣିନାହାଁନ୍ତି ଶାରୀରିକ ଗଠନରେ ଏହି ନୃତ୍ୟ ସହାୟକ ହୋଇଥାଏ। ଏଥିରେ ଗୋଡ଼ର କରାମତି ବେଶୀ। ଶାରୀରିକ ଲୋୟର ପାର୍ଟ ଏହାଦ୍ୱାରା ବେଶୀ ମଜବୁତ ହୁଏ। ଫିଟନେସ ଲାଗି ପୋଲ୍ ଡ୍ୟାନ୍ସ : ପୁରା ଫିଟ ଲାଗି ପୋଲଡ୍ୟାନ୍ସ ସହାୟକ ବୋଲି କୁହାଯାଇପାରେ। ପୋଲରେ ଝୁଲି ବିଭିନ୍ନ ଏରୋବେଟିକ ଟ୍ରିକ୍ସ ଦ୍ୱାରା ହାତ, କାନ୍ଧର ଶକ୍ତି ବୃଦ୍ଧି ପାଏ। ପୁସ୍‌ଅପରେ ଯେତିକି ଲାଭ ମିଳେ ଏହି ନାଚରେ ବି ତାହା ମିଳିଥାଏ। ପିଠି, ବଳାଗଣ୍ଠି ଓ ଜଂଘକୁ ମଧ୍ୟ ଉପକାରୀ। ଓଜନ କମାଇବା ଲାଗି ପୋଲଡ୍ୟାନ୍ସ ଏକ ପ୍ରକାର ଭଲ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ପୋଲ ଡ୍ୟାନ୍ସର ଗୋଟିଏ କ୍ଲାସରେ ୨୫୦ କ୍ୟାଲୋରୀ କ୍ଷୟ କରିବାକୁ ସକ୍ଷମ ହୋଇଥାନ୍ତି, ଯାହା ଗୋଟିଏ ଜିମ୍ ସେସନ୍ ସହ ସମାନ। ପାକସ୍ଥଳୀ ବି ସମସ୍ୟା ମୁକ୍ତ ହୋଇଯାଏ। ପ୍ରଶିକ୍ଷକଙ୍କ ସାହାଯ୍ୟ ବିନା ଘରେ ଏହାକୁ ଅଭ୍ୟାସ କରିବା ମନା। ଅନେକ ପୋଲର ଉପରୁ ତଳକୁ ଖସି ଡ୍ୟାନ୍ସ କରିବା ଲାଗି ଇଚ୍ଛୁକ ଥାନ୍ତି କିନ୍ତୁ ଏହା ବିପଜ୍ଜନକ। ଏହାଦ୍ୱାରା ମୁଣ୍ଡ ଓ ମେରୁଦଣ୍ଡରେ ଆଘାତ ଲାଗିବାର ଆଶଙ୍କା ରହିଥାଏ। ପୋଲ ଡ୍ୟାନ୍ସ ଧୀରେ ଧୀରେ ଶିଖିବା ଉଚିତ।

କ'ଣ ଖାଇବେ : ନାଚଦ୍ୱାରା ଯଦି ଓଜନ କମାଇବାକୁ ଚାହୁଁଛନ୍ତି ତେବେ ସୁଗାର ଏବଂ କାର୍ବୋହାଇଡ୍ରେଟସ୍ ଠାରୁ ଦୂରେଇ ରହିବେ। ଜଣେ ଡାଏଟସିଆନଙ୍କ ସହ ପରାମର୍ଶ କଲେ ଭଲ ହେବ। ଠିକ ସମୟରେ ଠିକ ଖାଦ୍ୟ ଖାଇବା ଉଚିତ। ଅଳ୍ପ ଅଳ୍ପ ଛଅଥର ଖାଇବାକୁ ହେବ। ବେଶି ପାଣି ପିଅନ୍ତୁ। ଆପଣଙ୍କର ଯୋଗପ୍ରାଣାୟାମ ଅଭ୍ୟାସ ଥିଲେ ତାହାକୁ ମଧ୍ୟ ଜାରି ରଖନ୍ତୁ। କିନ୍ତୁ ଶରୀରରେ ମେଦବହୁଳତା ଓ ଅନ୍ୟାନ୍ୟ କୌଣସି ରୋଗ ଯେପରି ନଥାଏ ସେ ଦିଗ ପ୍ରତି ଯତ୍ନବାନ ହୁଅନ୍ତୁ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ବିକାଶର ନଗ୍ନ ପ୍ରତିଛବି: ୭୦ ବର୍ଷୀୟା ବୃଦ୍ଧାଙ୍କୁ ୩ କିଲୋମିଟର ଦୋଳାରେ ବୋହିଲେ ଗ୍ରାମବାସୀ



ପାତ୍ରପୁର: (ମହାଭାରତ) ରାଜ୍ୟ ସରକାର ପକ୍ଷରୁ ଗାଁ ଗାଁରେ 'ବିକାଶ'ର ଡିଣ୍ଡିମ ପିଟାଯାଉଥିବା ବେଳେ ଗ୍ରାମାଞ୍ଚଳର ବାସ୍ତବ ଚିତ୍ର ଏବେ ବି ଅତ୍ୟନ୍ତ ଦୟନୀୟ। ମୌଳିକ ସୁବିଧା, ବିଶେଷ କରି ପକ୍କା ରାସ୍ତା ଅଭାବରୁ ଯାତାୟାତ ପାଇଁ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ଦୁର୍ଗମ ଅଞ୍ଚଳର ଅଧିବାସୀ। ଏହିପରି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତର ଭାଲିଆବାଡ଼ ଗ୍ରାମରୁ, ଯାହା ସ୍ଥାନୀୟ ପ୍ରଶାସନିକ ସ୍ପନ୍ଦନହୀନତାକୁ ପଦାରେ ପକାଇଦେଇଛି। ଭାଲିଆବାଡ଼ ଗ୍ରାମର ୭୦ ବର୍ଷୀୟା ବିଧବା ମହିଳା ମୁତିଆଲି ସବର ଗତ କିଛି ଦିନ ହେବ ଗୁରୁତର ଅସୁସ୍ଥ ଥିଲେ। ତାଙ୍କର ହାତ-ଗୋଡ଼ ଫୁଲିବା ସହ ଆଣ୍ଠୁରେ ପ୍ରବଳ ଯନ୍ତ୍ରଣା ହେଉଥିବାରୁ ସେ ଚାଲିବୁଲି କରିବାରେ ସମ୍ପୂର୍ଣ୍ଣ ଅସମର୍ଥ ହୋଇପଡ଼ିଥିଲେ। ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେବାକୁ ଚାହିଁଥିଲେ ସୁଦ୍ଧା, ଗାଁକୁ ପକ୍କା ରାସ୍ତାଟିଏ ନଥିବା କାରଣରୁ କୌଣସି ଆମ୍ବୁଲାନ୍ସ କିମ୍ବା ଅଟୋ ଗ୍ରାମ ମଧ୍ୟକୁ ପ୍ରବେଶ କରିପାରିନଥିଲା। ବର୍ଷା ଯୋଗୁଁ ରାସ୍ତା ଅତ୍ୟନ୍ତ କାଦୁଅ ଓ ପିଛିଳ ହୋଇପଡ଼ିଥିଲା।ଏଭଳି ସଙ୍କଟଜନକ ପରିସ୍ଥିତିରେ ଗ୍ରାମବାସୀ ମାନବିକତାର ପରିଚୟ ଦେଇ ଏକ ବାଉଁଶ ଦୋଳା ତିଆରି କରିଥିଲେ। ଅସୁସ୍ଥ ମୁତିଆଲିଙ୍କୁ ସେହି ଦୋଳାରେ ବସାଇ ଗ୍ରାମବାସୀ କାନ୍ଧରେ ବୋହି ପ୍ରାୟ ୩ କିଲୋମିଟର ଦୁର୍ଗମ କାଦୁଅ ରାସ୍ତା ଅତିକ୍ରମ କରି ସର୍ଦ୍ଦାପୁର ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ ତାଙ୍କୁ ଜରଡ଼ା ଡାକ୍ତରଖାନାକୁ ପଠାଯାଇ ଚିକିତ୍ସିତ କରାଯାଇଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପକ୍କା ରାସ୍ତା ନଥିବାରୁ କେବଳ ଆପାତକାଳୀନ ସ୍ୱାସ୍ଥ୍ୟସେବା ନୁହେଁ, ବରଂ ବର୍ଷାଦିନେ ଦୈନନ୍ଦିନ ଯାତାୟାତ ମଧ୍ୟ ସମ୍ପୂର୍ଣ୍ଣ ସ୍ଥାଣୁ ହୋଇପଡ଼ୁଛି। ଗ୍ରାମ ନିକଟ ଦେଇ ଯାଇଥିବା କେନାଲ ପଥକୁ ଯଦି ପକ୍କା ରାସ୍ତାରେ ପରିଣତ କରାଯାଏ, ତେବେ ଏହି ବହୁବର୍ଷର ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରନ୍ତା ,ଜରୁରୀ ସମୟରେ ଆମ୍ବୁଲାନ୍ସ ପହଞ୍ଚିବା ପାଇଁ ଏବଂ ଗାଁକୁ ତୁରନ୍ତ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ଭାଲିଆବାଡ଼ବାସୀ ଜିଲ୍ଲା ପ୍ରଶାସନ ନିକଟରେ ଜୋରଦାର ଦାବି କରିଛନ୍ତି। ବିକାଶର ପ୍ରଚାର ଭିତରେ ଭାଲିଆବାଡ଼ ଗ୍ରାମର ଏହି ଗୁରୁତର ସମସ୍ୟା ପ୍ରଶାସନର ଦୃଷ୍ଟିଗୋଚର ହେଉଛି କି ନାହିଁ ଏବଂ କେବେ ଏହି ରାସ୍ତାର ଭାଗ୍ୟ ବଦଳୁଛି, ତାହା ଦେଖିବାକୁ ବାକି ରହିଲା।

## ବିଜେଡି ରାଜ୍ୟ ଏସସି ସେଲର ରାଜ୍ୟସଭାପତି ଭାବରେ ପୂର୍ବତନ ସାଂସଦ ମହେଶ ସାହୁ ନିଯୁକ୍ତ



ହିନ୍ଦୋଳ, (ମହାଭାରତ): ଢେଙ୍କାନାଳ ଜିଲ୍ଲାର ପୂର୍ବତନ ସାଂସଦ ମହେଶ ସାହୁଙ୍କୁ ବିଜୁଜନତାଦଳ ଅନୁସୂଚିତ ଜାତି(ଏସସି) ସେଲର ରାଜ୍ୟ ସଭାପତି ଭାବେ ନିଯୁକ୍ତିକୁ ନେଇ ଅଞ୍ଚଳରେ ଖୁସିର ଲହରୀ ଖେଳାଇଦେଇଛି।ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ରାଜ୍ୟ ଏସସି ସେଲର ପୁନର୍ଗଠନ କରିବାସହ ପୁଣିଥରେ ଆସ୍ଥା ପ୍ରକଟ କରି ମହେଶ ସାହୁଙ୍କ ନାମ ସଭାପତି ଭାବରେ ଅନୁମୋଦନ କରିଛନ୍ତି। ତେବେ ରାଜ୍ୟର ବରିଷ୍ଠ ବିଜେଡି ନେତା ତଥା ଢେଙ୍କାନାଳ ସଂସଦୀୟ କ୍ଷେତ୍ରରେ ସର୍ବାଧିକ ଲୋକପ୍ରିୟ ନେତା ମହେଶ ସାହୁ ପୂର୍ବରୁ ତାଳଚେର, ପାଲଲହଡାର ବିଧାୟକ, ଢେଙ୍କାନାଳ ସାଂସଦ, ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷ ରହିଆସିଛନ୍ତି ଏବଂ ସମସ୍ତ ଦାୟିତ୍ୱ ସୁଚାରୁରୂପେ ତୁଲାଇବାସହ ପ୍ରତ୍ୟେକ ଦିନରେ ତୃଣମୂଳ ସ୍ତରରେ ଜନସାଧାରଣଙ୍କ ସହିତ ଜଡିତ ରହିବାସହ ଲୋକଙ୍କ ହକ ପାଇଁ ଲଢେଇ ଜାରି ରଖିଛନ୍ତି। ଜଣେ ଦୃଢ଼ ସୁସଂଗଠକ, ଭଦ୍ର ଅମାୟିକ, ସାଧାରଣ ଯିବନଜାପାନ କରୁଥିବା ପରୋପକାରୀ ତଥା ସରଳ ବ୍ୟକ୍ତିତ୍ୱ ରୂପେ ସୁପରିଚ ମହେଶ ସାହୁଙ୍କର ଢେଙ୍କାନାଳ-ଅନୁଗୋଳରେ ଜିଲ୍ଲାରେ ଲୋକପ୍ରିୟତା ସର୍ବାଧିକ ରହିଛି। ଏଥିସହ ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାସହ ଏକମାତ୍ର ନେତା ଭାବରେ ବର୍ତ୍ତମାନ ସୁଦ୍ଧା ହିନ୍ଦୋଳ ଜନସାଧାରଣଙ୍କ ସୁଖଦୁଃଖ ରେ ସାମିଲ ରହୁଛନ୍ତି।ରାଜ୍ୟ ଅନୁସୂଚିତ ଜାତି(ଏସସି) ସେଲର ରାଜ୍ୟ ସଭାପତି ମନୋନୀତ ହେବାପରେ ମହେଶ ଙ୍କୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ହିନ୍ଦୋଳ ବ୍ଲକ ବିଜେଡି ସଭାପତି ଦେବୀପ୍ରସାଦ ପଟ୍ଟନାୟକ, ଓଡାପଡା ସଭାପତି ତଥା ସରପଞ୍ଚ ଯତି ନାୟକ,ହିନ୍ଦୋଳ ଏନଏସି ବିଜେଡି ସଭାପତି ତଥା ପୂର୍ବତନ କାଉନସିଲର ପ୍ରଦ୍ୟୁମ୍ନ ବେହେରା, ଜିଲ୍ଲାପରିଷଦ ସଦସ୍ୟା ମମତାଞ୍ଜଳି ବେହେରା, ହିନ୍ଦୋଳ ବ୍ଲକ ଚେୟାରମ୍ୟାନ ସସ୍ମିତାରାଣୀ ନାୟକ, ରାଜ୍ୟ ସମ୍ପାଦିକା ମମତା ସାହୁ, ବ୍ଲକ ମହିଳା ସଭାପତି ଯୋଗମାୟା ଗଡ଼ନାୟକ,ହିନ୍ଦୋଳ ଓକିଲ ସଙ୍ଘ ସଭାପତି ସୁଶୀଳ ଗଡ଼ନାୟକ, ଏନଏସି ଉପାଧ୍ୟକ୍ଷା ପ୍ରତିମା ରାଉତ, ଏନଏସି ମହିଳା ସଭାପତି ଅନୁପମା ସାହୁ ପ୍ରମୁଖଙ୍କ ସହିତ ବହୁ ବିଜେଡି କାର୍ଯ୍ୟକର୍ତ୍ତା, କର୍ମୀ ଓ ହିନ୍ଦୋଳ ଜନସାଧାରଣ ମହେଶ ଙ୍କ ନିଯୁକ୍ତି ରେ ନବୀନ ପଟ୍ଟନାୟକ ଙ୍କୁ କୃତଜ୍ଞତା ଓ ମହେଶ ସାହୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଢ଼ିହିରାକୁଲ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଚୋରି

କପ୍ତିପଦା, (ମହାଭାରତ) : ସ୍କୁଲରେ ହେଲା ଚୋରି ବାରଣ୍ଡାରେ ବସି ପଢିଲେ ପିଲା। ଏଭଳି ଚିତ୍ର ସାମ୍ନାକୁ ଆସିଛି ଉଦଳା ଥାନା ଢ଼ିହିରାକୁଲ ସରକାରୀ ଉଚ୍ଚ ବିଦ୍ୟାଳୟ ରୁ। ଏହି ବିଦ୍ୟାଳୟରେ ନବମ ଏବଂ ଦଶମ ଶ୍ରେଣୀ ରେ ୭୪ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଆଜି ସମସ୍ତେ ବାରଣ୍ଡାରେ ତଳେ ବସି ପାଠ ପଢ଼ିଛନ୍ତି। ଆଉ ତାଙ୍କୁ ପାଠ ପଢ଼ାଇଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ। କାହିଁକି ନା ବିଦ୍ୟାଳୟରେ ହୋଇଛି ଚୋରି। ଅଫିସ ଘର ଠାରୁ ଆରମ୍ଭ କରି କ୍ଲାସ ରୁମ ପର୍ଯ୍ୟନ୍ତ ସବୁ ସ୍ଥାନ ରୁ ଚୋରି ହୋଇଥିବା ବେଳେ ପୋଲିସ ତଦନ୍ତ କରୁଥିବାରୁ କ୍ଲାସ ରୁମ ବାହାରେ ବାରଣ୍ଡାରେ ବସି ପାଠ ପଢୁଛନ୍ତି ଛାତ୍ରଛାତ୍ରୀ। ଆଜି ସକାଳେ ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ପହଂଚିବା ପରେ ବିଦ୍ୟାଳୟ ରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଯାହାକି ଦୁର୍ବୃତ୍ତ ମାନେ ବିଦ୍ୟାଳୟ ର ଅଫିସ ଗୃହ କବାଟ ଭାଙ୍ଗି ସେଠାରେ ଥିବା ଇନଭାରଟର ବ୍ୟାଟେରୀ, ପଙ୍ଖା, ସହିତ ପ୍ରାୟ ୧୫ ବସ୍ତା ମଧ୍ୟାହ୍ନ ଭୋଜନ ଚାଉଳ ଲୁଟି ନେଇଛନ୍ତି। ଏହା ସହିତ ସମସ୍ତ କ୍ଲାସ ରୁମ ରୁ ପଙ୍ଖା ସହିତ ସିସି ଟିଭି ହାର୍ଡ ଡିସ୍କ ମଧ୍ୟ ଚୋରି କରି ନେଇଛନ୍ତି ଦୁର୍ବୃତ୍ତ। ଅଭିଯୋଗ ପାଇବା ପରେ ଉଦଳା ପୋଲିସ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ରାଇଘର ବ୍ଲକରେ ଏକାଥରକେ ତିନି ଛାତ୍ରଛାତ୍ରୀଙ୍କ ସଫଳତା




ରାଇଘର, (ମହାଭାରତ) : ରାଇଘର ସୀମାନ୍ତ ଅଞ୍ଚଳରୁ ଦେଖିଥିଲେ ବଡ଼ ସ୍ୱପ୍ନ ପରିଶ୍ରମରେ ତାହାକୁ କରିଦେଲେ ସତ। ନିଟ୍ ପରୀକ୍ଷାରେ ସଫଳତା ହାସଲ କରି ରାଇଘର ବ୍ଲକର ନାମକୁ ଗୌରବାନ୍ୱିତ କରିଛନ୍ତି ତିନି ମେଧାବୀ ଛାତ୍ରଛାତ୍ରୀ ମହେନ୍ଦ୍ର ଗଣ୍ଡ ଉଦୟ ଶଙ୍କର ଜାନୀ ଓ ପଦ୍ମା ଗଣ୍ଡ।କୁରାବେଢା ପଞ୍ଚାୟତର ସୋନପୁର ଗ୍ରାମର ମହେନ୍ଦ୍ର ଗଣ୍ଡ ନିଟ୍‌ରେ ସଫଳ ହୋଇ ବୁର୍ଲା ଭୀମସାରରେ ଏମ୍‌ବିବିଏସ୍ ପଢ଼ିବାର ସୁଯୋଗ ପାଇଛନ୍ତି।ସେହିପରି ବିରିସାଡି ଗ୍ରାମର ଉଦୟ ଶଙ୍କର ଜାନୀ ନିଟ୍‌ରେ ସଫଳ ହୋଇ ଫୁଲବାଣୀ ସରକାରୀ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପଢ଼ିବାର ସୁଯୋଗ ପାଇଛନ୍ତି। ତାଙ୍କ ସଫଳତାରେ ପରିବାର ଶିକ୍ଷକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରୀ। ଅନ୍ୟପଟେ ବରଗାଁ ଗ୍ରାମର ପଦ୍ମା ଗଣ୍ଡ ମଧ୍ୟ ନିଟ୍‌ରେ ସଫଳ ହୋଇ କଟକ ଏସ୍‌ସିବି ମେଡିକାଲ କଲେଜରେ ପଢ଼ିବାର ସୁଯୋଗ ପାଇଛନ୍ତି। ତିନି ମେଧାବୀଙ୍କ ଏହି ସଫଳତା କେବଳ ତିନି ପରିବାରର ଖୁସି ନୁହେଁ ସମଗ୍ର ରାଇଘରର ଗର୍ବ। ସୀମାନ୍ତ ମାଟିରୁ ମଧ୍ୟ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ବଡ଼ ସ୍ୱପ୍ନ ସାକାର ହୋଇପାରେ ମହେନ୍ଦ୍ର ଉଦୟ ଓ ପଦ୍ମା ତାହାର ଜ୍ୱଳନ୍ତ ଉଦାହରଣ।ତିନି ମେଧାବୀଙ୍କ ସଫଳତା ଏବେ ରାଇଘରର ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପାଲଟିଛି ଆଶା ଓ ପ୍ରେରଣାର ନୂଆ ଆଲୋକ।

## ବାଣିଗୋଛା ପୋଲିସ ଦ୍ୱାରା ଦାଦା-ପୁତୁରା ଗିରଫ, କୋର୍ଟ ଚାଲାଣ

ଦଶପଲ୍ଲା, (ମହାଭାରତ): ପାରିବାରିକ ବିବାଦକୁ କେନ୍ଦ୍ର କରି ବାଣିଗୋଛା ଥାନା ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ କରଡ଼ିଗଡ଼ା, ବରାମତୀ ଗ୍ରାମର କେଲୁ ନାଏକ (୫୦) ଏବଂ ବିଜୟ ନାଏକ (୩୦)। ଉଭୟଙ୍କ ଘର ବାଣିଗୋଛା ଥାନା ଅଧୀନରେ ରହିଛି। ପୋଲିସ ସୂଚନା ଅନୁଯାୟୀ, ଦାଦା-ପୁତୁରାଙ୍କ ମଧ୍ୟରେ ପାରିବାରିକ ବିବାଦକୁ ନେଇ ବାଣିଗୋଛା ଥାନାରେ ୧୧୦/୨୦୨୬ ଓ ୧୧୧/୨୦୨୬ ନମ୍ବରରେ ଦୁଇଟି ମାମଲା ରୁଜୁ ହୋଇଥିଲା। ମାମଲାର ତଦନ୍ତକାରୀ ଅଧିକାରୀ ଏସ୍.ଆଇ. ବୀରେନ୍ଦ୍ର କୁମାର ଦେହୁରୀ ସୋମବାର ଦିନ ଉଭୟଙ୍କୁ ଗିରଫ କରିଥିଲେ। ପରେ ମଙ୍ଗଳ ବାର ଦିନ ଉଭୟ ଅଭିଯୁକ୍ତଙ୍କୁ ମାନ୍ୟବର କୋର୍ଟରେ ଚାଲାଣ କରାଯାଇଥିବା ବାଣିଗୋଛା ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି ।

## ଘୋ ଘୋ ଶବ୍ଦ କରି ମାଟି ଭିତରକୁ ପଶିଗଲା ବହୁ ପୁରାତନ କୂଅ : କୂଅ ଭୁଶୁଡିବା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ



ପରଜଙ୍ଗ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମୁକ୍ତାପଶି ଗାଁରେ ଅଭାବନୀୟ ଘଟଣା। ମାଟି ଭିତରକୁ ହଠାତ୍ ଭୁଶୁଡ଼ି ପଶିଗଲା ବହୁ ପୁରାତନ କୂଅ। ଏଥିସହିତ କୂଅ ପାର୍ଶ୍ୱର ରାସ୍ତା ଦବିଯିବାରୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି।ମୁକ୍ତାପଶି ଗାଁର ତଳସାହିରୁ କୁମ୍ଭାରସାହି ଏବଂ ମଙ୍ଗଳା ମନ୍ଦିରରୁ ତ୍ରିକୁଟି ଛକ ପର୍ଯ୍ୟନ୍ତ ରାସ୍ତାରେ ଯାତାୟାତ ବନ୍ଦ ରହିଛି। ପ୍ରାୟ ୪୦ ଫୁଟ ଗଭୀର ଏହି କୂଅ ଉପରେ ଶହେରୁ ଊର୍ଦ୍ଧ୍ୱ ପରିବାର ବର୍ଷସାରା ପାଣି ପାଇଁ ନିର୍ଭର କରୁଥିଲେ। କୂଅଟି ଭୁଶୁଡ଼ିଯିବା ପରେ ଏବେ ଜଳ ସମସ୍ୟାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଗ୍ରାମବାସୀ।ସୂଚନା ଅନୁସାରେ, ବିଳମ୍ବିତ ରାତିରେ ହଠାତ୍ ଜୋର୍ ଶବ୍ଦ ହେବା ସହ କୂଅଟି ମାଟି ଭିତରକୁ ପଶିଯାଇଥିଲା। ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘରୁ ବାହାରକୁ ଆସିଥିଲେ। ସୌଭାଗ୍ୟବଶତଃ ଘଟଣାଟି ରାତିରେ ଘଟିଥିବାରୁ ଏକ ବଡ଼ ଅଘଟଣରୁ ଲୋକେ ବର୍ତ୍ତି ଯାଇଛନ୍ତି। କାରଣ, ଦିନ ସମୟରେ ଲୋକମାନେ ପ୍ରାୟତଃ କୂଅ ଚାନ୍ଦିନୀରେ ବସିଥାନ୍ତି।କୂଅ ଭୁଶୁଡ଼ିବା ସହ ରାସ୍ତା ଦବିଯିବାରୁ ବିପଦକୁ ଏଡ଼ାଇବା ପାଇଁ ଗ୍ରାମବାସୀ ରାସ୍ତାରେ ବାଡ଼ ଦେଇ ଯାତାୟାତ ବନ୍ଦ କରିଛନ୍ତି। ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କୂଅ ଓ ରାସ୍ତାର ସ୍ଥିତି ଯାଞ୍ଚ କରିବା ସହ ଜଳ ସମସ୍ୟାର ସମାଧାନ ଏବଂ ରାସ୍ତା ମରାମତି ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଛନ୍ତି ଗ୍ରାମବାସୀ।

## ରେଢ଼ାଖୋଲ ରକ୍ତ ଭଣ୍ଡାର କାର୍ଯ୍ୟକ୍ଷମ ଦାବିରେ ଧାରଣା

ରେଢ଼ାଖୋଲ, (ମହାଭାରତ) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଥିବା ରକ୍ତ ଭଣ୍ଡାର ଦୀର୍ଘ ସାତ ମାସ ବନ୍ଦ ହୋଇ ପଡିରହିଥିବା ରକ୍ତ ଭଣ୍ଡାରକୁ ତୁରନ୍ତ କାର୍ଯ୍ୟକ୍ଷମ ଦାବିରେ ଆଜି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥାନୀୟ ଜନ ସାଧାରଣ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ରେଢ଼ାଖୋଲ ରକ୍ତ ଭଣ୍ଡାର ଦୀର୍ଘ ଦିନ ହେଲା ବନ୍ଦ ରହିଛି, ଫଳରେ ରୋଗୀମାନେ ରକ୍ତ ପାଇଁ ସମ୍ବଲପୁର, ଅନୁଗୁଳ ଦୌଡିବାକୁ ପଡୁଛି। ବିଶେଷ କରି ଗର୍ଭବତୀ ମହିଳା ଓ ଦୁର୍ଘଟଣାଗ୍ରସ୍ତ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରକ୍ତ ଭଣ୍ଡାର କାର୍ଯ୍ୟକ୍ଷମ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କହିଥିଲେ। ଘଟଣାର ଖବର ପାଇ ଧାରଣା ସ୍ଥଳକୁ ରେଢ଼ାଖୋଲ ଉପ ଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ ପହଞ୍ଚି ଧାରଣା ବସିଥିବା ବ୍ୟକ୍ତିବିଶେଷଙ୍କୁ ବୁଝାସୁଝା କରିବା ସହିତ ଆଗାମୀ ୧୫ ଦିନ ମଧ୍ୟରେ ରକ୍ତଭଣ୍ଡାର କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ ଓ ଶେଷରେ ଧାରଣା ହଟିଥିଲା। ଏହି ଧାରଣାରେ ପ୍ରଦୀପ ପ୍ରଧାନ, ଅମରେଶ ନାୟକ, ସୁନିଲ ପ୍ରଧାନ, ପିଣ୍ଟୁ ପ୍ରଧାନ, ନନ୍ଦକିଶୋର ପ୍ରଧାନ, ପଦ୍ମଲୋଚନ ବିଶି ସମେତ ରେଢ଼ାଖୋଲ ସଚେତନ ନାଗରିକ ଓ ନାକଟିଦେଉଳ ବ୍ଲକର ସଚ୍ଛାସେବୀ ଅନୁଷ୍ଠାନ ସାମିଲ ଥିଲେ।


## ଡାହାଣୀ ପ୍ରଥା, ଅନ୍ଧବିଶ୍ୱାସ ଓ ତଦଜନିତ ହିଂସା ନିବାରଣ ନିମନ୍ତେ ସଚେତନତା କର୍ମଶାଳା

ଉମରକୋଟ, (ମହାଭାରତ) : ଡାହାଣୀ ପ୍ରଥା, ଅନ୍ଧବିଶ୍ୱାସ, କୁସଂସ୍କାର ଏବଂ ଏହାକୁ ଆଧାର କରି ଘଟୁଥିବା ହିଂସା ଓ ନିର୍ଯାତନା ବିରୋଧରେ ଗ୍ରାମାଞ୍ଚଳରେ ବ୍ୟାପକ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଉମରକୋଟ ବ୍ଲକ ଅନ୍ତର୍ଗତ ସେମେଲା ଗ୍ରାମ ପଞ୍ଚାୟତରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ, ନବରଙ୍ଗପୁର ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ନବରଙ୍ଗପୁରଙ୍କ ସୌଜନ୍ୟରେ ପୂର୍ବାହ୍ନ ୧୧ଟା ସମୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କର୍ମଶାଳାରେ ଡାହାଣୀ ପ୍ରଥା ଏକ ଅମାନବୀୟ ସାମାଜିକ କୁପ୍ରଥା ଏବଂ ଅନ୍ଧବିଶ୍ୱାସ ଓ କୁସଂସ୍କାରର ଏକ ଭୟାବହ ପରିଣାମ ବୋଲି ଆଲୋଚନା କରାଯାଇଥିଲା। ରୋଗ, ଦୁର୍ଘଟଣା, ପାରିବାରିକ ସମସ୍ୟା କିମ୍ବା ଅନ୍ୟାନ୍ୟ ଅଘଟଣ ପାଇଁ କୌଣସି ବ୍ୟକ୍ତିଙ୍କୁ ଦାୟୀ କରି ତାଙ୍କୁ 'ଡାହାଣୀ' ବୋଲି ଅଭିହିତ କରିବା ଭଳି ଅନ୍ଧବିଶ୍ୱାସରୁ ଦୂରେଇ ରହିବାକୁ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ କରାଯାଇଥିଲା। ଓଡ଼ିଶା ସରକାରଙ୍କ 'Odisha Prevention of Witch-Hunting Act, ୨୦୧୩' ଡାହାଣୀ ପ୍ରଥା ଓ ଏହା ସମ୍ପର୍କିତ ଅପରାଧକୁ ରୋକିବା ପାଇଁ ପ୍ରଣୀତ ହୋଇଛି। ଏହି ଆଇନ ସମ୍ପର୍କରେ ଗ୍ରାମସ୍ତରରେ ଲୋକମାନଙ୍କୁ ଅବଗତ କରାଇବା ସହ ଅନ୍ଧବିଶ୍ୱାସ ଆଧାରିତ କୌଣସି ହିଂସାତ୍ମକ ଘଟଣା ଘଟିଲେ ତୁରନ୍ତ ପୁଲିସ ଓ ପ୍ରଶାସନର ସହାୟତା ନେବାକୁ କୁହାଯାଇଥିଲା। ବକ୍ତାମାନେ କହିଥିଲେ ଯେ, ଅନ୍ଧବିଶ୍ୱାସ ଦୂରୀକରଣ ପାଇଁ ବୈଜ୍ଞାନିକ ଚିନ୍ତାଧାରା, ଶିକ୍ଷା ଓ ସଚେତନତାର ପ୍ରସାର ଅତ୍ୟନ୍ତ ଜରୁରୀ। ସମାଜରେ ଏଭଳି କୁପ୍ରଥାକୁ ପ୍ରୋତ୍ସାହନ ନ ଦେଇ ଲୋକମାନେ ଏକତ୍ରିତ ହୋଇ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ। ଡାହାଣୀ ଅଭିଯୋଗରେ କୌଣସି ନିରୀହ ବ୍ୟକ୍ତି ଯେପରି ହିଂସା, ନିର୍ଯାତନା କିମ୍ବା ସାମାଜିକ ଅପମାନର ଶିକାର ନ ହୁଅନ୍ତି, ସେଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଗ୍ରାମବାସୀଙ୍କୁ ଆଇନ ସମ୍ପର୍କିତ ସଚେତନତା ପ୍ରଦାନ କରାଯିବା ସହ ଡାହାଣୀ ପ୍ରଥା ବିରୋଧରେ ସାମାଜିକ ଦାୟିତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା। ଗ୍ରାମରେ କୌଣସି ପ୍ରକାର ଅନ୍ଧବିଶ୍ୱାସଜନିତ ଘଟଣା ଘଟିଲେ ନିଜେ ଆଇନ ହାତକୁ ନ ନେଇ ତୁରନ୍ତ ନିକଟସ୍ଥ ଥାନା କିମ୍ବା ସମ୍ପୃକ୍ତ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇବାକୁ ସଚେତନ କରାଯାଇଥିଲା। ଓଡ଼ିଶା ପୁଲିସର Crime Against Women & Children Wing ମଧ୍ୟ ଡାହାଣୀ ପ୍ରଥା ବିରୋଧରେ ଆଇନ ପ୍ରୟୋଗ ସହିତ ଗ୍ରାମସ୍ତରରେ ସଚେତନତା କାର୍ଯ୍ୟକ୍ରମ କରୁଥିବା ଉଲ୍ଲେଖ କରାଯାଇଥିଲା।

## ପୃଥକ୍ ସଡ଼କ ଦୁର୍ଘଟଣାରେ ୪ ଗୁରୁତର

କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ମଙ୍ଗଳବାର ପୃଥକ୍ ପୃଥକ୍ ଦୁଇଟି ସଡ଼କ ଦୁର୍ଘଟଣା ଘଟି ୨ ଜଣ ଗୁରୁତର ଏବଂ ୨ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତର ଦୁଇଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଅଧିକ ଚିକିତ୍ସା ପାଇଁ ପଠାଯାଇଛି। ପ୍ରଥମ ଦୁର୍ଘଟଣା ଶରତ-ଠାକୁରମୁଣ୍ଡା ରାସ୍ତାର ଜାମଖଞ୍ଜରୀ ନିକଟରେ ଘଟିଥିଲା। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ମାଛଗଡ଼ ଅଞ୍ଚଳର ଦୁଇ ସାଙ୍ଗ ରବୀନ୍ଦ୍ର ମୁଣ୍ଡା (୨୩) ଓ ବାବୁଲୁ ମୁଣ୍ଡା (୨୫) ବାଲେଶ୍ୱର ଜିଲ୍ଲା କୁପାରୀ ଅଞ୍ଚଳରେ ଥିବା ମାମୁଘରକୁ ଯାଇଥିଲେ। ମଙ୍ଗଳବାର ଅପରାହ୍ନରେ ଦୁହେଁ ଏକ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଜାମଖଞ୍ଜରୀ ନିକଟରେ ହଠାତ୍ ଏକ କୁକୁର ବାଇକ୍ ସମ୍ମୁଖକୁ ଦୌଡ଼ି ଆସିଥିଲା। କୁକୁରକୁ ବଞ୍ଚାଇବାକୁ ଯାଇ ଚଳନ୍ତା ବାଇକ୍ ?ଟି ଭାରସାମ୍ୟ ହରାଇବାରୁ ଦୁଇ ସାଙ୍ଗ ରାସ୍ତା ଉପରେ ପଡ଼ିଯାଇଥିଲେ। ଦୁର୍ଘଟଣାରେ ରବୀନ୍ଦ୍ର ମୁଣ୍ଡା ଗୁରୁତର ଆହତ ହୋଇଥିବା ବେଳେ ବାବୁଲୁ ମୁଣ୍ଡା ମଧ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ରବୀନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଅଧିକ ଚିକିତ୍ସା ପାଇଁ ପଠାଇଥିଲେ। ଅନ୍ୟପକ୍ଷରେ ବାବୁଲୁଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ସେହିପରି ଦ୍ୱିତୀୟ ଦୁର୍ଘଟଣା ଠାକୁରମୁଣ୍ଡା ଥାନା ଅଞ୍ଚଳର ହାତିଗୋଡ଼ା ପଞ୍ଚାୟତ ଅଖାପଲାଣ ଗ୍ରାମର ଦୁଇ ସାଙ୍ଗଙ୍କ ସହ ଘଟିଛି। ଅଖାପଲାଣ ଗ୍ରାମର ମନୋଜ କୁମାର ମଢେଇ (୨୨) ଓ ସରୋଜ ମଢେଇ (୧୭) ଠାକୁରମୁଣ୍ଡା ବଜାରକୁ ଆସି କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିଲେ। ସନ୍ଧ୍ୟା ପ୍ରାୟ ୫ଟା ୪୦ ମିନିଟ୍ ସମୟରେ ନିପାଣିଆ ପ୍ରାଥମିକ ବିଦ୍ୟାଳୟ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିଥିଲା। ଫଳରେ ମନୋଜ ଓ ସରୋଜ ଉଭୟେ ରାସ୍ତାକଡ଼କୁ ଛିଟିକି ପଡ଼ି ଆହତ ହୋଇଥିଲେ। ଦୁର୍ଘଟଣା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଦୁଇଜଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଚିକିତ୍ସା ପରେ ସରୋଜଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଅଧିକ ଚିକିତ୍ସା ପାଇଁ ପଠାଇ ଦିଆଯାଇଛି। ମନୋଜଙ୍କ ଚିକିତ୍ସା ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜାରି ରହିଛି।

## ଫୁଣ୍ଡା ଗ୍ୟାସ ବିତରଣ ଏଜେନ୍ସିକୁ ଅନୁକମ୍ପା କାହା ସ୍ୱାର୍ଥରେ ? ସିଲିଣ୍ଡର ଜବତ ପରେ କାର୍ଯ୍ୟାନୁଷ୍ଠାନ ଶୂନ !



ଜୁନାଗଡ଼, (ମହାଭାରତ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଯୋଗୁଁ ସାରା ଦେଶରେ ଖାଉଟି ଗ୍ୟାସ ଯୋଗାଣକୁ ନେଇ ସଙ୍କଟ ଦେଖାଦେଇଥିବା ବେଳେ ଏହାର ପ୍ରଭାବ ଓଡ଼ିଶାରେ ମଧ୍ୟ ପଡ଼ିଛି। ଗ୍ୟାସ ସିଲିଣ୍ଡର ପାଇବା ପାଇଁ ଗରିବ ଓ ସାଧାରଣ ଲୋକଙ୍କୁ ନିଜର ଦୈନନ୍ଦିନ କାମ ଛାଡ଼ି ଏଜେନ୍ସିରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିବା ଅଭିଯୋଗ ହେଉଛି। ଜୁନାଗଡ଼ ବ୍ଲକର ଅନେକ ଉପଭୋକ୍ତା ଗୋଲାମୁଣ୍ଡା ଅଞ୍ଚଳରେ ଥିବା ଭାରତ ଗ୍ୟାସ ଏଜେନ୍ସି ଉପରେ ନିର୍ଭରଶୀଳ। ଜୁନାଗଡ଼ରୁ ପ୍ରାୟ ୨୦ରୁ ୨୫ କିଲୋମିଟର ଦୂର ଯାତ୍ରା କରି ଲୋକେ ସକାଳୁ ଏଜେନ୍ସିରେ ପହଞ୍ଚୁଛନ୍ତି। ଦୀର୍ଘ ସମୟ ଅପେକ୍ଷା କରିବା ପରେ ମଧ୍ୟ ଅନେକ ସମୟରେ ଗ୍ୟାସ ନମିଳିବାରୁ ଖାଲି ହାତରେ ଘରକୁ ଫେରିବାକୁ ପଡୁଛି। ସ୍ଥାନୀୟ ଉପଭୋକ୍ତାଙ୍କ ଅଭିଯୋଗ ଅନୁସାରେ, ଗୋଟିଏ ଗ୍ୟାସ ସିଲିଣ୍ଡର ପାଇବାକୁ ପ୍ରାୟ ୪୫ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ଅନ୍ୟପକ୍ଷରେ ଜୁନାଗଡ଼ର କିଛି ଦୋକାନକୁ ରାତି ସମୟରେ ଗ୍ୟାସ ସିଲିଣ୍ଡର ଯୋଗାଣ କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। ଏହା ଯୋଗୁଁ ସାଧାରଣ ଉପଭୋକ୍ତା ଗ୍ୟାସ ପାଇବାରୁ ବଞ୍ଚିତ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଗତକାଲି ସନ୍ଧ୍ୟାରେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଫୁଣ୍ଡା ର ଭାରତୀ ଗ୍ୟାସ ଏଜେନ୍ସି ପକ୍ଷରୁ ଏକ ପିକଅପ ଗାଡି ଖାଉଟି ଗ୍ୟାସ ଜୁନାଗଡ଼କୁ ଚୋରାଚାଲାଣ ହେଉଥିଲା । କୌଣସି ମତେ ଖବର ପାଇ ଯୋଗାଣ ବିଭାଗ ପକ୍ଷରୁ ଜୁନାଗଡ଼େର ପିକଅପ ଗାଡିକୁ ଧରିବାରେ ସଫଳ ହେବା ସହ ୭୮ ଟି ସିଲିଣ୍ଡର କୁ ଜବତ କରିଥିଲେ । ସେଥିମଧ୍ୟରୁ ୨ ଟି ସିଲିଣ୍ଡର ଡ୍ୟାମେଜ ଥିବା ବେଳେ ୧୯ ଟି ଖାଲି ସିଲିଣ୍ଡର ଓ ବାକି ୫୪ ଟି ଫୁଲ ସିଲିଣ୍ଡର ଥିଲା । ଯୋଗାଣ ବିଭାଗ ଗାଡିକୁ ପୁଲିସକୁ ଜିମା ଦେଇଥିବା ବେଳେ ଗ୍ୟାସ ସିଲିଣ୍ଡରକୁ ମୁଣ୍ଡରାଗୁଡା ଗ୍ୟାସ ଏଜେନ୍ସିକୁ ଜିମା ଦେଇଥିବା ଜଣାଯାଏ । ପରିତାପର ବିଷୟ ବେଆଇନ ଗ୍ୟାସ ଜବତ କରିବାର ୪୮ ଘଣ୍ଟା ବିତି ଯାଇଥିବା ବେଳେ ଏପର୍ଯ୍ୟନ୍ତ ଏଜେନ୍ସି ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଅନ୍ୟ ପକ୍ଷରେ ବ୍ଲକ ଯୋଗାଣ ନିରୀକ୍ଷକ ଓ ଉପଖଣ୍ଡ ଯୋଗାଣ ଅଧିକାରୀ ଫୁଣ୍ଡା ସ୍ଥିତ ଭାରତୀ ଗ୍ୟାସ ଏଜେନ୍ସି ର ସିଲିଣ୍ଡର ବୋଲି ଜାଣିଥିଲେ ସୁଦ୍ଧା ସମ୍ପୃକ୍ତ ଏଜେନ୍ସିକୁ ସିଲ ନ କରି ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ କେବଳ ତଦନ୍ତ ଚାଲିଛି ବୋଲି ବୁଝାଁ ବୁଲାଉଥିବା ଅଭିଯୋଗ ହୁଏ । ଏ ସଂପର୍କରେ ଧର୍ମଗଡ଼ ଉପଜିଲ୍ଲାପାଳଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯିବ ବୋଲି କହିଥିଲେ । ଏହାର ଏକ ନିରପେକ୍ଷ ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## କଣିହାଁରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର



**କଣିହାଁ,(ମହାଭାରତ):** କଣିହାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସକାଳ ୧୦ଟା ସମୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନର ପ୍ରଥମ ପର୍ଯ୍ୟାୟ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୩୪୮ ଜଣଙ୍କ ପଞ୍ଜୀକରଣ କରାଯାଇ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।ଶିବିରରେ ପଞ୍ଚାୟତ ସମିତି କଣିହାଁର ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଢେଙ୍କାନାଳ ଲୋକସଭା ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, ବିଡିଓ ତ୍ରିବିକ୍ରମ କୁମୁରା, ଏବିଡିଓ ସୂତିକ୍ଷ୍ଣା ମହାପାତ୍ର, କାର୍ଯ୍ୟକାରୀ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଟୁକୁନା ବେହେରା ଓ ବ୍ଲକ୍ ପ୍ରୋଗ୍ରାମ ଅଧିକାରୀ ବୁଲୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଶିବିରର ଶୁଭାରମ୍ଭ କରିଥିଲେ। ଏଥିସହ ସମସ୍ତ ପଞ୍ଚାୟତର ନିର୍ବାହୀ ଅଧିକାରୀ, ଏଡିଇଓ, ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗଦେଇଥିଲେ।ପଞ୍ଜୀକୃତ ୩୪୮ ଜଣଙ୍କ ମଧ୍ୟରୁ ଅସ୍ଥିଶଲ୍ୟ ବିଭାଗରେ ୧୫୩ ଜଣ, ଭେଷଜ ବିଭାଗରେ ୫୨ ଜଣ, ଶିଶୁ ବିଭାଗରେ ୨୩ ଜଣ, ଗଳା-ନାକ-କାନ ବିଭାଗରେ ୩୨ ଜଣ, ମାନସିକ ବିଭାଗରେ ୩୫ ଜଣ, ଆଖି ବିଭାଗରେ ୧୯ ଜଣ, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପାଇଁ ୧୪ ଜଣ ଏବଂ ବସ୍ ପାସ୍ ପାଇଁ ୨୦ ଜଣ ପଞ୍ଜୀକୃତ ହୋଇଥିଲେ। ଶିବିରରେ ଡାକ୍ତର ଦୁର୍ଲ୍ଲଭ ସାହୁ ଅସ୍ଥିଶଲ୍ୟ ବିଭାଗ, ଡାକ୍ତର ପି.କେ. ମହାନ୍ତି ଗଳା-ନାକ-କାନ ବିଭାଗ, ଡାକ୍ତର ଡି.କେ. ଭୋଇ ଭେଷଜ ବିଭାଗ, ଡାକ୍ତର ଏନ୍. ପ୍ରଧାନ ଆଖି ବିଭାଗ, ଡାକ୍ତର ସ୍ୱାତୀ ସାହୁ ଶିଶୁ ବିଭାଗ ଏବଂ ରଶ୍ମିତା ଭଞ୍ଜ ଦେଓ ମାନସିକ ବିଭାଗରେ ଉପସ୍ଥିତ ରହି ଚିକିତ୍ସା ଓ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଚିହ୍ନଟ ହୋଇଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ପରବର୍ତ୍ତୀ ସମୟରେ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।ଏହି ଅବସରରେ ଏନଟିପିସି କଣିହାଁ ପକ୍ଷରୁ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ୫ ଜଣଙ୍କୁ ତିନିଚକିଆ ସାଇକେଲ, ୪ ଜଣଙ୍କୁ କାନ ଯନ୍ତ୍ର, ୧୨ ଜଣଙ୍କୁ ଚକଲଗା ଚୌକି ଏବଂ ୧୩ ଜଣଙ୍କୁ ଅନ୍ୟାନ୍ୟ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା।

## ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ନିରାକରଣ ଓ ସଚେତନତା ବୈଠକ

**କଳାହାଣ୍ଡି,(ମହାଭାରତ):** ପୂର୍ବାହ୍ନ ୧୧ଟା ସମୟ ରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଭବାନୀପାଟଣା ଠାରେ ଶିଶୁ ସୁରକ୍ଷା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତଥା ଜିଲ୍ଲା ପ୍ରଶାସନ କଳାହାଣ୍ଡି ଓ କର୍ତ୍ତବ୍ୟ ଅନୁଷ୍ଠାନ ର ମିଳିତ ସହଯୋଗ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଜିଲ୍ଲା ର ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୁଭ୍ରାଂଶୁ ଶେଖର ମିଶ୍ର, ଶିଶୁ ମଙ୍ଗଳ ସମିତି ର ଅଧ୍ୟକ୍ଷା ସୁଶ୍ରୀ ସ୍ୱର୍ଣ୍ଣଲତା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ନିହାରେନ୍ଦ୍ର ପଣ୍ଡା , ଡିଏସପି ଶ୍ରୀ କୁଲ୍ଲୁ ଏବଂ କର୍ତ୍ତବ୍ୟ ଅନୁଷ୍ଠାନ ର ମୁଖ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଶିବାନନ୍ଦ ଆଶ୍ରମରେ ମାତୃ ସମ୍ମିଳନୀ

**କେନ୍ଦ୍ରାପଡ଼ା:**ଚିଦାନନ୍ଦ ତପୋବନ ଶାନ୍ତି ଆଶ୍ରମ ବାଲିଗୁଆଲୀ ଠାରେ ତ୍ରିଦିବସୀୟ ମାତୃ ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ଏହି ସମ୍ମିଳନୀକୁ ଉଦଘାଟନ କରି ସ୍ୱାମୀ କୃଷ୍ଣଦାସାନନ୍ଦ ସରସ୍ୱତୀ, ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ସ୍ୱାମୀ ଆତ୍ମିକାନନ୍ଦ ସରସ୍ୱତୀ ଓ ସ୍ୱାମୀ ମୋକ୍ଷପ୍ରୀୟାନନ୍ଦ ସରସ୍ୱତୀ କହିଲେ ମାତୃଶକ୍ତୀର ବିକାଶ ହେଲେ ଦେଶ ଓ ସମାଜର ବିକାଶ ହୋଇପାରିବ। ମାଆର ବିକାଶ ହେଲେ ସାରା ଦୁନିଆର ବିକାଶ ସମ୍ଭବ ହୋଇପାରିବ। ମାଆ ଶୃଙ୍ଖଳିତ, ସଂସ୍କାରୀ ଓ ଶିକ୍ଷିତ ହେଲେ ସମାଜକୁ ଉତ୍ତମ ସନ୍ତାନ ଦେଇପାରିବ। ଆଜିର ସମାଜରେ ବିଜ୍ଞାନ ବହୁ ଅଗ୍ରଗତି କରିଛି। ସବୁର ପରିପୂର୍ଣ୍ଣତା ଅଛି କିଛି ଅଭାବ ନାହିଁ। ହେଲେ ଭଲ ମଣିଷର ଅଭାବ ରହିଛି ବୋଲି ସେମାନେ କହିଥିଲେ। ମାତୃଶକ୍ତି ଜାଗ୍ରତ ହେଲେ ସମାଜ ତିଷ୍ଠି ରହିବ। ମାଆହିଁ ସମାଜର ମେରୁଦଣ୍ଡ। ପବିତ୍ର ଭାରତ ଭୂମିର ପୂର୍ବକାଳରେ ଥିବା ମହିୟସୀ ବିଦୁଷୀ ମହିଳାଙ୍କ ଜୀବନକୁ ଅନୁକରଣ କରିବା ଉଚିତ ବୋଲି ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ତାଙ୍କ ବକ୍ତବ୍ୟରେ କହିଥିଲେ।

## ସନ୍ଥ ଗୁରୁ ରବି ଦାସ କ୍ଲବ୍ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

**ରେଢ଼ାଖୋଲ,:** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନଏସି ଅନ୍ତର୍ଗତ ୱାର୍ଡ ନଂ ୨ ସାଲେସିଂ ସମ୍ବଲପୁର ଜିଲ୍ଲା ସନ୍ଥ କବି ଗୁରୁ ରବି ଦାସ କ୍ଲବ୍ ପକ୍ଷରୁ ଶୁଣ୍ଠିମୁଣ୍ଡା ଗ୍ରାମ ନିକଟ ଖେଳ ପଡ଼ିଆ ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏଥିରେ ସମ୍ମାନନୀୟ ଅତିଥି ଭାବରେ ରେଢ଼ାଖୋଲ ଅଗ୍ନିଶମ ବିଭାଗ ଅଧିକାରୀ ନାରାୟଣ ଚନ୍ଦ୍ର ସେଠୀ, ସମାଜସେବୀ ପ୍ରକାଶ ମୁଖୀ, ଅଗ୍ନିଶମ ବାହିନୀ କର୍ମଚାରୀ ଦୁର୍ଯ୍ୟଧନ ସାହୁ, ମାର୍କଣ୍ଡ ସେଠୀ, ପ୍ରଭାକର ନାୟକ, ନନ୍ଦୁ ମୀରି ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପରେ ମୁଖ୍ୟ ଅତିଥି ଶ୍ରୀ ମହନ୍ତ ଏବଂ ଅନ୍ୟ ଅତିଥି ମାନେ କ୍ଲବ୍ ସଦସ୍ୟ ମାନଙ୍କ ସହିତ ପଡ଼ିଆରେ ଫୁଟବଲ୍ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ରାହୁଲ ମେହେର, ସମ୍ପାଦକ ରାଜେଶ ମିରି, ଗୋବିନ୍ଦ ବେହେରା, ନିଖିଲ ସାହାନି, ରିତୁ ବେହେରା, ଦିବାକର ମୀରି, ବିଶିକେଶନ ମିରି, ସୁଶାନ୍ତ ମେହେର, ନରେଶ ରୋହିଦାସ, ସୂରଜ ମେହେର, ଓମ୍ ମେହେର ପ୍ରମୁଖ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ।

## ରାଧା ଗୋବିନ୍ଦ ମନ୍ଦିର ରେ ମାଳତୀ ଝୁଲଣ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋସାଣୀ ବ୍ଲକର କେରାଣ୍ଡି ପଞ୍ଚାୟତର ପୁରୁଣା କେରାଣ୍ଡି ଗ୍ରାମରେ ମାଳତୀ ଝୁଲଣ ଅନୁଷ୍ଠିତ ହେଉଅଛି।ଏହି ଝୁଲଣ ଯାତ୍ରା ୨୩ ତାରିଖରୁ ଆରମ୍ଭ ହୋଇ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।ସନ୍ଧ୍ୟା ସମୟରେ ଠାକୁରଙ୍କୁ ଆଳତୀ କରାଯାଉଛି।ସଙ୍କୀର୍ତ୍ତନ ଦଳ ଭଜନ ସଂକୀର୍ତ୍ତନ ଅନୁଷ୍ଠିତ ହଉଛି ପ୍ରଭୁ ଶ୍ରୀ ରାଧା ଗୋବିନ୍ଦକୁ ଝୁଲଣ ବିମାନରେ ବସାଇ ଝୁଲାଇବା ସହ ସଙ୍କୀର୍ତ୍ତନ ଓ ଭଜନ ପରିବେଷଣ କରୁଛନ୍ତି। ମନ୍ଦିର ପରିସର ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏହି ଝୁଲଣ ମହନ୍ତ ଙ୍କ ରାମ କିଶୋର ଦାସ ଙ୍କ ଦ୍ୱାରା ଅନୁଷ୍ଠିତ ହୋଇ ଆସୁଛି ଗ୍ରାମର ରାଧା ଗୋବିନ୍ଦ ସଂକୀର୍ତ୍ତନ ଦଳ ଭଜନ ଦ୍ୱାରା ଭଜନ ପରିବେଷଣ କରୁଛନ୍ତି ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରୁଛନ୍ତି ବିଭିନ୍ନ କୁଣ୍ଢେଇ ସୁସଜ୍ଜିତ କରାଯାଇଛି ।

# ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ ସୁରେନ୍ଦ୍ର

ଧାମନଗର: (ମହାଭାରତ): ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଧାମନଗର ବ୍ଲକ ଅଧିନ କଲ୍ୟାଣୀ ଗ୍ରାମ ପଞ୍ଚାୟତ ରେ ସୁରେନ୍ଦ୍ର ବାରିକଙ୍କ ଦୁଃଖ ଦିନକୁ ଦିନ ନ କହିଲେ ନସରେ ଆଜି ପର୍ଯ୍ୟନ୍ତ ସୁରେନ୍ଦ୍ର ବାରିକ( ୭୬) ନିଜ ଭିନ୍ନକ୍ଷମ ଭତ୍ତା ରୁ ବଞ୍ଚିତ. ପୁଅ ଦୀପକ ଦାଦନ ଖଟିବାକୁ ଯାଇ ହାଇଦ୍ରାବାଦ ରେ ମୃର୍ତ୍ୟୁ ବରଣ କରିଥିଲେ ହେଲେ ଏବେ ପୁଅ ଗଲା ପରେ ପୁରା ବେସାହାରା ହୋଇ ପଡିଛନ୍ତି ସୁରେନ୍ଦ୍ର. ପୁଅ ଦୀପକ କେବଳ ଥିଲେ ଘରର ଏକମାତ୍ର ରୋଜଗାରିଆ ପୁଅ. ପୁଅ ଗଲାପରେ କେବଳ ଭିନ୍ନକ୍ଷମ ଭତ୍ତା ହିଁ ସାହାରା ଥିଲା ସେ ମଧ୍ୟ ହୋଇପାରୁନାହିଁ. ସୁରେନ୍ଦ୍ର ଜଣେ ଅନ୍ଧ ତାଙ୍କ ଦୁଇ ଆଖିକୁ ଦେଖାଯାଉ ନାହିଁ. ଜମିବାଡ଼ି ମଧ୍ୟ ସେମିତି ନାହିଁ ଘରେ ରୁଗୀଣା ସ୍ତ୍ରୀ ଓ ବହୁ ଆଉ ଛୋଟ ନାତି ଟିଏ 'ସୁରେନ୍ଦ୍ର ଭତ୍ତା ଟିଏ ପାଇଁ ବହୁବାର ଧାମନଗର ବ୍ଲକ ଦୌଡ଼ି ଦୌଡ଼ି ପାଦ ରୁ ଜୋତା ଘୋରିଗଲାଣି ହେଲେ ଭତ୍ତା ଟିଏ ହୋଇ ପାରୁନାହାନ୍ତି . ଗତ କିଛି ଦିନ ହେବ ଧାମନଗର ରେ ହୋଇଥିବା ଜୁଲାଇ ମାସ ଜନଶୁଣାଣି ସମୟରେ କଲେକ୍ଟର ଙ୍କୁ ଭେଟି ନିଜ ଦୁଃଖ ଜଣାଇ ଥିଲେ ସୁଦ୍ଧା କୌଣସି ଫଳପ୍ରଦ ହୋଇପାରିଲା ନାହିଁ. ଏଠି ପ୍ରଶ୍ନ ଉଠୁଛି ରାଜ୍ୟ ସରକାର ଙ୍କ ମାଳ ମାଳ ଯୋଜନା ଉପରେ ଯୋଜନା ହୋଇଚାଲିଛି ହେଲେ ପ୍ରକୃତ ହିତାଧିକାରୀ ଟିଏ ତା ପ୍ରାପ୍ୟ ପାଇ ପାରୁନାହିଁ. ଯଦି ସରକାର ବା ସ୍ଥାନୀୟ ପ୍ରଶାସନ ନଜର ଦିଅନ୍ତେ ତାହାହେଲେ ସୁରେନ୍ଦ୍ର ନିଜ ଭତ୍ତା ଟିଏ ପାଇ ପାରନ୍ତେ।



## ଘର ଭିତରୁ ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର

ଆସିକା (ମହାଭାରତ): ଆସିକା ମୁନ୍ସିପାଲଟି ଅଧୀନ ୱାର୍ଡ ନମ୍ବର ୨ ବାଣୀବିହାର ଦ୍ୱିତୀୟ ଲାଇନରୁ ଏକ ଘରୁ ଝୁଲନ୍ତା ଅବସ୍ଥାରେ ଏକ ମୃତ ଦେହ ଉଦ୍ଧାର ହୋଇଛି। ମୃତକ ଜଣଙ୍କ ହେଲେ ଆସିକା ବ୍ଲକ ପାଣ୍ଡିଆ ପଥର ଗ୍ରାମର ବି କ୍ରିଷ୍ଣା ରାଓ ଦୋରା।ଏନେଇ ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ଶବ ଜବତ କରିଛି।ପ୍ରକାଶ ଥାଉକି ଆସିକା ବ୍ଲକ ପାଣ୍ଡିଆ ପଥର ଗ୍ରାମର ବି.ଆଡି ଦୋରା ଙ୍କ ପୁଅ ବି.କ୍ରିଷ୍ଣା ରାଓ ଦୋରା ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ଅଧୀନରେ କାର୍ଯ୍ୟରତ ନିଜ ଶିକ୍ଷୟତ୍ରୀ ସ୍ତ୍ରୀ ଓ ଛୁଆଙ୍କ ସହିତ ଆସିକା ମୁନ୍ସିପାଲଟି ଅଧୀନ ୱାର୍ଡ ନମ୍ବର ୨ ବାଣୀବିହାର ଦ୍ୱିତୀୟ ଲାଇନରେ ଏକ ଭଡା ଘରେ ରହୁଥିଲେ। ମୃତ କ୍ରିଷ୍ଣା ଆସିକା ଲକ୍ଷ୍ମୀ ବଜାରରେ ଏକ ଭେରାଇଟ ଷ୍ଟୋର କରିଥିଲେ। ପ୍ରତିଦିନ ଭଳି ସ୍ତ୍ରୀ ନିଜ ଚାକିରୀ କ୍ଷେତ୍ରକୁ ଚାଲିଯିବା ପରେ କ୍ରିଷ୍ଣା ଘରେ ଏକାକୀ ଥିଲା ବେଳେ ଦିନ ପ୍ରାୟ ୧୧ ଘଣ୍ଟା ସମୟରେ ଘରର ଫେନରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ପରିବାର ପକ୍ଷରୁ ତାଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର କ୍ରିଷ୍ଣାଙ୍କ ମୃତ୍ୟୁ ଘୋଷଣା କରିଥିଲେ। ଏନେଇ କ୍ରିଷ୍ଣାଙ୍କ ଭାଇ ବି.ନାରାୟଣ ଦୋରା ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ଆସିକା ଥାନା ପକ୍ଷରୁ ଥାନା କେସ ନମ୍ବର ୨୮/୦୮ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ଶବ ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛି। ପ୍ରକାଶ ଥାଉକି କ୍ରିଷ୍ଣା ଆସିକା ଲକ୍ଷ୍ମୀ ବଜାରରେ କରିଥିବା ଭେରାଇଟି ଷ୍ଟୋର ରେ ବ୍ୟାପାର ନହେବା ଯୋଗୁଁ ବହୁତ ଗୁଡିଏ କରଜ ହୋଇଯାଇଥିଲେ ଫଳରେ ସେ ମାନସିକ ଦୁଶ୍ଚିନ୍ତାରେ ଥଲେ ତେଣୁ ଏହିପରି ପଦକ୍ଷେପ ନେଇଥିବା ଜଣା ଯାଇଛି।

## ନିଟ୍‌ରେ ସଫଳତା, ଅର୍ଥାଭାବରେ ଅଟକିଛି ଡାକ୍ତର ହେବାର ସ୍ୱପ୍ନ

ବିଷମକଟକ(ମହାଭାରତ): ଦୃଢ଼ ଇଚ୍ଛାଶକ୍ତି, ଅକ୍ଳାନ୍ତ ପରିଶ୍ରମ ଓ ଡାକ୍ତର ହେବାର ସ୍ୱପ୍ନକୁ ସାକାର କରିଛନ୍ତି ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ସାହାଡ଼ା ଗ୍ରାମର ଆଦିବାସୀ ଛାତ୍ରୀ କବିତା ହିକକା। ନିଟ୍ ପରୀକ୍ଷାରେ ସଫଳତା ହାସଲ କରି ସେ ଅଞ୍ଚଳ ପାଇଁ ଗୌରବ ଆଣିଥିବା ବେଳେ, ଅର୍ଥାଭାବ ଏବେ ତାଙ୍କ ଡାକ୍ତରୀ ପାଠପଢ଼ାରେ ବଡ଼ ବାଧକ ସାଜିଛି। କବିତା ହିକକା ସାହାଡ଼ା ଗ୍ରାମର ଲବ ହିକକା ଓ ମାତା କମଳା ହିକକାଙ୍କ ଏକମାତ୍ର ଝିଅ। ତାଙ୍କ ବାପା ଦିନମଜୁରିଆ ଭାବେ କାମ କରି ପରିବାରର ଭରଣପୋଷଣ କରୁଛନ୍ତି। ସୀମିତ ଆୟରେ ପରିବାର ଚଳାଇବା ମଧ୍ୟ କଷ୍ଟକର ହୋଇଥିବା ବେଳେ ଝିଅର ଡାକ୍ତରୀ ଶିକ୍ଷାର ଖର୍ଚ୍ଚ ବହନ କରିବା ପରିବାର ପାଇଁ ଚିନ୍ତାର କାରଣ ହୋଇଛି। କବିତା ତାଙ୍କ ପ୍ରାଥମିକ ଶିକ୍ଷା ସାହାଡ଼ା ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରିଥିଲେ। ପରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଭାଲେରୀରେ ଅଧ୍ୟୟନ କରି ଦଶମ ଶ୍ରେଣୀରେ ୯୦ ପ୍ରତିଶତ ନମ୍ବର ହାସଲ କରିଥିଲେ। ଉଚ୍ଚଶିକ୍ଷା ପାଇଁ ସେ ଭୁବନେଶ୍ୱରରେ ଅଧ୍ୟୟନ କରିଥିଲେ। ପିଲାଦିନରୁ ଡାକ୍ତର ହେବାର ଲକ୍ଷ୍ୟ ରଖିଥିବା କବିତା ନିଜର ଦୃଢ଼ ମନୋବଳ ଓ କଠିନ ପରିଶ୍ରମ ବଳରେ ନିଟ୍‌ରେ ସଫଳତା ହାସଲ କରିଛନ୍ତି। ନିଟ୍ ପରୀକ୍ଷାରେ କବିତା ଓଡ଼ିଶା ରାଜ୍ୟ ରାଙ୍କ୍‌ରେ ୪୧୭୮ ଏବଂ ଏସ୍‌ଟି ବର୍ଗରେ ୧୩୭ ରାଙ୍କ୍ ହାସଲ କରିଛନ୍ତି। ଏହି ସଫଳତା ଆଧାରରେ ସେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଡାକ୍ତରୀ ପଢ଼ିବା ପାଇଁ ମନୋନୀତ ହୋଇଛନ୍ତି। କବିତାଙ୍କ ଏହି ସଫଳତାର ଖବର ପ୍ରଚାର ହେବା ପରେ ସାହାଡ଼ା ଗ୍ରାମ ସମେତ ପଞ୍ଚାୟତ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ପରିବାର, ଗ୍ରାମବାସୀ ଓ ଅଞ୍ଚଳବାସୀ ତାଙ୍କ କୃତିତ୍ୱ ପାଇଁ ଗର୍ବିତ ହୋଇଥିବା ବେଳେ, ତାଙ୍କ ଡାକ୍ତର ହେବାର ସ୍ୱପ୍ନ ପୂରଣ ନେଇ ଏବେ ଅର୍ଥାଭାବ ଚିନ୍ତାର କାରଣ ହୋଇଛି। ଏହି ପରିପ୍ରେକ୍ଷୀରେ କବିତାଙ୍କ ପରିବାର ଓ ଅଞ୍ଚଳବାସୀ ଓଡ଼ିଶା ସରକାର, ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ନିକଟରେ ସହାୟତା ପାଇଁ ଅନୁରୋଧ କରିଛନ୍ତି। ଅର୍ଥାଭାବ ଯୋଗୁଁ ଯେପରି ଜଣେ ମେଧାବୀ ଆଦିବାସୀ ଛାତ୍ରୀଙ୍କ ଡାକ୍ତର ହେବାର ସ୍ୱପ୍ନ ଅଧୁରା ନ ରହେ, ସେଥିପାଇଁ ସରକାରୀ ସହାୟତାର ଆବଶ୍ୟକତା ରହିଛି। କବିତାଙ୍କ ଶିକ୍ଷା ପାଇଁ ସହାୟତା ମିଳିଲେ ସେ ଆଗାମୀ ଦିନରେ ଜଣେ ଡାକ୍ତର ହୋଇ ନିଜ ଅଞ୍ଚଳ ଓ ସମାଜର ସେବା କରିପାରିବେ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।



## ରକ୍ତଦାନ ଶିବିରରେ ୭୬ୟୁନିଟ ରକ୍ତ ସଂଗୃହୀତ

**ବରଗଡ଼ :**ଉକ୍ତ ରକ୍ତାଭାବକୁ କିଛି ପରିମାଣ ରେ ଦୂର କରିବା ପାଇଁ ବରଗଡ଼ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାରର ପ୍ରାୟାସ ପବିତ୍ର ଶ୍ରାବଣ ମାସ ଅବସରରେ ବରଗଡ଼ ଜିଲ୍ଲାର ଗାଇସିମା ଠାରେ ଅବସ୍ଥିତ ଅଷ୍ଟଶମ୍ଭୁ ଶୈବ ପୀଠ ଶ୍ରୀ ଶ୍ରୀ ବାବା ବରାଡ ବାଲୁଙ୍କେଶ୍ୱର ମନ୍ଦୀର ପ୍ରାଙ୍ଗଣ ରେ ନିଷ୍ଠା ପରିବାର ଓ ମନ୍ଦୀର ପରିଚାଳନା କମିଟି ର ମିଳିତ ଆନୁକୁଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା।ଏହି ଶିବିର କୁ ଯୁବ ସରପଞ୍ଚ ଧିରେନ ମହାପାତ୍ର ବରେଣ୍ୟ ଅତିଥି ଭାବରେ ଯୋଗ ଦେଇ ଫିତା କାଟି ଆନୁଷ୍ଠାନିକ ଭାବରେ ଶିବିର ର ଶୁଭାରମ୍ଭ କରିଥିଲେ। ଏହି ଶିବିର ରୁ ସର୍ବମୋଟ ୪୩ୟୁନିଟ ରକ୍ତ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଠିକ୍ ସେହିପରି ଝାଡେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ମଧ ଅନୁରୂପ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଝାଡେଶ୍ୱର ଶିବ ମନ୍ଦିର ର ବରିଷ୍ଠ କମିଟି ସଦସ୍ୟ ରୋହିତ ଭୋଇ,ସଭାପତି ସୁକାନ୍ତ ଭୋଇ ଫିତା କାଟି ଶିବିରର ଶୁଭାରମ୍ଭ କରିଥିଲେ।ଏହି ଶିବିର ରୁ ସର୍ବମୋଟ ୩୩ୟୁନିଟ ରକ୍ତ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଉଭୟ ଶିବିର ରୁ ସର୍ବମୋଟ ୭୬ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।ଶ୍ରାବଣ ମାସର ଶେଷ ସୋମବାର ଅବସରରେ ମନ୍ଦୀରକୁ ପ୍ରଭୁଙ୍କ ପୂଜାର୍ଚ୍ଚନା ପାଇଁ ଆସୁଥିବା ଭକ୍ତ ମାନେ ସ୍ୱତଃସ୍ଫୂର୍ତ ଭାବେ ରକ୍ତ ଦାନ କରିଥିଲେ। ଉଭୟ ଶିବିର ରେ ରକ୍ତ ଦାନ କରିଥିବା ରକ୍ତ ଦାତା,ସହଯୋଗୀ ଓ ଶୁଭେଚ୍ଛୁ ସମସ୍ତ ଙ୍କୁ ନିଷ୍ଠା ପରିବାର ତରଫ ରୁ ବହୁତ ବହୁତ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।ଉଭୟ ଶିବିର କୁ ନିଷ୍ଠା ପରିବାର ର ସଦସ୍ୟ ସଦସ୍ୟା ମାନେ ପରିଚାଳନା କରିଥିଲେ

## ୮ କେଜି ଗଞ୍ଜେଇ ଜବତ, ଯୁବକ ଗିରଫ

**ଦଶପଲ୍ଲା(ମହାଭାରତ):** : ଦଶପଲ୍ଲା ଥାନା ଅଞ୍ଚଳର ବୁଗୁଡ଼ା କଲୋନୀ ଛକ ନିକଟରୁ ୮ କେଜି ଗଞ୍ଜେଇ ସହ ଜଣେ ଯୁବକଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ଗିରଫ ଯୁବକ ହେଲେ ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅନ୍ତର୍ଗତ ପିତାମ୍ବରପୁର ଗ୍ରାମର ନିତ୍ୟାନନ୍ଦ କହଁରଙ୍କ ପୁଅ ରୁଜିତ କହଁର (୨୩)ବୋଲି ଜଣାପଡିଛି ।ସୂଚନାନୁସାରେ, ରୁଜିତ ଗଞ୍ଜେଇ ନେଇ ଯାଉଥିବା ସମୟରେ ଦଶପଲ୍ଲା ଥାନା ଅନ୍ତର୍ଗତ ବୁଗୁଡ଼ା କଲୋନୀ ଛକ ନିକଟରେ ଅବକାରୀ ବିଭାଗର ଟିମ୍ ତାଙ୍କୁ କାବୁ କରିଥିଲା। ତାଙ୍କ ନିକଟରୁ ୮ କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୮୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହି ଚଢ଼ାଉରେ ଦଶପଲ୍ଲା ଅବକାରୀ ଥାନାଅଧିକାରୀ ବାଦଲ ସାମଲଙ୍କ ନେତୃତ୍ୱରେ କନଷ୍ଟେବଲ ପ୍ରଦୀପ କୁମାର ନାଏକ ଓ ପ୍ରହଲ୍ଲାଦ ପ୍ରଧାନ ସାମିଲ ଥିଲେ। ଘଟଣାକୁ ନେଇ ଅବକାରୀ ବିଭାଗ ପକ୍ଷରୁ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରହିଛି।

## ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମ ପକ୍ଷରୁ ମେଗା ରକ୍ତଦାନ ଶିବିର

**ଅସ୍ତରଙ୍ଗ,(ମହାଭାରତ):**ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମ ଅସ୍ତରଙ୍ଗ ପକ୍ଷରୁ ସବୁଜଶାଖାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି,ଆୟୋଜକ ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମ ସହ ସବୁଜଶାଖା ଅନୁଷ୍ଠାନ , ସମ୍ବାଦ-ଆମ ଓଡିଶା ଓ ବିଭିନ୍ନ ସଂଗଠନର ମିଳିତ ପ୍ରୟାସରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରୁ ଅପରାହ୍ନ ୨ଟା ସୁଧା ମୋଟ୍ ୧୧୧ ୟୁନିଟ୍ ସଂଗ୍ରହ ହୋଇଥିଲା, ଈଶ୍ୱରୀୟ ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମ ର ଗୁରୁ ପ୍ରକାଶ ମଣି ଦାଦା ଙ୍କ ୧୯ ତମ ଶ୍ରାଦ୍ଧ ବାର୍ଷିକୀ ରେ ଏହି ମହତ କାର୍ଯ୍ୟ କରାଯାଇଛି, ଅତିଥି ଭାବେ ଅସ୍ତରଙ୍ଗ ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷା ସସ୍ମିତା ଛାଟୋଇ, ସମ୍ବାଦ ସାହିତ୍ୟଘର ସମ୍ପାଦକ ପଣ୍ଡିତ କାଳିନ୍ଦୀ ଚରଣ ଛାଟୋଇ, ସବୁଜଶାଖାର ମୁଖ୍ୟ ସଂଯୋଜକ ଦିବାକର ଛାଟୋଇ, ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଅସ୍ତରଙ୍ଗ ବିଡ଼ିଓ ଓ ସମାଜସେବୀ ସତ୍ୟବ୍ରତ ଲେଙ୍କା ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍ଘାଟନ କରିଥିଲେ । ରକ୍ତଦାନ ଏକ ପୁର୍ଣ୍ଣ୍ୟ କାର୍ଯ୍ୟ, ପ୍ରତ୍ୟେକ ସୁସ୍ଥ ସବଳ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କଲେ ରାଜ୍ୟରେ ରକ୍ତର ଅଭାବ ରହିବ ନାହିଁ ବୋଲି ଶ୍ରୀମତୀ ଛାଟୋଇ କହିଥିଲେ,ଆୟୋଜିତ ଶିବିରରେ ପୂର୍ବତନ ଅଧ୍ୟକ୍ଷ ସସ୍ମିତା ଛାଟୋଇ ଓ କଲେଜ ଛାତ୍ରୀ ଶୁଭଶ୍ରୀ ଲେଙ୍କା ସର୍ବ ପ୍ରଥମେ ରକ୍ତଦାନ କରି ଉପସ୍ଥିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ, ଏଥି ସହ ଅନେକ ଶିକ୍ଷକ ଶିକ୍ଷୟତ୍ରୀ, ଯୁବକ ମାନେ ଓ୍ ସାଂସଦ ଙ୍କ ପ୍ରତିନିଧି ଦିବାକର ଛାଟୋଇ ରକ୍ତଦାନ କରି ୧୦୦ ୟୁନିଟ୍ ପୁରଣ କଲା ବେଳେ ସତ୍ୟବ୍ରତ ଲେଙ୍କା ସର୍ବଶେଷରେ ରକ୍ତଦାନ କରିବାରେ ୧୧୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ପୁରୀ ରେଡକ୍ରସ୍ ବ୍ଲଡ୍ ବ୍ୟାଙ୍କର ଅଭିଜ୍ଞ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ ।ଏହି କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମର ଦୁଷ୍ମନ୍ତ କୁମାର ପରିଡା ସମେତ ଭାଇଭଉଣୀ ଓ ସବୁଜଶାଖାର ସଭାପତି ରମାକାନ୍ତ ବସ୍ତିଆ ଓ ସଦସ୍ୟମାନେ ରକ୍ତଦାନ ସହ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିବା ଦେଖିବାକୁ ମିଳିଥିଲା ।

## କପ୍ତିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନଶୁଣାଣୀ

**ଉଦଳା,(ମହାଭାରତ):**ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡ ଉଦଳାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳ, ମୟୂରଭଞ୍ଜ ହେମକାନ୍ତ ସୟ ଏବଂ ଆରକ୍ଷୀ ଅଧିକ୍ଷକ ମୟୂରଭଞ୍ଜ, ବରୁଣ ଗୁଣ୍ଟୁପାଲି ଯୋଗ ଦେଇ ୧୨୭ ଗୋଟି ଜନ ଅଭିଯୋଗର ଶୁଣାଣୀ କରିଛନ୍ତି । ଉପଖଣ୍ଡର ଉପଜିଲ୍ଲାପାଳ ପ୍ରଣବ ରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଗୋକୁଳାନନ୍ଦ ସାହୁ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡା. ମିନକେତନ ମହାନ୍ତି ଯୋଗ ଦେବା ସହିତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଜିଲ୍ଲା ଓ ଉପଖଣ୍ଡ ତଥା ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣୀ କାର୍ଯ୍ୟରେ ସହଯୋଗ କରିଥିଲେ । ସମସ୍ତ ଅଭିଯୋଗ ମଧ୍ୟରେ ୧୦୬ ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୨୧ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ୨୫ ଗୋଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨୪ ଜଣଙ୍କୁ ଏକ ଲକ୍ଷ ସତାବନ ହଜାର, ରେଡ଼କ୍ରସ ପାଣ୍ଠିରୁ ୧ ଜଣଙ୍କୁ ୧୦ ହଜାର ମୋଟ ଏକ ଲକ୍ଷ ସତଷଠି ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଆଜିର ଶୁଣାଣୀରେ ବିଭିନ୍ନ ବିଭାଗ ପାଇଁ ଆସିଥିବା ଅଭିଯୋଗ ଗୁଡିକ ମଧ୍ୟରେ ଉଦଳା ବ୍ଲକ ରାଢ଼ୋ ଗ୍ରାମ ପଞ୍ଚାୟତର ସରପଞ୍ଚ ଦାୟିତ୍ୱରେ ଥିବା ନାଏବ ସରପଞ୍ଚଙ୍କ ବିରୁଦ୍ଧରେ ପଞ୍ଚାୟତକୁ ଆସୁଥିବା ଅର୍ଥର ଦୁର୍ବ୍ୟବହାର, ଉଦଳା ଏନ.ଏ.ସି. ରେ ଭଙ୍ଗା ଯାଇଥିବା ୬୦ ରୁ ଉର୍ଦ୍ଧ୍ୱ ଦୋକାନୀ ମାନଙ୍କୁ ପୁନଃ ଥଇଥାନ, କପ୍ତିପଦା ବ୍ଲକର ପଣି ସାହିରୁ ଗୟଳମରା ପର୍ଯ୍ୟନ୍ତ ପକ୍କା ସଡ଼କ ତୁରନ୍ତ ନିର୍ମାଣ ଦାବି, ଉଦଳା ଥାନା ଛକରୁ ବିଶୋଳ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ମରାମତି, ଚୁଳିଆପୋଷି ସରକାରୀ ଉପ୍ରା ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ପ୍ରଦାନ ଓ ବିଦ୍ୟାଳୟ ମଝିରେ ଥିବା ବିଦ୍ୟୁତ ଖୁଣ୍ଟର ଅପସାର, ଉଦଳା ଉପଖଣ୍ଡ ଚିକିତ୍ସାଳରେ ଏକ ମିଶନ ଶକ୍ତି କେଫେ ଥୋଇଥାନ, କପ୍ତିପଦା ବ୍ଲକର ସୋଲଗଡ଼ିଆ ରାଜସ୍ୱ ଗ୍ରାମରେ ସରକାରୀ ଜଙ୍ଗଲ ଜମି ଉପରେ ଥିବା ଆମ୍ବ ବଗିଚାରେ ଜବର ଦଖଲକାରୀମାନଙ୍କୁ ଉଚ୍ଛେଦ ଆଦି ଅଭିଯୋଗ ଗୁଡିକ ଉପରେ ବିଚାର କରି ତାର ସମାଧାନ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ମୟୂରଭଞ୍ଜ ନିର୍ଦ୍ଦେଶ ଦେଇଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ସତ୍ୟ ପ୍ରକାଶ ପାତ୍ର, ସାଇସ୍ୱରୂପ କର, ରେଣ୍ଟା ମୁର୍ମୁ, ଶ୍ରୀତମ ମହାନ୍ତି, ହିମାଂଶୁ ଶଙ୍ଖୁଆ, ଅନୁଭବ ରାଉତ, ତାପସ ପ୍ରଧାନ, ତପୁ ପାତ୍ର, ଭବାନୀ ପଣ୍ଡା, ଅଜିତ ମହାପାତ୍ର, ତରୁଣକାନ୍ତି ମହାପାତ୍ର ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

### ରାସ୍ତା ନିର୍ମାଣ ଦାବିରେ ଅଭିନବ ପ୍ରତିବାଦ

# ରାସ୍ତାରେ ଧାନ ରୋଇଲେ ଗ୍ରାମବାସୀ

**ସମ୍ବଲପୁର, :** ସ୍ୱାଧୀନତାର ୮୦ ବର୍ଷ ପୂର୍ତ୍ତି ହେବାକୁ ଯାଉଥିବା ବେଳେ ମଧ୍ୟ ଜମନକିରା ବ୍ଲକ୍ ଖର୍ସନମାଲ ପଞ୍ଚାୟତ ଅନ୍ତର୍ଗତ ବାଘଲତ ରାଜସ୍ୱ ଗ୍ରାମବାସୀଙ୍କ ପାଇଁ ଭଲ ରାସ୍ତା ଏବେ ବି ସ୍ୱପ୍ନ ହୋଇରହିଛି। ଗ୍ରାମକୁ ମୁଖ୍ୟ ରାସ୍ତା ସହ ସଂଯୋଗ କରୁଥିବା ପ୍ରାୟ ୩ କିଲୋମିଟର ରାସ୍ତା ଦୀର୍ଘଦିନ ହେଲା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ରାସ୍ତାରେ ବଡ଼ ବଡ଼ ଖାଲଖମା ଓ କାଦୁଅ ଯୋଗୁଁ ସାଧାରଣ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହେଉଛି। ଗ୍ରାମରେ ପ୍ରାୟ ୬୦ଟି ପରିବାର ବସବାସ କରୁଥିବା ବେଳେ ଛାତ୍ରଛାତ୍ରୀଙ୍କ ସ୍କୁଲ ଯାତାୟାତଠାରୁ ଆରମ୍ଭ କରି ପଞ୍ଚାୟତ କାର୍ଯ୍ୟାଳୟ, ଡାକ୍ତରଖାନା ଓ ସାପ୍ତାହିକ ବଜାରକୁ ଯିବା ପାଇଁ ଏହି ଗୋଟିଏ ରାସ୍ତା ହିଁ ଗ୍ରାମବାସୀଙ୍କ ଏକମାତ୍ର ଭରସା। ହେଲେ ରାସ୍ତାର ଦୁରବସ୍ଥା ଯୋଗୁଁ ପ୍ରତିଦିନ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ରାସ୍ତା ନିର୍ମାଣ ପାଇଁ ବ୍ଲକ୍ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପର୍ଯ୍ୟନ୍ତ ବାରମ୍ବାର ଲିଖିତ ଭାବେ ଜଣାଇ ଆସୁଛନ୍ତି। ପ୍ରତିଥର ପ୍ରତିଶ୍ରୁତି ମିଳୁଛି, କିନ୍ତୁ ରାସ୍ତା ନିର୍ମାଣ ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ।ବର୍ଷା ଦିନରେ ସମସ୍ୟା ଆହୁରି ଗମ୍ଭୀର ହୋଇପଡୁଛି। ରାସ୍ତାରେ ଆମ୍ବୁଲାନ୍ସ ଯିବା ତ ଦୂରର କଥା, ଅନେକ ସମୟରେ ବାଇକ୍? ମଧ ଯାତାୟାତ କରିବା ସମ୍ଭବ ହେଉନାହିଁ। ଫଳରେ ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି ପ୍ରାୟ ୩ କିଲୋମିଟର ଦୂର ମୁଖ୍ୟ ରାସ୍ତାକୁ ନେବା ପରେ ଆମ୍ବୁଲାନ୍ସ ସେବା ମିଳୁଥିବା ଗ୍ରାମବାସୀ କହିଛନ୍ତି। ପ୍ରଶାସନର ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ରାସ୍ତା ସମସ୍ୟାର ସମାଧାନ ନହେବାରୁ ଶେଷରେ ଗ୍ରାମବାସୀ ଅଭିନବ ପ୍ରତିବାଦର ପନ୍ଥା ଆପଣାଇଛନ୍ତି। ସୋମବାର ଗ୍ରାମର ଦୁର୍ଦ୍ଦଶାଗ୍ରସ୍ତ ରାସ୍ତା ଉପରେ ଧାନ ତଳି ରୋପଣ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ରାସ୍ତାରେ ଜମିଥିବା କାଦୁଅ ଓ ପାଣି ମଧ୍ୟରେ ଧାନ ରୋପଣ କରି ଗ୍ରାମବାସୀ 'ରାସ୍ତା ନା ଧାନକ୍ଷେତ' ବୋଲି ପ୍ରଶ୍ନ ଉଠାଇଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ଆଗାମୀ ଦୁଇ ମାସ ମଧ୍ୟରେ ରାସ୍ତାର କଂକ୍ରିଟକରଣ କିମ୍ବା ପିଚୁକରଣ କାର୍ଯ୍ୟ ଆରମ୍ଭ ନହେଲେ ସେମାନେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇ ବ୍ୟାପକ ଆନ୍ଦୋଳନ କରିବେ। ତେଣୁ ପ୍ରଶାସନ ତୁରନ୍ତ ଏହି ଗ୍ରାମର ରାସ୍ତା ସମସ୍ୟା ପ୍ରତି ଦୃଷ୍ଟି ଦେଇ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ବଢୁଛି ଏଚ୧ଏନ୧ ସଂକ୍ରମଣ, ଦିଲ୍ଲୀରେ ବାଜିଲା ସତର୍କ ଘଣ୍ଟି; ଭିଡ଼ ସ୍ଥାନରେ ମାସ୍କ ପିନ୍ଧିବାକୁ ପରାମର୍ଶ

ନୂଆଦିଲ୍ଲୀ : ଦେଶରେ ପୁଣି ବଢ଼ିବାରେ ଲାଗିଛି ଫ୍ଲୁ ସଂକ୍ରମଣ। ବିଶେଷକରି ସ୍ୱାଇନ୍ ଫ୍ଲୁ ବା ଏଚ୧ଏନ୧ ମାମଲା ବୃଦ୍ଧି ପାଇବା ପରେ ବିଭିନ୍ନ ରାଜ୍ୟରେ ସ୍ୱାସ୍ଥ୍ୟ ବିଭାଗ ସତର୍କ ହୋଇଛି। ଦିଲ୍ଲୀରେ ସଂକ୍ରମଣ ବଢ଼ିବା ପରେ ସରକାର ପକ୍ଷରୁ ଲୋକଙ୍କ ପାଇଁ ସତର୍କତା ଜାରି କରାଯାଇଛି । ତେବେ ଏହାକୁ ନେଇ ଭୟଭୀତ ନହେବାକୁ ଅପିଲ୍ କରାଯାଇଛି ।



ଦିଲ୍ଲୀରେ ଏପର୍ଯ୍ୟନ୍ତ ୨୩୦୮ଟି ଏଚ୧ଏନ୧ ମାମଲା ଚିହ୍ନଟ ହୋଇଛି। ଏହାସହ ଅନ୍ୟ ଫ୍ଲୁ ଭାରିଆଣ୍ଟର ପ୍ରାୟ ୬୦୦ରୁ ୬୫୦ ମାମଲା ରହିଛି । ଦିଲ୍ଲୀ ସରକାର କହିଛି, ସଂକ୍ରମଣ ବଢ଼ିଥିଲେ ମଧ୍ୟ ସ୍ଥିତି ନିୟନ୍ତ୍ରଣରେ ରହିଛି । ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ପଙ୍କଜ ସିଂହଙ୍କ ଅନୁସାରେ, ହସ୍ପିଟାଲ୍ ଗୁଡ଼ିକରେ ପର୍ଯ୍ୟାପ୍ତ ବେଡ୍, ଡାକ୍ତର ଏବଂ ଔଷଧ ଉପଲବ୍ଧ ରହିଛି । ଏପର୍ଯ୍ୟନ୍ତ କୌଣସି ମୃତ୍ୟୁ ହୋଇନଥିବା ବେଳେ ଗୁରୁତର ଅବସ୍ଥାରେ କୌଣସି ରୋଗୀ ଆଇସିୟୁ କିମ୍ବା ଭେଣ୍ଟିଲେଟରରେ ନଥିବା ସେ କହିଛନ୍ତି । ଆଇସିଏମ୍ଆର୍ ମହାନିର୍ଦ୍ଦେଶକ ରାଜୀବ ବାହଲଙ୍କ କହିବା ଅନୁସାରେ, ବର୍ତ୍ତମାନ ଦେଶରେ ଇନ୍ଫ୍ଲୁଏଞ୍ଜା-ଏ, ଇନ୍ଫ୍ଲୁଏଞ୍ଜା-ବି ଏବଂ କୋଭିଡ୍ ଭଳି ଶ୍ୱାସଜନିତ ସଂକ୍ରମଣ ଚିହ୍ନଟ ହେଉଛି । ତେବେ ବର୍ତ୍ତମାନ ଏଚ୧ଏନ୧ର ପ୍ରଭାବ ଅଧିକ ଦେଖାଯାଉଛି । କୋଭିଡ୍‌ର କିଛି ମାମଲା ମଧ୍ୟ ରିପୋର୍ଟ ହେଉଛି । ତେଣୁ ଦେଶରେ କେଉଁ ଭାଇରସ୍ କେତେ ପରିମାଣରେ ବ୍ୟାପୁଛି, ତାହା ଜାଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ସପ୍ତାହକୁ ସପ୍ତାହ ତଥ୍ୟ ଉପରେ ନଜର ରଖୁଛି । କୋଭିଡ୍ ପରେ ଦେଶର ରୋଗ ନିରୀକ୍ଷଣ ବ୍ୟବସ୍ଥାକୁ ଆହୁରି ମଜବୁତ କରାଯାଇଛି । ବର୍ତ୍ତମାନ ଦେଶର ୭୩ଟି ଲାବୋରେଟୋରୀ ମାଧ୍ୟମରେ ଶ୍ୱାସଜନିତ ରୋଗର ନମୁନା ପରୀକ୍ଷା କରାଯାଉଛି । ଗୁରୁତର ଶ୍ୱାସଜନିତ ସଂକ୍ରମଣ ଥିବା ରୋଗୀଙ୍କ ନମୁନା ସହ ଅନ୍ୟ ମାମଲାର ନମୁନା ମଧ୍ୟ ପରୀକ୍ଷା କରାଯାଉଛି । ଏହାଦ୍ୱାରା ଦେଶର କେଉଁ ଅଞ୍ଚଳରେ କେଉଁ ଭାଇରସ୍ ସକ୍ରିୟ ଅଛି, ତାହାର ତଥ୍ୟ ମିଳୁଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ଏଚ୧ଏନ୧ କୌଣସି ନୂଆ ଭାଇରସ୍ ନୁହେଁ। ଏହା ଏକ ଋତୁକାଳୀନ ଇନ୍ଫ୍ଲୁଏଞ୍ଜା । ଫ୍ଲୁ ଭାଇରସ୍‌ରେ ସମୟ ସହିତ ପରିବର୍ତ୍ତନ ହେଉଥିବାରୁ ପୂର୍ବରୁ ଫ୍ଲୁ ହୋଇଥିବା ବ୍ୟକ୍ତିଙ୍କୁ ମଧ୍ୟ ପୁଣି ଥରେ ସଂକ୍ରମଣ ହୋଇପାରେ ।

ସାଧାରଣତଃ ଏହି ସଂକ୍ରମଣର ଲକ୍ଷଣ ହାଲୁକା ରହିଥାଏ ଏବଂ ଅଧିକାଂଶ ଲୋକ ଘରେ ବିଶ୍ରାମ ନେଇ ସୁସ୍ଥ ହୋଇପାରନ୍ତି। ତେବେ ଛୋଟ ପିଲା, ୬୫ ବର୍ଷରୁ ଅଧିକ ବୟସ୍କ, ଗର୍ଭବତୀ ମହିଳା ଏବଂ ରୋଗ ପ୍ରତିରୋଧକ କ୍ଷମତା କମ୍ ଥିବା ବ୍ୟକ୍ତି ଅଧିକ ଝୁମ୍ପରେ ରହିପାରନ୍ତି ।

ଏଚ୧ଏନ୧ ମୁଖ୍ୟତଃ ଶ୍ୱାସଜନିତ ଡ୍ରପ୍‌ଲେଟ୍ ମାଧ୍ୟମରେ ବ୍ୟାପିପାରେ। ଆକ୍ରାନ୍ତ ବ୍ୟକ୍ତି ଛିଙ୍କିବା, କାଶିବା କିମ୍ବା କଥା କହିବା ସମୟରେ ନିର୍ଗତ ହେଉଥିବା ଡ୍ରପ୍‌ଲେଟ୍ ଦ୍ୱାରା ଅନ୍ୟମାନେ ସଂକ୍ରମିତ ହୋଇପାରନ୍ତି । ସେଥିପାଇଁ ଭିଡ଼ ଅଞ୍ଚଳରେ ସତର୍କ ରହିବା, ହାତକୁ ବାରମ୍ବାର ସଫା କରିବା ଏବଂ ଅସୁସ୍ଥ ଥିଲେ ଅନ୍ୟମାନଙ୍କଠାରୁ ଦୂରତା ରଖିବା ଜରୁରୀ ।

ଫ୍ଲୁର ଲକ୍ଷଣ ଦେଖାଦେଲେ ପ୍ରଥମେ ପର୍ଯ୍ୟାପ୍ତ ବିଶ୍ରାମ ନିଅନ୍ତୁ । ଶରୀରରେ ପାଣିର ଅଭାବ ନହେବା ପାଇଁ ପର୍ଯ୍ୟାପ୍ତ ତରଳ ଖାଦ୍ୟ ଖାଆନ୍ତୁ । ପୁଷ୍ଟିକର ଖାଦ୍ୟ ଖାଇବା ସହ ଭିଡ଼ ଅଞ୍ଚଳକୁ ଯିବା ଏଡ଼ାନ୍ତୁ । ଡାକ୍ତରଙ୍କ ପରାମର୍ଶ ବିନା ଆଣ୍ଟିବାୟୋଟିକ୍ ଖାଇବା ଉଚିତ୍ ନୁହେଁ । କାରଣ ଏଚ୧ଏନ୧ ଏକ ଭାଇରାଲ୍ ସଂକ୍ରମଣ । ଆବଶ୍ୟକତା ଅନୁସାରେ ଡାକ୍ତର ଆଣ୍ଟିଭାଇରାଲ୍ ଔଷଧ ଦେଇପାରନ୍ତି । ସାଧାରଣ ଜ୍ୱର, କାଶ, ଥଣ୍ଡା ଓ ଶରୀର ବିନ୍ଧା ଭଳି ଲକ୍ଷଣ ଫ୍ଲୁରେ ଦେଖାଯାଇପାରେ। କିନ୍ତୁ ନିଶ୍ୱାସ ନେବାରେ କଷ୍ଟ, ଛାତିରେ ଯନ୍ତ୍ରଣା କିମ୍ବା ଅବସ୍ଥା ଗୁରୁତର ହେବା ଭଳି ଲକ୍ଷଣ ଦେଖାଦେଲେ ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ। ଭାରତରେ ଫ୍ଲୁ ବିରୋଧୀ ଟିକା ଉପଲବ୍ଧ ରହିଛି । ବିଶେଷକରି ଅଧିକ ଝୁମ୍ପରେ ଥିବା ବ୍ୟକ୍ତିମାନେ ଟିକା ନେବା ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରିପାରିବେ। ତେବେ ଫ୍ଲୁ ଟିକା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ନୁହେଁ । ସ୍ୱାସ୍ଥ୍ୟ ବିଭାଗର ବାର୍ତ୍ତା ସ୍ପଷ୍ଟ—ସ୍ୱାଇନ୍ ଫ୍ଲୁକୁ ନେଇ ଆତଙ୍କିତ ହେବାର ଆବଶ୍ୟକତା ନାହିଁ । ସତର୍କ ରୁହନ୍ତୁ, ସ୍ୱଚ୍ଛତା ନିୟମ ପାଳନ କରନ୍ତୁ ଏବଂ ଗୁରୁତର ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

## ଦିଲ୍ଲୀରେ ଆର୍ଥିକ ସ୍ୱାଧୀନତା ଉପରେ କର୍ମଶାଳା

ନୂଆଦିଲ୍ଲୀ : ଆମେରିକାରେ ଅବସ୍ଥାପିତ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖିକା, ମିଡିଆ ଉଦ୍ୟୋଗୀ ଏବଂ ୱାର୍ଲଡ଼ ଓମ୍ୟାନ ଫାଉଣ୍ଡେସନ (ଡବ୍ଲୁଡବ୍ଲୁଏଫ)ର ସିଇଓ



ରୂପା ଦାଶ ସମ୍ପ୍ରତି ନୂଆଦିଲ୍ଲୀର କାଲକା ପବ୍ଲିକ୍ ସ୍କୁଲ ଠାରେ ବାଳିକା ମାନଙ୍କର ଆର୍ଥିକ ସ୍ୱାଧୀନତା ଉପରେ ଏକ କର୍ମଶାଳା ଆୟୋଜନ କରିଛନ୍ତି। ଏହି ପ୍ରୟାସ ଭାରତର ୮୦ ବର୍ଷର ସ୍ୱାଧୀନତା ଉତ୍ସବ ଅବସରରେ ଦେଶର ୮ କୋଟି କିଶୋରୀଙ୍କର ଆର୍ଥିକ ସ୍ୱାଧୀନତା ଓ ମାଲିକାନା ଅଧିକାରକୁ ସୁନିଶ୍ଚିତ କରିବା ନେଇ ୱାର୍ଲଡ଼ ଓମ୍ୟାନ ଫାଉଣ୍ଡେସନ ତରଫରୁ ଆରମ୍ଭ କରାଯାଇଥିବା ମହାଅଭିଯାନର ଏକ ଅଂଶ ବିଶେଷ ଥିଲା। ଏଠାରେ ଟଙ୍କାର ଅସଲ କରାମତି ଉପରେ ପରଦାଫାସ କରିବା,କିଶୋରୀମାନଙ୍କର ଅର୍ଥନୈତିକ ଦୃଷ୍ଟିକୋଣକୁ ସହଜ ସାଧ୍ୟ କରିବା ଏବଂ ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ହାସଲ କରିବା ପାଇଁ ବ୍ୟବହାରିକ ଦକ୍ଷତା ପ୍ରଦାନ କରିବା ଉପରେ ଆଲୋଚନା ହୋଇଥିଲା। "କିପ୍ ଇଟ୍ ଗ୍ରୋ ଇଟ୍" ଶୀର୍ଷକ ଏହି ଏକ ଘଣ୍ଟା ବ୍ୟାପୀ ମତାମତ ଆଦାନ ପ୍ରଦାନ ଅଧିବେଶନ ନବମ ଓ ଦଶମ ଶ୍ରେଣୀର ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। କର୍ମଶାଳା ରେ ଉପହାର,ପକେଟ ଖର୍ଚ୍ଚ, ଛାତ୍ରବୃତ୍ତି ଓ ପୁରସ୍କାର ଭାବେ ମିଳୁଥିବା ଛୋଟ ଛୋଟ ରାଶି କୁ ସଞ୍ଚୟ ଓ ନିବେଶ କରିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଡବ୍ଲୁଡବ୍ଲୁଏଫ'ର ଯୁବ ଶାଖାର ବିଶ୍ୱ ମୁଖ୍ୟ ଏବଂ "କିପ୍ ଇଟ୍ ଗ୍ରୋ ଇଟ୍" ଉଦ୍ୟମର ସଂସ୍ଥାପିକା ଓ ସୃଜନଶୀଳ ନିର୍ଦ୍ଦେଶିକା ଆୟାତୀ ଦାଶ କର କର୍ମଶାଳାର ସହ-ପରିଚାଳକ ଥିଲେ। ଚକ୍ରବୃଦ୍ଧି ଶକ୍ତିର ବ୍ୟବହାର କରି ସାମାନ୍ୟ ସଞ୍ଚୟକୁ ମଧ୍ୟ ନିୟମିତ ଭାବେ ନିବେଶ କରାଗଲେ ଏହା କିଭଳି ସମୟକ୍ରମେ ବୃହତ ଆର୍ଥିକ ସମ୍ପତ୍ତିରେ ପରିଣତ ହୋଇପାରେ ତାହା କର୍ମଶାଳାରେ ଦର୍ଶାଯାଇଥିଲା। ଆର୍ଥିକ ଆତ୍ମବିଶ୍ୱାସ କିପରି ଉତ୍ତମ ଶିକ୍ଷାର ସୁଯୋଗ, ସଠିକ କ୍ୟାରିଅର ପସନ୍ଦ ଉପଲବ୍ଧ , ଉତ୍ପାଦକ ଉଦ୍ୟୋଗିତାର ଅବସର ଓ ଦୀର୍ଘକାଳୀନ ଆର୍ଥିକ ସୁରକ୍ଷା ପ୍ରଦାନ କରିପାରେ, ସେସମ୍ପର୍କରେ ଛାତ୍ରୀମାନେ ବିସ୍ତୃତ ଭାବେ ଚର୍ଚ୍ଚା କରିଥିଲେ । କର୍ମଶାଳାକୁ ସମ୍ବୋଧନ କରି ଆୟାତୀ ଦାଶ କର ବାସ୍ତବ ଜୀବନର ବହୁ ପ୍ରକୃଷ୍ଟ ଦୃଷ୍ଟାନ୍ତ ଓ ଆକର୍ଷଣୀୟ ଉଦାହରଣ ମାନ ଦର୍ଶାଇ ଛାତ୍ରୀମାନଙ୍କୁ ପ୍ରେରିତ କରିଥିଲେ। ଜୀବନ ଧାରଣକୁ ସଶକ୍ତ ଓ ସହଜ କରିବା ପାଇଁ ସଞ୍ଚୟ, ନିବେଶ ଓ ଆର୍ଥିକ ଯୋଜନାକୁ ପ୍ରାଥମିକତା ପ୍ରଦାନ କରାଯିବାକୁ ସୁଶ୍ରୀ କର ମତ ପ୍ରକାଶ କରିଥିଲେ। ନିଜେ ଜଣେ ଯୁବ ଉଦ୍ୟୋଗୀ ଓ ସୃଜନଶୀଳ ପ୍ରତିଭା ଭାବରେ ପ୍ରତିଷ୍ଠିତ ହୋଇଥିବାର ପୃଷ୍ଠଭୂମିକୁ ସୂଚାଇ ସେ ବାଳିକା ମାନଙ୍କୁ ଆର୍ଥିକ ଭାବେ ସ୍ୱାଧୀନ ଓ ଭବିଷ୍ୟତରେ ନେତୃତ୍ୱ ନେବା ପାଇଁ ଆବଶ୍ୟକୀୟ ଆତ୍ମବିଶ୍ୱାସ ଓ ଶୃଙ୍ଖଳା ବିକାଶ କରିବାକୁ ଉତ୍ସାହିତ କରିଥିଲେ। ଆର୍ଥିକ ସାକ୍ଷରତା ଉପରେ ଗୁରୁତ୍ୱ ଦେଇ ସୁଶ୍ରୀ କର ଭାରତର ପାରିବାରିକ ସଞ୍ଚୟ ଦେଶର ସର୍ବଶ୍ରେଷ୍ଠ ଆର୍ଥିକ ସମ୍ବଳ ମଧ୍ୟରୁ ଅନ୍ୟତମ ଏବଂ ଏହା ଜାତୀୟ ଜିଡିପିର ପ୍ରାୟ ୩୦ ଶତାଂଶ ଭୁକ୍ତ କରିଥାଏ ବୋଲି ଉଲ୍ଲେଖ କରିଥିଲେ । ଭାରତରେ ୨୫ କୋଟିରୁ ଅଧିକ କିଶୋରୀ ଥିବାରୁ ଛୋଟ ବୟସରୁ ସଞ୍ଚୟ ଓ ନିବେଶ ନେଇ ଅଭ୍ୟାସ ସୃଷ୍ଟି କରିବା ଦ୍ୱାରା ଭବିଷ୍ୟତରେ କୋଟିପତି ବନିବାର ସ୍ୱପ୍ନ ସାକାର ହେବା, ଘରୋଇ ନିବେଶ ମଜବୁତ ବନିବା ଏବଂ ଆର୍ଥିକ ଦୁର୍ବଳତା ହ୍ରାସ ପାଇବା ସାଙ୍ଗକୁ ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଅର୍ଥନୀତିରେ ପରିଣତ କରିବାର ଯାତ୍ରାକୁ ତ୍ୱରାନ୍ୱିତ କରାଯାଇପାରିବ ବୋଲି ସେ ଦମ୍ଭ ପ୍ରକାଶ କରିଥିଲେ । ସପ୍ତାହକୁ ମାତ୍ର ୨୦ରୁ୫୦ ଟଙ୍କା ସଞ୍ଚୟ କଲେ ମଧ୍ୟ ଜୀବନଭରୀ ଆର୍ଥିକ ସ୍ୱଚ୍ଛଳତା ସୃଷ୍ଟି ହେବା ଏବଂ ଏକ ସ୍ୱାବଲମ୍ବୀ ମହିଳା ପିଢୀର ଅଭ୍ୟୁଦୟ ଘଟିବା ସମ୍ଭବପର ହୋଇ ପାରିବା ନେଇ ସେ ଦୃଢୋକ୍ତି ପ୍ରକାଶ କରିଥିଲେ । କର୍ମଶାଳାକୁ ଛାତ୍ରୀ, ଶିକ୍ଷକ , ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ପରିଚାଳନା କର୍ତ୍ତୃପକ୍ଷ ବେଶ ପସନ୍ଦ କରିଥିଲେ।ପ୍ରାୟ ୫୦୦ ଛାତ୍ରୀ ଏହି ଘନିଷ୍ଠ ମତ ଆଦାନ ପ୍ରଦାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଭିନ୍ନଧର୍ମୀ ଏବଂ ଉଦ୍ଭାବନୀ କର୍ମଶାଳାର ଆୟୋଜକଙ୍କ ମଧ୍ୟରେ ପ୍ଲଙ୍କ ଏକାଡେମୀର ନିର୍ଦ୍ଦେଶିକା ତପସ୍ୱିନୀ ନାୟକ, ପ୍ରିନ୍ସିପାଲ ଡଃ ଅଞ୍ଜୁ ମେହରୋତ୍ରା ଏବଂ ସଂଯୋଜିକା କାଞ୍ଚନ ୱାଲୀ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

## ତରୁଣ ତେଜପାଲଙ୍କୁ ୨ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ : ୨୦୧୩ ଯୌନ ନିର୍ଯ୍ୟାତନା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ପାଇଥିବା ''ତେହେଲକା''ର ପୂର୍ବତନ ସମ୍ପାଦକ ତରୁଣ ତେଜପାଲଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟ ବଡ଼ ଝଟ୍‌କା ଦେଇଛନ୍ତି। ଅପିଲର ଶୁଣାଣି ପୂର୍ବରୁ ଜେଲରେ ଆତ୍ମସମର୍ପଣ ନ କରିବା ପାଇଁ ସେ କରିଥିବା ଆବେଦନକୁ କୋର୍ଟ ଖାରଜ କରିଦେବା ସହ ଦୁଇ ସପ୍ତାହ ମଧ୍ୟରେ ସରେଣ୍ଡର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଆଲୋକ ଅରାଧେଙ୍କ ଖଣ୍ଡପୀଠ ତେଜପାଲଙ୍କ ଆବେଦନକୁ ଅଗ୍ରାହ୍ୟ କରି ଆତ୍ମସମର୍ପଣ ପ୍ରମାଣପତ୍ର ଦାଖଲ କରିବାକୁ କହିଛନ୍ତି। ସେପ୍ଟେମ୍ବର ୨୨ କିମ୍ବା ତା' ପୂର୍ବରୁ ଏହି ସାର୍ଟିଫିକେଟ୍ ଦାଖଲ ହେଲେ, ସେହି ଦିନ ତାଙ୍କ ଅପିଲର ଶୁଣାଣି ତାଲିକାଭୁକ୍ତ କରାଯିବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ତେଜପାଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଓ ଅମନ ଲେଖୀ କୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ, ଅପିଲ୍ ଶୁଣାଣି ପୂର୍ବରୁ ଆସାମୀ ଆତ୍ମସମର୍ପଣ କରିବା କୌଣସି ଆଇନଗତ ବାଧ୍ୟତାମୂଳକ ନୁହେଁ। ବମ୍ବେ ହାଇକୋର୍ଟଙ୍କ ଅଗଷ୍ଟ ୬ ତାରିଖର ରାୟକୁ ଆଧାର କରି ସିବଲ କହିଥିଲେ ଯେ, ଏହି ମାମଲାଟି ୧୩ ବର୍ଷ ତଳର ଏବଂ ତେଜପାଲ ଏବେ ଜଣେ ବରିଷ୍ଠ ନାଗରିକ, ତେଣୁ ଅପିଲ୍ ଶୁଣାଣି ପୂର୍ବରୁ ମାତ୍ର କିଛି ଦିନ ପାଇଁ ତାଙ୍କୁ ଜେଲ୍ ପଠାଇବାର କୌଣସି ଯୌକ୍ତିକତା ନାହିଁ। ତେବେ ସୁପ୍ରିମକୋର୍ଟ ଏହି ଯୁକ୍ତିକୁ ଗ୍ରହଣ ନକରି ସ୍ପଷ୍ଟ କରିଛନ୍ତି ଯେ ଅପରାଧର ଗାମ୍ଭୀର୍ଯ୍ୟ ଏବଂ ଦଣ୍ଡାଦେଶର ମାତ୍ରାକୁ ନଦେଖି ଆତ୍ମସମର୍ପଣରୁ ଛାଡ଼ ଆବେଦନ ଉପରେ ନିଷ୍ପତ୍ତି ନିଆଯାଇପାରିବ ନାହିଁ। ସୂଚନାଯୋଗ୍ୟ, ନିମ୍ନ ଅଦାଲତଙ୍କ ନିର୍ଦ୍ଦୋଷ ଖଲାସ ରାୟକୁ ପରବର୍ତ୍ତୀ ସମୟରେ ହାଇକୋର୍ଟ ବଦଳାଇ ତେଜପାଲଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ।

## ଆଇଆଇଟି ଦିଲ୍ଲୀରେ 'ଜଷ୍ଟିସ୍ ଫର୍ ଋଷିକେଶ' ! ଛାତ୍ର ମୃତ୍ୟୁକୁ ନେଇ ତେଜିଲା ପ୍ରତିବାଦ

ନୂଆଦିଲ୍ଲୀ : ଆଇଆଇଟି ଦିଲ୍ଲୀର ଛାତ୍ର ଋଷିକେଶ କୁମାରଙ୍କ ମୃତ୍ୟୁକୁ ନେଇ ଏବେ ଉଠିଛି ବଡ଼ ପ୍ରଶ୍ନ । ୩୧ ବର୍ଷୀୟ ଏମ୍ଏସ୍‌ସି ଫିଜିକ୍ସ ଛାତ୍ର ଋଷିକେଶ ଗତ ୨୨ ତାରିଖରେ ଆଇଆଇଟି ଦିଲ୍ଲୀର ଲେକ୍‌ଚର ହଲ୍ କମ୍ପ୍ଲେକ୍ସର ଷଷ୍ଠ ମହଲାରୁ ଡେଇଁ ପଡ଼ି ମୃତ୍ୟୁବରଣ କରିଥିଲେ । ଏହି ଘଟଣା ପରେ ଏବେ ସଂସ୍ଥାରେ ଛାତ୍ରଙ୍କ ମାନସିକ ସ୍ୱାସ୍ଥ୍ୟ, ସହାୟତା ଏବଂ ଅଭିଯୋଗ ଶୁଣାଣି ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି । ଋଷିକେଶଙ୍କ ଭାଇ ଅଭିଷେକଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଭାଇ ମାନସିକ ଭାବେ ଅତ୍ୟନ୍ତ ଚାପରେ ଥିବା ନେଇ ପରିବାର ପକ୍ଷରୁ ଆଇଆଇଟି ପ୍ରଶାସନକୁ ଜଣାଇ ଦିଆଯାଇଥିଲା । ଏପରିକି ସେ ଆତ୍ମହତ୍ୟାପ୍ରବଣ ଥିବା ନେଇ ମଧ୍ୟ ପରିବାର ପ୍ରଶାସନକୁ ସତର୍କ କରିଥିଲେ ବୋଲି ଅଭିଯୋଗ ହୋଇଛି । ପରିବାରର କହିବା ଅନୁସାରେ, ଚିକିତ୍ସାଜନିତ କାରଣରୁ ଋଷିକେଶ ଶିକ୍ଷାରେ ବିରତି ନେଇଥିଲେ । ପରେ ତୃତୀୟ ସେମିଷ୍ଟରରେ ଫେରିବା ପରେ ତାଙ୍କୁ ଏକ ରିସର୍ଚ୍ଚ ପ୍ରୋଜେକ୍ଟ ଦିଆଯାଇଥିଲା । ହେଲେ ସେ ଏକାକୀ ପ୍ରୋଜେକ୍ଟ କରୁଥିବା ନେଇ



ପରିବାର ଅଭିଯୋଗ କରିଛି । ଅନ୍ୟ ଜଣେ ଛାତ୍ରଙ୍କ ସହ ତାଙ୍କୁ ପ୍ରୋଜେକ୍ଟରେ ଯୋଡ଼ିବା ପାଇଁ ଅନୁରୋଧ କରାଯାଇଥିଲେ ମଧ୍ୟ ତାହା ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି । ଏହା ସହ ହଷ୍ଟେଲ ରୁମ ଏବଂ କ୍ୟାମ୍ପସ୍‌ରେ ପରିବାର ପାଇଁ ଥିବା କ୍ୱାର୍ଟର ଦେବାକୁ ମଧ୍ୟ ଅନୁରୋଧ କରାଯାଇଥିଲା। ହେଲେ ତାହା ମିଳିନଥିବା ନେଇ ଭାଇ ଅଭିଷେକ ଅଭିଯୋଗ କରିଛନ୍ତି। ଏହି ସବୁ ଘଟଣା ପରେ ଋଷିକେଶ ମାନସିକ ଭାବେ ଆହୁରି ଭାଙ୍ଗି ପଡ଼ିଥିବା ପରିବାର କହିଛି। ଏବେ ଘଟଣାର ତଦନ୍ତ ପାଇଁ ଆଇଆଇଟି ଦିଲ୍ଲୀ ପକ୍ଷରୁ ଏକ ବାହ୍ୟ ତଦନ୍ତ କମିଟି ଗଠନ କରାଯାଇଛି । ଏଥିରେ ଉତ୍ତରାଖଣ୍ଡର ପୂର୍ବତନ ଡିଜିପି ଅଶୋକ କୁମାରଙ୍କ ସମେତ ଏମ୍ସ ଦିଲ୍ଲୀର ଜଣେ ସାଇକିଆଟ୍ରିଷ୍ଟ ମଧ୍ୟ ରହିଛନ୍ତି । ଅନ୍ୟପଟେ, ଋଷିକେଶଙ୍କ ମୃତ୍ୟୁକୁ ନେଇ ଆଇଆଇଟି ଦିଲ୍ଲୀରେ ଛାତ୍ରଛାତ୍ରୀଙ୍କ ପ୍ରତିବାଦ ମଧ୍ୟ ଜୋରଦାର ହୋଇଛି । ଶତାଧିକ ଛାତ୍ରଛାତ୍ରୀ 'ଜଷ୍ଟିସ୍ ଫର୍ ଋଷିକେଶ' ନାରା ଦେଇ ଛାତ୍ର କଲ୍ୟାଣ, ମାନସିକ ସ୍ୱାସ୍ଥ୍ୟ ସହାୟତା ଏବଂ ସଂସ୍ଥାଗତ ଦାୟିତ୍ୱ ନେଇ ପ୍ରଶ୍ନ ଉଠାଇଛନ୍ତି । ତେବେ ପୁଲିସ ଘଟଣାସ୍ଥଳରୁ କୌଣସି ସୁଇସାଇଡ୍ ନୋଟ୍ ପାଇନଥିବା ବେଳେ ଋଷିକେଶଙ୍କ କାଉନ୍‌ସେଲିଂ ରେକର୍ଡ, ମୋବାଇଲ ଫୋନ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଯାଞ୍ଚ କରୁଛି । ଏବେ ତଦନ୍ତ ପରେ ହିଁ ଘଟଣା ପଛର ପ୍ରକୃତ କାରଣ ସ୍ପଷ୍ଟ ହେବ ।

# ବିହାରରେ ଆନ୍ଦୋଳନରତ ଛାତ୍ରଙ୍କ ଉପରେ ପୋଲିସର ବର୍ବରତା, ପାଣି ମାଡ଼ ସହ ଲାଠିଚାର୍ଜ

ବିହାର : ବହୁ ସଂଖ୍ୟାରେ ଛାତ୍ର ଇନକମ୍ ଟ୍ୟାକ୍ସ ଛକରେ ପହଞ୍ଚିଥିଲେ। ଛାତ୍ରମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ପାଟନା ଏସଏସପି ନିଜେ ରାସ୍ତାକୁ ଓହ୍ଲାଇଥିଲେ। ପୁଲିସ ଛାତ୍ରମାନଙ୍କୁ ଇନକମ୍ ଟ୍ୟାକ୍ସ ଛକରୁ ଘଉଡ଼ାଇ ଦେଇଥିଲା ଏବଂ ସେମାନଙ୍କୁ ଛତ୍ରଭଙ୍ଗ କରିବା ପାଇଁ ଦୌଡ଼ାଇଥିଲା। ଏହି ସମୟରେ ଅନେକ ଛାତ୍ର ଆଖପାଖର ମଲ୍‌ରେ ପଶିଯାଇଥିଲେ। ଲାଠିଚାର୍ଜ ପରେ ଜଣେ ମହିଳା ହଙ୍ଗାମା କରିଥିଲେ। ପୁରୁଷ ପୁଲିସ କର୍ମଚାରୀଙ୍କ ଲାଠିଚାର୍ଜକୁ ନେଇ ମଧ୍ୟ ହଙ୍ଗାମା ହୋଇଥିଲା। ଏହି ସମୟରେ ଜଣେ ମହିଳା ପୁଲିସ କର୍ମଚାରୀଙ୍କ ସହ ଯୁକ୍ତିତର୍କରେ ଜଡ଼ିଥିଲେ। ପ୍ରଦର୍ଶନକୁ ଦୃଷ୍ଟିରେ ରଖି ପାଟନାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଛାତ୍ରମାନଙ୍କୁ ରୋକିବା ପାଇଁ ୧୨୦୦ରୁ ଅଧିକ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ବିହାର ପୁଲିସ, ରାପିଡ୍ ଆକ୍ସନ୍ ଫୋର୍ସ (ଆରଏଏଫ) ଏବଂ ଉଜଚର ଯବାନମାନେ ମୋର୍ଚ୍ଚା ସମ୍ଭାଳିଛନ୍ତି। ପୁଲିସ ଅଧିକାରୀମାନେ ଛାତ୍ରମାନଙ୍କୁ ବୁଝାଇବା ସହ ଆଗକୁ ବଢ଼ିବାରୁ ରୋକିବାକୁ ଚେଷ୍ଟା କରୁଛନ୍ତି। ଜେପି ଗୋଲମ୍ବର ଆଖପାଖରେ ବହୁ ସଂଖ୍ୟାରେ ଛାତ୍ର ଉପସ୍ଥିତ ଅଛନ୍ତି। ଅନେକ ଛାତ୍ର ବ୍ୟାରିକେଡ୍ ଉପରେ ଚଢ଼ି ନାରାବାଜି କରୁଛନ୍ତି।



କିଛି ପ୍ରଦର୍ଶନକାରୀ ଡାକବଙ୍ଗଳା ଆଡ଼କୁ ମଧ୍ୟ ଆଗେଇବାକୁ ଚେଷ୍ଟା କରୁଛନ୍ତି।

ଘଟଣାସ୍ଥଳରେ ଲଗାତାର ଉତ୍ତେଜନାମୂଳକ ପରିସ୍ଥିତି ଜାରି ରହିଛି। ପୁଲିସ ଓ ଛାତ୍ରମାନେ ମୁହାଁମୁହିଁ ହୋଇଛନ୍ତି। ପ୍ରଦର୍ଶନକାରୀମାନେ ଆଗକୁ ନବଢ଼ନ୍ତୁ ଏବଂ ପରିସ୍ଥିତି ନିୟନ୍ତ୍ରଣରେ ରହୁ, ଏହା ପ୍ରଶାସନର ଉଦ୍ଦେଶ୍ୟ। ଛାତ୍ରମାନଙ୍କ କହିବା ଅନୁସାରେ, ସେମାନଙ୍କ ଅନେକ ଦାବି ଉପରେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସହମତି ହୋଇନାହିଁ। ଏହି କାରଣରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ସହ ସିଧାସଳଖ ସାକ୍ଷାତ କରିବାକୁ ଚାହୁଁଛନ୍ତି। ଛାତ୍ରମାନେ ସ୍ପଷ୍ଟ କରିଦେଇଛନ୍ତି ଯେ, ସେମାନଙ୍କ ଦାବି ଉପରେ ଠୋସ୍ ଆଶ୍ୱାସନ ନମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଛାତ୍ରମାନେ ବ୍ୟାରିକେଡିଂ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଏହାପରେ ଲାଠିଚାର୍ଜ କରାଯାଇଥିଲା। ବର୍ତ୍ତମାନ ଅନେକ ଛାତ୍ରଙ୍କୁ ହେପାଜତରେ ନିଆଯାଇଛି ଏବଂ ୱାଟର କ୍ୟାନନ୍‌ର ବ୍ୟବହାର କରାଯାଉଛି। ଏହି ମଧ୍ୟରେ ପାଟନା ଡିଏମ୍, ଏସଏସପି ଏବଂ ସିଟି ଏସପି ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପୁଲିସ ଅଧିକାରୀମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି। ପୁଲିସ ଛାତ୍ରମାନଙ୍କୁ ବ୍ୟାରିକେଡିଂ ନିକଟରେ ଅଟକାଇ ଦେଇଛି। ଅନ୍ୟପଟେ ଛାତ୍ରମାନେ ନିଜ ଦାବିକୁ ନେଇ ଆଗକୁ ବଢ଼ିବାକୁ ଚେଷ୍ଟା କରୁଛନ୍ତି। ଏହି ସମୟରେ ଛାତ୍ର ନେତ୍ରୀ ଖୁସବୁ ପାଠକଙ୍କ ସମେତ ଅନେକ ଛାତ୍ରୀଙ୍କୁ ପୁଲିସ ହେପାଜତରେ ନେଇଛି। ଘଟଣାସ୍ଥଳରେ ପୁଲିସର ଭାରି ମୁତୟନ ରହିଛି।

ସୂଚନା ଅନୁସାରେ, ଛାତ୍ରମାନେ ନିଜର ଅନେକ ଦାବିକୁ ନେଇ ପ୍ରଦର୍ଶନ କରିବାକୁ ଘୋଷଣା କରିଥିଲେ। ସୋମବାର ଛାତ୍ର ନେତାମାନଙ୍କର ଶିକ୍ଷା ବିଭାଗର ଅଧିକାରୀଙ୍କ ସହ ପ୍ରାୟ ଦୁଇ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଆଲୋଚନା ପରେ ଛାତ୍ର ନେତାମାନେ ଗର୍ଦ୍ଦନୀବାଗ ଧାରଣାସ୍ଥଳରେ ପହଞ୍ଚିଥିଲେ। ଧାରଣାସ୍ଥଳରେ ଛାତ୍ର ନେତା ସୌରଭ ସିଂହ ସାମ୍ବାଦିକ ସମ୍ମିଳନୀ କରିଥିଲେ।

ସେ କହିଥିଲେ ଯେ, ଛାତ୍ରମାନେ ଶିକ୍ଷା ବିଭାଗ ସମ୍ମୁଖରେ ଅନେକ ଦାବି ରଖିଛନ୍ତି। ବିଭାଗ କିଛି ଦାବି ଉପରେ ସହମତି ପ୍ରକାଶ କରିଛି। ଏହି ଦାବିଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନର ଭରସା ମଧ୍ୟ ଅଧିକାରୀମାନେ ଦେଇଥିଲେ। ତେବେ ଛାତ୍ର ନେତାମାନେ ସ୍ପଷ୍ଟ କରିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କାର୍ଯ୍ୟକ୍ରମ ବାତିଲ ହେବ ନାହିଁ। ଏହି କାର୍ଯ୍ୟକ୍ରମ ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ହିଁ ହେବ। ସୋମବାର ସୌରଭ ସିଂହ ସମସ୍ତ ଅଭ୍ୟର୍ଥୀଙ୍କୁ ଗାନ୍ଧୀ ମୈଦାନରେ ପହଞ୍ଚିବାକୁ ଅପିଲ କରିଥିଲେ। ସେ କହିଥିଲେ ଯେ, ଛାତ୍ରମାନେ ସକାଳ ୧୧ଟା ସୁଦ୍ଧା ଗାନ୍ଧୀ ମୈଦାନର ଗେଟ୍ ନମ୍ବର ୧୦ରେ ପହଞ୍ଚନ୍ତୁ। ଏହାପରେ ସେଠାରୁ ମାର୍ଚ୍ଚ ବାହାରିବ। ଛାତ୍ରମାନଙ୍କ ମାର୍ଚ୍ଚ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଯିବ।

ଛାତ୍ର ନେତାଙ୍କ କହିବା ଅନୁସାରେ, ଏବେ ମଧ୍ୟ ଏପରି ଅନେକ ଦାବି ରହିଛି, ଯେଉଁଥିରେ ସରକାରଙ୍କ ପକ୍ଷରୁ ସହମତି ହୋଇନାହିଁ। ଏହି କାରଣରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କାର୍ଯ୍ୟକ୍ରମ କରାଯାଉଛି। ବର୍ତ୍ତମାନ ଜେପି ଗୋଲମ୍ବରରେ ପୁଲିସର ଭାରି ମୁତୟନ ରହିଛି। ପୁଲିସ ବ୍ୟାରିକେଡିଂ କରି ଛାତ୍ରମାନଙ୍କୁ ଆଗକୁ ବଢ଼ିବାରୁ ରୋକିବାକୁ ଚେଷ୍ଟା କରିଛି। ଏହାସତ୍ତ୍ୱେ ପ୍ରଦର୍ଶନକାରୀ ଛାତ୍ରମାନେ ବ୍ୟାରିକେଡ୍ ଉପରେ ଚଢ଼ି ବିରୋଧ ପ୍ରଦର୍ଶନ କରୁଛନ୍ତି। ଛାତ୍ରମାନେ ଡାକବଙ୍ଗଳା ଆଡ଼କୁ ଆଗକୁ ବଢ଼ିବାକୁ ଚେଷ୍ଟା କରୁଛନ୍ତି। ଏହାଫଳରେ ଅଞ୍ଚଳରେ ଉତ୍ତେଜନା ଏବଂ ଅଫରାତଫରିର ପରିସ୍ଥିତି ସୃଷ୍ଟି ହୋଇଛି। ଛାତ୍ରମାନଙ୍କ ବଡ଼ ଦାବିଗୁଡ଼ିକ କ'ଣ

ବିପିଏସସି ପରୀକ୍ଷା ଉପରେ ପ୍ରଶ୍ନ: ଛାତ୍ରମାନେ ବିପିଏସସର କିଛି ପରୀକ୍ଷାରେ ଅନିୟମିତତାର ଅଭିଯୋଗ ଲଗାଉଛନ୍ତି। ସେମାନେ ବିବାଦୀୟ ପରୀକ୍ଷାଗୁଡ଼ିକୁ ବାତିଲ କରି ପୁନର୍ବାର ପରୀକ୍ଷା କରାଇବାକୁ ଦାବି କରୁଛନ୍ତି। ଛାତ୍ରମାନେ ବିହାର ଦାରୋଗା ନିଯୁକ୍ତି ପରୀକ୍ଷାରେ ଅନିୟମିତତାର ଅଭିଯୋଗ ଲଗାଉଛନ୍ତି। ସେମାନେ ପରୀକ୍ଷା ବାତିଲ କରି ପୁନର୍ବାର ପରୀକ୍ଷା କରାଇବାକୁ ଦାବି କରୁଛନ୍ତି। ଛାତ୍ରମାନେ ଚାହୁଁଛନ୍ତି ଯେ ଟଇଆରଇ-୪ରେ କେବଳ ଗୋଟିଏ ପରୀକ୍ଷା ହେଉ। ସେମାନେ ପ୍ରିଲିମ୍ସ ଏବଂ ମେନ୍ସ ପାଇଁ ଅଲଗା ଅଲଗା ପରୀକ୍ଷା ଚାହୁଁନାହାନ୍ତି। ନେଗେଟିଭ୍ ମାର୍କିଂକୁ ମଧ୍ୟ ବିରୋଧ କରୁଛନ୍ତି। ଛାତ୍ରମାନଙ୍କ ଦାବି ହେଉଛି, ବିପିଏସସିର ବକେୟା ପରୀକ୍ଷାଗୁଡ଼ିକର ନୋଟିଫିକେସନ୍ ଶୀଘ୍ର ଜାରି କରାଯାଉ। ପରୀକ୍ଷା କ୍ୟାଲେଣ୍ଡର ମଧ୍ୟ ଜାରି କରିବାକୁ ସେମାନେ ଦାବି କରୁଛନ୍ତି। ଛାତ୍ରମାନଙ୍କ ଅଭିଯୋଗ ହେଉଛି, ବିପିଏସସିର ନିଯୁକ୍ତିରେ ନିୟମଗୁଡ଼ିକୁ ଠିକ୍ ଭାବେ ପାଳନ କରାଯାଉନାହିଁ। ସେମାନେ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଚାହୁଁଛନ୍ତି। ଛାତ୍ରମାନଙ୍କ କହିବା ଅନୁସାରେ, ଅନେକ ପରୀକ୍ଷା ପାଇଁ ଫର୍ମ ପୂରଣ କରାଯାଇସାରିଛି। କିନ୍ତୁ ଏପର୍ଯ୍ୟନ୍ତ ପରୀକ୍ଷା ତାରିଖ ଘୋଷଣା ହୋଇନାହିଁ। ଛାତ୍ରମାନେ ଚାହୁଁଛନ୍ତି ଯେ ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ସମୟାନୁସାରେ ଏବଂ ସ୍ୱଚ୍ଛ ଭାବରେ ହେଉ। ସେମାନଙ୍କ କହିବା ହେଉଛି, ପରୀକ୍ଷାରେ ଅନିୟମିତତା ହେଲେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ। ଛାତ୍ରମାନଙ୍କ ଦାବି ହେଉଛି, ସରକାର ସମସ୍ତ ନିଯୁକ୍ତି ପରୀକ୍ଷାର ବାର୍ଷିକ କ୍ୟାଲେଣ୍ଡର ଜାରି କରୁ। ଏଥିରେ ଥିବା ତାରିଖଗୁଡ଼ିକୁ କଡ଼ାକଡ଼ିରେ ପାଳନ କରାଯାଉ। ଛାତ୍ରମାନେ ନିଜ ଦାବିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରିବାକୁ ଚାହୁଁଛନ୍ତି। ଏହି କାରଣରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଏବଂ ରାଜଭବନ ପର୍ଯ୍ୟନ୍ତ ମାର୍ଚ୍ଚ କରିବାକୁ ଘୋଷଣା କରିଛନ୍ତି।

# ୨୭ରେ ଦେଶବ୍ୟାପୀ 'ଖେଲୋ ଇଣ୍ଡିଆ ଡାଏଲଗ୍'

ନୂଆଦିଲ୍ଲୀ, ୨୫।୮: ଜାତୀୟ କ୍ରୀଡ଼ା ଦିବସ ୨୦୨୬ ପାଳନ ଅବସରରେ ଆସନ୍ତା ୨୭ ତାରିଖରେ ଦେଶବ୍ୟାପୀ ବୃହତ୍ ଯୁବ ଭାଗିଦାରୀ ପଦକ୍ଷେପ 'ଖେଲୋ ଇଣ୍ଡିଆ ଡାଏଲଗ୍ - ଖେଲ୍ କି ବାତ୍, ପ୍ରଧାନମନ୍ତ୍ରୀ ମୋଦୀ କେ ସାଥ୍' ଆୟୋଜିତ ହେବ। ଏହି ପଦକ୍ଷେପ ଅଧୀନରେ ଦେଶର ୧,୫୦୦ରୁ ଅଧିକ ସ୍ଥାନରେ ଯୁବବର୍ଗ, କ୍ରୀଡ଼ାବିତ୍ ଓ ଶିକ୍ଷାନୁଷ୍ଠାନଗୁଡ଼ିକ ଅଂଶଗ୍ରହଣ କରି କ୍ରୀଡ଼ା, ଯୁବ ନେତୃତ୍ୱ ଓ ରାଷ୍ଟ୍ର ନିର୍ମାଣ ସମ୍ପର୍କିତ ବିଷୟରେ ଆଲୋଚନା କରିବେ।

ଏହି ଦେଶବ୍ୟାପୀ ପଦକ୍ଷେପ ଉଦୀୟମାନ ଯୁବ ଆଥଲେଟ୍ମାନଙ୍କ ପାଇଁ ଭାରତର କ୍ରୀଡ଼ା ଏବଂ ଯୁବ ବ୍ୟବସ୍ଥାର ଭବିଷ୍ୟତ ସମ୍ପର୍କରେ ସେମାନଙ୍କର ବିଚାର, ପରାମର୍ଶ ଏବଂ ନୂତନ ଚିନ୍ତାଧାରା ପାଇଁ ଏକ ପ୍ରତ୍ୟକ୍ଷ ମଞ୍ଚ ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ଆଇଆଇଟି, ଆଇଆଇଏମ୍, ଏନ୍ଆଇଟି, ଏମ୍ସ, ପ୍ରମୁଖ ମେଡିକାଲ କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ସାମିଲ ରହିବେ।

ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ ମାଧ୍ୟମରେ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧନ କରିବେ। ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ପରେ ସମସ୍ତ କାର୍ଯ୍ୟକ୍ରମସ୍ଥଳୀରେ ଏକ ସମୟରେ ପ୍ରତ୍ୟକ୍ଷ କାର୍ଯ୍ୟକ୍ରମ ଆରମ୍ଭ ହେବ।

ଏହି କାର୍ଯ୍ୟକ୍ରମ ଯୁବାବର୍ଗଙ୍କ ଆକାଂକ୍ଷା, ସେମାନଙ୍କର ତୃଣମୂଳ ସ୍ତରର ଅଭିଜ୍ଞତା ଏବଂ ଆବଶ୍ୟକ ନୀତି ନିର୍ଦ୍ଧାରଣ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଯୁବ ଅଂଶଗ୍ରହଣକାରୀମାନେ ଚାରୋଟି ମୁଖ୍ୟ ବିଷୟବସ୍ତୁ ଉପରେ ଆଲୋଚନା କରିବେ। ଏଗୁଡ଼ିକ ହେଲା: କ୍ରୀଡ଼ା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ତୃଣମୂଳ ସ୍ତରରେ ସୁବିଧା, କୋଚିଂ ଓ ସୁଯୋଗର ସମ୍ପ୍ରସାରଣ; ବୈଜ୍ଞାନିକ ଉପାୟରେ ପ୍ରତିଭା ଚିହ୍ନଟ ଏବଂ ଆଥଲେଟ୍ ବିକାଶ ମାଧ୍ୟମରେ ୨୦୩୬ ଅଲିମ୍ପିକ୍ସ ପାଇଁ ପ୍ରତିଭା ଗଢ଼ିବା; ଯୁବ ନେତୃତ୍ୱ ଏବଂ ଶାସନରେ ସେମାନଙ୍କର ଭାଗିଦାରୀ ବୃଦ୍ଧି କରିବା; ଏବଂ ଭବିଷ୍ୟତ-ଉପଯୋଗୀ ଦକ୍ଷତା, ସ୍ୱେଚ୍ଛାସେବୀ ମନୋଭାବ ଓ ରାଷ୍ଟ୍ର ନିର୍ମାଣ ସୁଯୋଗ ମାଧ୍ୟମରେ ଯୁବବର୍ଗଙ୍କୁ ସଶକ୍ତ କରିବା। ଏହି ପଦକ୍ଷେପର ଏକ ପ୍ରମୁଖ ଆକର୍ଷଣ ହେବ କ୍ରୀଡ଼ା ପ୍ରତି ଆଗ୍ରହୀ ଯୁବବର୍ଗଙ୍କ ସହ ଦେଶର ଅଗ୍ରଣୀ କ୍ରୀଡ଼ାବିତ୍ ଓ ପଦକ ବିଜେତାମାନଙ୍କର ସିଧାସଳଖ ଆଲୋଚନା। ଦୀପା କର୍ମାକର, ସାଇନା ନେହୱାଲ, ଗଗନ ନାରଙ୍ଗ, ଶ୍ରୀଜେଶ, ମେରୀ କମ୍, ବାଇଚୁଙ୍ଗ ଭୁଟିଆ, ଗୋପୀଚାନ୍ଦ, ଅଞ୍ଜୁ ବବି ଜର୍ଜ, କର୍ଣ୍ଣମ ମଲ୍ଲେଶ୍ୱରୀ, ମୀରାବାଇ ଚାନୁ ଓ ପି.ଟି. ଉଷାଙ୍କ ସମେତ ପ୍ରମୁଖ କ୍ରୀଡ଼ାବିତ୍ ଏବଂ ଖ୍ୟାତନାମା କ୍ରିକେଟରମାନେ ଯୁବବର୍ଗଙ୍କ ସହ ଆଲୋଚନା କରି ନିଜର କ୍ରୀଡ଼ା ଯାତ୍ରା, ସମ୍ମୁଖୀନ ହୋଇଥିବା ଆହ୍ୱାନ ଓ ଅଭିଜ୍ଞତା ବାଣ୍ଟିବେ।



ଏହି ଭାଗିଦାରୀ କେବଳ ଆଥଲେଟ୍ମାନଙ୍କ ମଧ୍ୟରେ ସୀମିତ ରହିବ ନାହିଁ; ସାଂସଦ, ବିଧାୟକ, କେନ୍ଦ୍ରମନ୍ତ୍ରୀ, ରାଜ୍ୟମନ୍ତ୍ରୀ ଏବଂ ରାଜ୍ୟ କ୍ରୀଡ଼ାମନ୍ତ୍ରୀମାନେ ମଧ୍ୟ ଯୁବବର୍ଗଙ୍କ ସହ ଆଲୋଚନା କରିବେ ଏବଂ ନିର୍ଦ୍ଧାରିତ ଚାରୋଟି ବିଷୟବସ୍ତୁ ଉପରେ ସେମାନଙ୍କର ବିଚାର ଓ ପରାମର୍ଶ ଲୋଡ଼ିବେ।

ଏହି ପଦକ୍ଷେପରେ 'ବିକଶିତ ଭାରତ ୟଙ୍ଗ ଲିଡର୍ସ ଡାଏଲଗ୍ କୁଇଜ୍' ସାମିଲ ରହିବ ଏବଂ ଏହା ଯୁବ ଅଂଶଗ୍ରହଣକାରୀମାନଙ୍କୁ ମାଇଁ ଭାରତ ପୋର୍ଟାଲରେ ପଞ୍ଜୀକରଣ କରିବାକୁ ଉତ୍ସାହିତ କରିବ, ଯାହା ଏହି ଦିନିକିଆ କାର୍ଯ୍ୟକ୍ରମ ପରେ ମଧ୍ୟ ନିରନ୍ତର ଭାବେ ଯୁବ ସଂଯୋଗ ପାଇଁ ଏକ ମାଧ୍ୟମ ସୃଷ୍ଟି କରିବ। "ଖେଲୋ ଇଣ୍ଡିଆ ଡାଏଲଗ୍ – ଖେଲ୍ କି ବାତ୍, ପ୍ରଧାନମନ୍ତ୍ରୀ ମୋଦୀ କେ ସାଥ୍" ଏହି ବିଚାରକୁ ଦୋହରାଇବାକୁ ଚାହେଁ ଯେ ଭାରତର କ୍ରୀଡ଼ା ରୂପାନ୍ତରଣ ଶେଷରେ ଏହାର ଯୁବବର୍ଗଙ୍କ ଦ୍ୱାରା ହିଁ ସଞ୍ଚାଳିତ। ଯୁବକମାନଙ୍କ ଆକାଂକ୍ଷା, କ୍ରୀଡ଼ା ଅଭିଜ୍ଞତା ଏବଂ ନୀତିଗତ ଦୃଷ୍ଟିକୋଣକୁ ଏକ ସାଧାରଣ ମଞ୍ଚକୁ ଆଣି, ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଦେଶର କ୍ରୀଡ଼ା ଏବଂ ଯୁବ ବିକାଶର ଭବିଷ୍ୟତକୁ ରୂପ ଦେବାରେ ଯୁବବର୍ଗଙ୍କୁ ଏକ ଅର୍ଥପୂର୍ଣ୍ଣ ସ୍ୱର ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ଉଦ୍ଦେଶ୍ୟ।

# ରାଜ୍ୟସ୍ତରୀୟ ଟାଇକୋଣ୍ଡୋ ପାଇଁ କେନ୍ଦ୍ରାପଡ଼ାରୁ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ




କେନ୍ଦ୍ରାପଡ଼ା ୨୫/୮: ଗତ ରବିବାର ଦିନ କେନ୍ଦ୍ରାପଡ଼ା ଟାଇକୋଣ୍ଡୋ ଏକାଡେମୀ ଦ୍ୱାରା ୨୧ତମ ଜିଲ୍ଲା ସ୍ତରୀୟ ଟାଇକୋଣ୍ଡୋ କ୍ୟୁରୋଗି ଏବଂ ୧୦ତମ ପୁମସୀ ଚାମ୍ପିୟନସିପ କେନ୍ଦ୍ରାପଡା ଜିଲ୍ଲା ଟାଇକୋଣ୍ଡୋ ଆସୋସିଏସନର ଆନୁକୂଲ୍ୟରେ ଆୟୋଜିତ କରାଯାଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ପ୍ରତିଯୋଗୀମାନଙ୍କର ପଞ୍ଜିକରଣ କରାଯାଇଥିଲା ଯଥା-ସୁପର ସବ୍ ଜୁନିଅର, ସବ୍ ଜୁନିଅର, କ୍ୟାଡେଟ, ଜୁନିଅର ଓ ସିନିଅର ଛାତ୍ରଛାତ୍ରୀ। ପାଖାପାଖି ୨୦୦ ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୫୦ରୁ ଉର୍ଦ୍ଧ ସ୍ୱର୍ଣ୍ଣ ପଦକ ଓ ୫୦ରୁ ଉର୍ଦ୍ଧ ରୋପ୍ୟ ପଦକର ଅଧିକାରୀ ହୋଇଛନ୍ତି। ତତ ସହିତ ୫୦ରୁ ଉର୍ଦ୍ଧ କୃ[illegible]ୀ ଛାତ୍ରଛାତ୍ରୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଏହା ଆମ କେନ୍ଦ୍ରାପଡ଼ା ମାଟି ପାଇଁ ଗର୍ବ ଓ ଗୌରବର ବିଷୟ। ଏଠାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଟାଇକୋଣ୍ଡୋ ଆସୋସିଏସନ ସଭାପତି ବିମଳ କୁମାର ପଣ୍ଡା, ବରେଣ୍ୟ ଅତିଥି ଭାବେ ଓଡିଶା ଟାଇକୋଣ୍ଡୋ ଆସୋସିଏସନ ପର୍ଯ୍ୟବେକ୍ଷକ ପରିଭାସିକ ନିର୍ଦ୍ଦେଶକ ଜୟ କୃଷ୍ଣ ପରିଡା ଏବଂ କେନ୍ଦ୍ରାପଡ଼ା ଟାଇକୋଣ୍ଡୋ ଆସୋସିଏସନ ସମ୍ପାଦକ କିଶୋର ଚନ୍ଦ୍ର ମହାନ୍ତି ଯୋଗଦାନ କରିଥିଲେ। ରାଜ୍ୟ ପର୍ଯ୍ୟବେକ୍ଷକ ଭାବରେ ପ୍ରତାପ ମାଝୀ, ଇନ୍ଦ୍ରଜିତ ପରିଡା ଏବଂ ସୁଶ୍ରୀ ପ୍ରଗତି ପାତ୍ର କାର୍ଯ୍ୟ ସମ୍ପାଦନ କରିଥିଲେ। ଆଶସୋସିଏସନ ର ଅନ୍ୟାନ୍ୟ ସଦସ୍ୟ ସୁନାକର ବେହେରା, କାର୍ତିକ ଚନ୍ଦ୍ର ବେହେରା, କୋଚ ଖଗେଶ୍ୱର ସାହୁ, ପ୍ରୀତିମୟୀ, ଆଶୁତୋଷ ଦାସ ଓ ଦୁଷ୍ମନ୍ତ ମଲିକ ଆଦି ପ୍ରତିଯୋଗିତାକୁ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିଯୋଗିତା ବହୁ ଦର୍ଶକ ମଧ୍ୟ ସାମିଲ ରହି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। କେନ୍ଦ୍ରାପଡ଼ା ଟାଇକୋଣ୍ଡୋ ଆସୋସିଏସନର ସହ ସମ୍ପାଦକ ଦିବ୍ୟଜ୍ୟୋତି ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବୋଲିଂରେ ଜଲୱା ଦେଖାଇଲେ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ, ୨୫।୮: ହଠାତ୍ ବ୍ୟାଟରରୁ ବୋଲର ବନି ଯାଇଛନ୍ତି ଟିମ ଇଣ୍ଡିଆର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ। ବ୍ୟାଟିଂରେ ମାତ୍ର ୮ ରନ କରିଥିବା ବୈଭବ ନିଜ ବୋଲିଂ ଯାଦୁ ଦେଖାଇଛନ୍ତି। ସେ ୪ ବଲରେ ନେଇଛନ୍ତି ୨ଟି ୱିକେଟ। ବାମହାତୀ ସ୍ପିନର ଯାଦୁ ସେ ଦୁଲୀପ ଟ୍ରଫିରେ ସମସ୍ତଙ୍କୁ ଦେଖାଇବାକୁ ସକ୍ଷମ ହୋଇଛନ୍ତି। ସବୁବେଳେ ବ୍ୟାଟରେ ବଲକୁ ବାଉଣ୍ଡରୀ ବାହାରକୁ ପଠାନ୍ତି ୧୫ ବର୍ଷୀୟ ସୂର୍ଯ୍ୟବଂଶୀ। ତାଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ଦେଖିଛି ପୂରା ବିଶ୍ୱ। ଅତି କମ ବୟସରେ ସେ କ୍ରିକେଟ ପ୍ରେମୀଙ୍କୁ କରିଛନ୍ତି ପାଗଳ। ହେଲେ ଏବେ ସୂର୍ଯ୍ୟବଂଶୀଙ୍କ ନୂଆ ଅବତାର ଦେଖିବାକୁ ମିଳିଛି। ବ୍ୟାଟ ବଦଳରେ ସେ ବଲରେ ଦେଖାଇଛନ୍ତି ଜଲୱା। ବର୍ତ୍ତମାନ ଦୁଲୀପ ଟ୍ରଫି ଖେଳୁଥିବା ସୂର୍ଯ୍ୟବଂଶୀ ଇଷ୍ଟ ଜୋନ ପାଇଁ ୪ ବଲରେ ହାସଲ କରିଛନ୍ତି ୨ଟି ୱିକେଟ। ବାମହାତୀ ଅର୍ଥଡକ୍ସ ସ୍ପିନ ଜରିଆରେ ସେ ନର୍ଥ ଇଷ୍ଟ ଜୋନ ବିପକ୍ଷରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ସେ ନର୍ଥ ଇଷ୍ଟ ଜୋନର ଦୁଇ ଜଣ ବ୍ୟାଟରଙ୍କୁ ନିଜ ସ୍ପିନ ଯାଦୁରେ ଫସାଇ ପ୍ୟାଭିଲିୟନ ପଠାଇ ଦେଇଛନ୍ତି।

ସବୁବେଳେ ଟି-୨୦ କ୍ରିକେଟରେ ବଡ ଶଟ ଖେଳୁଥିବା ସୂର୍ଯ୍ୟବଂଶୀଙ୍କୁ ଦଲୀପ ଟ୍ରଫି ଭଳି କ୍ରିକେଟର ନାଲି ବଲ୍ କ୍ରିକେଟ ଖେଳିବାକୁ ସୁଯୋଗ ମିଳିଛି। କ୍ରିକେଟର ଏହି ଲମ୍ବା ଫର୍ମାଟରେ ତାଙ୍କୁ ଇଷ୍ଟ ଜୋନର ଉପ ଅଧିନାୟକ ଦାୟିତ୍ୱ ମଧ୍ୟ ମିଳିଥିଲା। ମାତ୍ର ୧୫ ବର୍ଷ ବୟସରେ ପ୍ରଥମ ଶ୍ରେଣୀ କ୍ରିକେଟରେ ଏତେ ବଡ ଦାୟିତ୍ୱ ମିଳିବା କମ କଥା ନୁହେଁ। ହେଲେ ନୂଆ ଦାୟିତ୍ୱ ଓ ନୂଆ ଫର୍ମାଟକୁ ଓହ୍ଲାଇଥିବା ସୂର୍ଯ୍ୟବଂଶୀ ପ୍ରଥମେ ବ୍ୟାଟିଂରେ ସମସ୍ତଙ୍କୁ ନିରାଶ କରିଥିଲେ। ନର୍ଥ ଜୋନ ବିପକ୍ଷ ପ୍ରଥମ ଇନିଂସରେ ସେ ଦଳ ପାଇଁ କେବଳ ୮ ରନ ହିଁ କରିପାରିଥିଲେ। କିନ୍ତୁ ବ୍ୟାଟିଂରେ ବିପକ୍ଷ ହୋଇଥିବା ସୂର୍ଯ୍ୟବଂଶୀ ଏବେ ବୋଲିଂ ବଲରେ ଚର୍ଚ୍ଚାକୁ ଆସିଛନ୍ତି। ଇଷ୍ଟ ଜୋନ ଅଧିନାୟକ ଈଶାନ କିଶନ ହଠାତ୍ ସୂର୍ଯ୍ୟବଂଶୀଙ୍କୁ ବୋଲିଂ କମାଣ ଧରାଇ ଦେଇଥିଲେ। ପ୍ରଥମ ଓଭରରେ ସେ ୱିକେଟ ପାଇ ନଥିଲେ। କିନ୍ତୁ ଦ୍ୱିତୀୟ ଓଭରରେ ସେ ନିଜର ଯାଦୁ ଦେଖାଇଛନ୍ତି। ପ୍ରଥମେ ସେ ନର୍ଥ ଇଷ୍ଟ ଜୋନର କିଶନ ଲାୟଙ୍ଗଡୋଙ୍କୁ କ୍ୟାଚ ଆଉଟ କରାଇଥିଲେ। ମ୍ୟାଚ୍ କଥା ବିଚାରକୁ ନେଲେ ଇଷ୍ଟ ଜୋନ ବିପକ୍ଷରେ ନର୍ଥଇଷ୍ଟ ଜୋନ ଇନିଂସ ଓ ୨୧୦ ରନରେ ପରାସ୍ତ ହୋଇଛି। ପ୍ରଥମେ ବ୍ୟାଟିଂ କରୁଥିବା ଇଷ୍ଟ ଜୋନ ଶହବାଜ ଅହମଦଙ୍କ ୧୬୭ ଓ ସୁଦିପ କୁମାରଙ୍କ ୧୪୬ ରନ ବଳରେ ୪୬୭ ରନ କରିଥିଲା। ଏହାର ଜବାବରେ ନର୍ଥ ଇଷ୍ଟ ଜୋନ ପ୍ରଥମ ଇନିଂସରେ ୧୧୧ ଓ ଦ୍ୱିତୀୟ ଇନିଂସରେ ୧୪୬ ରନ କରିଅଲଆଉଟ ହୋଇଯାଇଛି। ଶହବାଜ ଅହମଦ ୧୬୭ ରନ କରିବା ସହ ପ୍ରଥମ ଇନିଂସରେ ୩ଟି ଓ ଦ୍ୱିତୀୟ ଇନିଂସରେ ଗୋଟିଏ ୱିକେଟ ନେଇଥିବାରୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଜିତିଛନ୍ତି।

# କଲମ୍ବୋ ଟେଷ୍ଟ : ଶ୍ରୀଲଙ୍କା ୨୬୫/୮

କଲମ୍ବୋ, ୨୫।୮: ବର୍ଷା ଯୋଗୁ କଲୋମ୍ବୋ ଟେଷ୍ଟର ତୃତୀୟ ଦିନର ଖେଳ ଆଗୁଆ ହୋଇଛି ବନ୍ଦ। ତୃତୀୟ ଦିନରେ ଶ୍ରୀଲଙ୍କା ୮୦.୪ ଓଭର ବ୍ୟାଟିଂ କରି ୨୫୭ ରନ କରିବା ସହ ଭାରତ ଦଖଲ କରିଛି ୬ ୱିକେଟ। ଫଳରେ ଦଳ ୮ ୱିକେଟ ହରାଇ କରିଛି ୨୬୫ ରନ୍। ଶ୍ରୀଲଙ୍କା ପାଇଁ ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ଟେଷ୍ଟରେ ଲଢ଼ିଛନ୍ତି ଯୁବ ତାରକା ସୋନାଲ ଦିନୁଶା। ତାଙ୍କୁ ଏଥର ସାଥ ଦେଇଛନ୍ତି ପାସିନ୍ଦୁ ସୂର୍ଯ୍ୟବନ୍ଦାରା। ଉଭୟ ଭାରତର ବୋଲିଂ ଆଟାକକୁ ସମ୍ଭାଳି ଶ୍ରୀଲଙ୍କାକୁ ପାଇଁ ଫାଇଟ ବ୍ୟାକ କରିଛନ୍ତି। ତଥାପି ଶ୍ରୀଲଙ୍କା ଭାରତର ପ୍ରଥମ ଇନିଂସ ସ୍କୋର ଠାରୁ ୨୩୮ ରନ ପଛରେ ରହିଛି। ଦଳକୁ ଫଲୋଅନ ଏଡାଇବାକୁ ୩୮ ରନ ଦରକାର ଥିବା ବେଳେ ହାତରେ ରହିଛି ୨ଟି ୱିକେଟ। ତୃତୀୟ ଦିନର ଷ୍ଟମ୍ପ ଅପସାରଣ ବେଳକୁ ସୋନାଲ ଦିନୁଶା ୮୫ ଓ ଲାହିରୁ କୁମାର ୫୦ ବଲରେ ୮ ରନ କରି ଅପରାଜିତ ରହିଛନ୍ତି। ଭାରତ ମଧ୍ୟ ନୂଆ ବଲ ନେଇ ସାରିଛି। ଆସନ୍ତାକାଲି ୪ର୍ଥ ଦିନରେ ଭାରତ ଯଥାଶୀଘ୍ର ଶ୍ରୀଲଙ୍କାକୁ ଅଲଆଉଟ କରିବାକୁ ଚାହିଁବ। ଶ୍ରୀଲଙ୍କା ବି ଦିନୁଶାଙ୍କ ଉପରେ ନିର୍ଭର କରିବ।






ଦ୍ୱିତୀୟ ଦିନର ସ୍କୋର ୮/୨ରୁ ଶ୍ରୀଲଙ୍କା ଆଜି ନିଜର ଅଭିଯାନ ଆରମ୍ଭ କରିଥିଲା। ତେବେ ଦିବସର ୭ମ ଓଭରରେ ପ୍ରସିଦ୍ଧ କ୍ରିଷ୍ଣା ୧୯ ରନ କରିଥିବା କାମିଲା ମିଶରାଙ୍କୁ ଆଉଟ କରି ଶ୍ରୀଲଙ୍କାକୁ ପ୍ରଥମ ଝଟକା ଦେଇଥିଲେ। କିନ୍ତୁ ଏହାପରେ ପାସିନ୍ଦୁ ଓ କାମିନ୍ଦୁ ମେଣ୍ଡିସ ସମ୍ଭାଳିଥିଲେ। ପାସିନ୍ଦୁ ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଦୀନେଶ ଚାଣ୍ଡିମାଲଙ୍କ କନ୍କସନ ସବଷ୍ଟିଚ୍ୟୁଟ ଭାବେ ଡେବ୍ୟୁ କରିଥିଲେ। କିନ୍ତୁ ତାଙ୍କୁ ପ୍ରଥମ ବଲରେ ହିଁ ଆଉଟ ହେବାକୁ ପଡିଥିଲା। ହେଲେ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ସେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି। ପାସିନ୍ଦୁ ଓ ମେଣ୍ଡିସ ୪ର୍ଥ ୱିକେଟ ପାଇଁ ୮୭ ରନ ଯୋଡିଥିଲେ। ଉଭୟ ଭଲ ଲୟରେ ଥିବା ବେଳେ ଦଳୀୟ ସ୍କୋରକୁ ୧୨୨ରେ ପହଞ୍ଚାଇ ଦେଇଥିଲେ। ଏତିକି ବେଳେ ୩୨ ରନ କରିଥିବା ମେଣ୍ଡିସଙ୍କୁ ଆଉଟ କରି ଦେଇଥିଲେ ପ୍ରସିଦ୍ଧ କ୍ରିଷ୍ଣା। ଏହାପରେ ବ୍ୟାଟିଂ କରିବାକୁ ଆସିଥିବା ଅଧିନାୟକ ଧନଞ୍ଜୟ ଡି'ସିଲଭା କେବଳ ୮ ରନ କରି ପାରିଥିଲେ। ତାଙ୍କ ୱିକେଟ ମାନବ ସୂତାର ହାସଲ କରିଥିଲେ।

ଶ୍ରୀଲଙ୍କା ୧୩୭ ରନରେ ୫ମ ୱିକେଟ ହରାଇଥିଲା। ହେଲେ ପାସିନ୍ଦୁ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ଏହାପରେ ଦିନୁଶାଙ୍କ ସହ ମିଶି ପୁଣି ସ୍ଥିତି ସମ୍ଭାଳିବାକୁ ଚାହିଁଥିଲେ। ଦଳୀୟ ସ୍କର ୧୭୧ ଥିବେ ବେଳେ ୮୦ ରନ କରିଥିବା ପାସିନ୍ଦୁଙ୍କୁ ଆଉଟ କରି ଭାରତକୁ ବଡ ସଫଳତା ଦେଇଥିଲେ ରବୀନ୍ଦ୍ର ଜାଡେଜା। ଏହାର ୨ ରନ ପରେ ମହମ୍ମଦ ସିରାଜ ଖାତା ଖୋଲିବା ପୂର୍ବରୁ ନିରୋଶାନ ଡିକୱେଲାଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ। ଲାଗୁଥିଲା ଭାରତ ଯଥାଶୀଘ୍ର ଶ୍ରୀଲଙ୍କାର ପ୍ରଥମ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଦେବ। କିନ୍ତୁ ଦିନୁଶା ଓ କେଶରା ନୁୱାନ୍ଥା ଏହା କରିବାକୁ ଦେଇ ନଥିଲେ। ଉଭୟ ଦଳୀୟ ସ୍କରକୁ ୧୭୩ରୁ ନେଇ ୨୩୦ରେ ପହଞ୍ଚାଇ ଦେଇଥିଲେ। ଦିନୁଶା ୫୦ ରନ ପୂରଣ କରିବା ସହ ନୁୱାନ୍ଥା ମଧ୍ୟ ଭଲ ଲୟରେ ରହିଥିଲେ। ହେଲେ ୧୮ ରନ କରିଥିବା ନୁୱାନ୍ଥାଙ୍କୁ ମାନବ ସୂତାର ଆଉଟ କରି ଶ୍ରୀଲଙ୍କାକୁ ଦେଇଥିଲେ ୮ମ ଝଟକା। ଶ୍ରୀଲଙ୍କା ୮ଟି ୱିକେଟ ହରାଇଥିଲେ ହେଁ ହାର ମାନି ନଥିଲେ ଦିନୁଶା। ସେ ଲାହିରୁ କୁମାରଙ୍କୁ ସାଥୀ କରି ବ୍ୟାଟିଂ କରିଥିଲେ। ଭାରତ ବାରମ୍ବାର ବୋଲିଂ ପରିବର୍ତ୍ତନ କରିଥିଲେ ହେଁ ବର୍ଷା ଯୋଗୁ ଖେଳ ବନ୍ଦ ହେବା ଯାଏ ଉଭୟ କୌଣସି କ୍ଷତି ଘଟାଇବାକୁ ଦେଇ ନଥିଲେ। ଦିନୁଶା ୮୫ ଓ କୁମାରା ୮ ରନ କରିଥିବା ବେଳେ ବର୍ଷା ଆରମ୍ଭ ହୋଇଥିଲା। ଏଥିଯୋଗୁ ତୃତୀୟ ଖେଳକୁ ଆଗୁଆ ବନ୍ଦ କରି ଦିଆଯାଇଛି। ଭାରତ ପକ୍ଷରୁ ପ୍ରଥମ ଇନିଂସରେ ମାନବ ଓ ପ୍ରସିଦ୍ଧ ୩ ଲେଖାଏ ୱିକେଟ ନେଇଥିବା ବେଳେ ଜାଡେଜା ଓ ସିରାଜ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି। ଭାରତ ପ୍ରଥମ ଇନିଂସରେ ୯ ୱିକେଟ ହରାଇ ୫୦୩ ରନ କରିବା ପରେ ପାଳି ଘୋଷଣା କରିଥିଲା। ଦ୍ୱିତୀୟ ଦିନରେ ଶ୍ରୀଲଙ୍କାର ଦୁଇଟି ୱିକେଟ ଯଥାକ୍ରମେ ପ୍ରସିଦ୍ଧ ଓ ମାନବ ସୂତାର ନେଇଥିଲେ।

# ବାଙ୍ଗରଙ୍କ ଝିଅ ଖେଳିବେ କ୍ରିକେଟ୍

ନୂଆଦିଲ୍ଲୀ, ୨୫।୮(ଏଜେନସି): ଭାରତୀୟ କ୍ରିକେଟ୍ର ପୂର୍ବତନ ଅଲରାଉଣ୍ଡର ସଂଜୟ ବାଙ୍ଗରଙ୍କ ଝିଅ ଅନାୟାଙ୍କ କ୍ୟାରିୟର ଏବଂ ଜୀବନରେ ଏକ ବଡ ସକରାତ୍ମକ ମୋଡ ଆସିଛି। ଜେଣ୍ଡର-ଅଫର୍ମିଙ୍ଗ୍ ସର୍ଜର କରାଇବା ପରେ ୨୫ ବର୍ଷୀୟ ଟ୍ରାନ୍ସ-ଆଥେଲିଟ୍ ଅନାୟାଙ୍କୁ କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ଅଷ୍ଟ୍ରେଲିଆରେ କମ୍ୟୁନିଟି ପ୍ରିମିୟର ମହିଳା କ୍ରିକେଟ୍ ଖେଳିବାକୁ ମଞ୍ଜୁରୀ ପ୍ରଦାନ କରିଛି। ଏହି ନିଷ୍ପତ୍ତି ସହିତ ଏବେ ଅନାୟାଙ୍କ ମହିଳା କ୍ରିକେଟ ପଡିଆରେ ଦ୍ୱିତୀୟ ଥର ପ୍ରବେଶ ରାସ୍ତା ସ୍ପଷ୍ଟ ହୋଇଯାଇଛି।



କ୍ରିକେଟ୍ ଅଷ୍ଟ୍ରେଲିଆର ଟ୍ରାନ୍ସଜେଣ୍ଡର ଆଣ୍ଡ ଜେଣ୍ଡର ଡାଇଭର୍ସ ପ୍ଲେୟାର୍ସ ଇନ୍ ଆଥେଲେଟ୍ କ୍ରିକେଟ୍ ପଲିସି ଅନୁସାରେ, ଏଲିଟ ଅଥବା ବ୍ୟବସାୟିକ ସ୍ତରରେ ମହିଳା କ୍ରିକେଟ ଖେଳିବା ପାଇଁ ଖେଳାଳିଙ୍କ ଟେଷ୍ଟୋଷ୍ଟେରୋନ ସ୍ତର କ୍ରମାଗତ ୧୨ ମାସ ପର୍ଯ୍ୟନ୍ତ ୧୦ ନେନୋମୋଲ ପ୍ରତି ଲିଟରକୁ ଲେଖାଯାଇଥିବା ପତ୍ରରେ ସ୍ପଷ୍ଟ କରିଛି ଯେ, ୨୦୨୭ ମାର୍ଚ୍ଚ ପର୍ଯ୍ୟନ୍ତ ସେ ଅଷ୍ଟ୍ରେଲିଆର କେଉଁସି ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ରାଜ୍ୟରେ କମ୍ୟୁନିଟି ଏବଂ ପ୍ରିମିୟର କ୍ରିକେଟ୍ ଖେଳି ପାରିବେ। କାରଣ ଏହି ସ୍ତର ଏଲିଟ କ୍ରିକେଟ୍ ଅଧୀନରେ ଆସେ ନାହିଁ। ଏହା ବ୍ୟତୀତ ଯଦି ସେ ୨୦୨୭ ମାର୍ଚ୍ଚରେ ଏଲିଟ ମହିଳା କ୍ରିକେଟ୍ ଖେଳିବାକୁ ଚାହିଁବେ, ତେବେ ନିର୍ଦ୍ଧାରିତ ଟେଷ୍ଟୋଷ୍ଟେରୋନ ମାନକ ପୂରା କରିବାକୁ ବ୍ଲଡ୍ ଟେଷ୍ଟ ରିପୋଟ କରିବେ।

ଅନାୟା ବାଙ୍ଗରଙ୍କ କ୍ରିକେଟ୍ ସହିତ ପୁରୁଣା ସଂପର୍କ ରହିଛି। ସେ ମୁମ୍ବାଇ ତରଫରୁ ଏଜ୍-ଗ୍ରୁପ କ୍ରିକେଟ୍ ଖେଳି ସାରିଛନ୍ତି। ସେ ଭାରତୀୟ ଟେଷ୍ଟ ଖେଳାଳି ସରଫରାଜ ଖାନ ଏବଂ ତାଙ୍କର ଭାଇ ମୁଶୀର ଖାନଙ୍କ ସହିତ ପଡିଆକୁ ଓହ୍ଲାଇଛନ୍ତି। ସର୍ଜରୀ ଏବଂ ଶାରୀରିକ ପରିବର୍ତ୍ତନ ଦେଇ ଗତି କରିଥିବା ବେଳେ ଅନାୟା ସାମାଜିକ ଗଣମାଧ୍ୟମରେ ନିଜର ଫେରିବା ନେଇ ସଂକେତ ଦେଇଥିଲେ। ଏବେ ସେ ଅଷ୍ଟ୍ରେଲିଆରେ ଏକ ନୂଆ କ୍ଲବ ଖୋଜୁଛନ୍ତି, ଯାହାରି ମାଧ୍ୟମରେ ନିଜର ନୂଆ ଇନିଂସ ଆରମ୍ଭ କରିପାରିବେ।

କ୍ରିକେଟ୍ ଅଷ୍ଟ୍ରେଲିଆକୁ ପ୍ରଶଂସା କରିବା ସହିତ ଅନାୟା ବାଙ୍ଗର କହିଛନ୍ତି, ଏହା ମୋ ପାଇଁ ଏକ ବଡଦିନ। ବିଶେଷ ଭାବେ ଏହା ଜାଣିବା ଦ୍ୱାରା ମୁଁ ପୁଣି ଥରେ କ୍ରିକେଟ ଖେଳି ପାରିବି। ଏକଦା ମୁଁ ଭାବୁଥିଲି କ୍ରିକେଟ୍ ବ୍ୟାଟ୍ ଧରିବାକୁ ସୁଯୋଗ ମିଳିପାରିବ ନାହିଁ। କିନ୍ତୁ କ୍ରିକେଟ ଅଷ୍ଟ୍ରେଲିଆ ମୋତେ ଏକ ନୂଆ ସୁଯୋଗ ଦେଇଛି। କ୍ରିକେଟ୍ ଅଷ୍ଟ୍ରେଲିଆକୁ ଅଶେଷ ଧନ୍ୟବାଦ ଜଣାଉଛି।

# ଦଳର ସାମଗ୍ରିକ ବିଫଳତାକୁ କଟୁ ସମାଲୋଚନା କଲେ ଶ୍ରୀଜେଶ

ନୂଆଦିଲ୍ଲୀ, ୨୫।୮(ଏଜେନସି); ଭାରତୀୟ ହକିର ବିଶ୍ୱକପ୍ ବିପର୍ଯ୍ୟୟ ପାଇଁ ହକି କିଂବଦନ୍ତି ପିଆର ଶ୍ରୀଜେଶ ସଂଘାତିକ ପ୍ରଶ୍ନ କରିଛନ୍ତି। କେହି କ'ଣ ଭାରତୀୟ ହକିର ଯତ୍ନ ନେଉଛି ଦଳର ସାମଗ୍ରିକ ବିଫଳତାକୁ କଟୁ ସମାଲୋଚନା କରି ଶ୍ରୀଜେଶ ଉତ୍ତରଦାୟିତ୍ୱ ଦାବି କରିଛନ୍ତି। ବିଜୟ ଅପେକ୍ଷା 'ଶିକ୍ଷଣୀୟ' ଉପରେ ଫୋକସ କରାଯାଉଥିବାରୁ ସେ ପ୍ରଶ୍ନ କରିଛନ୍ତି। ଦୀର୍ଘ ୪୧ ବର୍ଷ ପରେ ଭାରତକୁ ଅଲିମ୍ପିକ୍ସ ପଦକ ଦେବାରେ ପ୍ରମୁଖ ଭୂମିକା ତୁଲାଇଥିବା ଏହି ଭେଟେରାନ୍ ଗୋଲକିପର୍ କହିଛନ୍ତି ଦଳ କ'ଣ 'ଭଲ ହକି ଖେଳିବାକୁ' ଗଠିତ ହୋଇଛି ନା 'ଶ୍ରେଷ୍ଠ ଦଳ ବିପକ୍ଷରେ ବିଜୟୀ ହେବା'କୁ। ହକି ବିଶ୍ୱକପ୍ ବିଫଳତାକୁ ଏକ ଶିକ୍ଷଣୀୟ ପର୍ଯ୍ୟାୟ ବୋଲି କୁହାଯାଇଥିବାରୁ ସେ ଏହାର ଦୃ ବିରୋଧ କରିଛନ୍ତି। ବିଶ୍ୱକପ୍ ଏକ 'ରିହରସାଲ' ନୁହେଁ ଯେ ଆମେ ଏହାକୁ 'ଶିକ୍ଷଣୀୟ ଅଭିଜ୍ଞତା' କହି ଆଳ କରିଯାଇବୁ। ବିଶ୍ୱକପ୍ରେ ଦୁର୍ବଳ ପ୍ରଦର୍ଶନ ପାଇଁ ଆମେ ଏସୀୟ କ୍ରୀଡାକୁ କ୍ଷମା ବିବେଚନା କରିପାରିବା ନାହିଁ। ଭାରତକୁ କ୍ରମାଗତ ଅଲିମ୍ପିକ୍ସ ପଦକ ଦେବାରେ ପ୍ରମୁଖ ଭୂମିକା ନେଇଥିବା ଶ୍ରୀଜେଶ କହିଛନ୍ତି କେହି ଜଣେ କଷ୍ଟକର ତଥା ଅଖାଡୁଆ ପ୍ରଶ୍ନକୁ ସମ୍ମୁଖୀନ ହେବା ଉଚିତ। ଆମେ କ'ଣ କେବଳ 'ଭଲ ହକି ଖେଳିବାକୁ' ଦଳ ଗଠନ କରୁଛୁ କି ଆମ ଦଳ କ'ଣ ବିଶ୍ୱର ଶ୍ରେଷ୍ଠ ଦଳ ବିପକ୍ଷରେ ବିଜୟୀ ହେବାକୁ ପ୍ରସ୍ତୁତ ହେଉନାହିଁ ସତରେ କ'ଣ କେହି ଜଣେ ଭାରତୀୟ ହକି ପ୍ରତି ଯତ୍ନଶୀଳ କି ବୋଲି ଶ୍ରୀଜେଶ ନିଜ 'ଏକ୍ସ' ଆକାଉଣ୍ଟରେ ଲେଖି ପ୍ରଶ୍ନ କରିଛନ୍ତି। କଟାକ୍ଷ କରି ପୁଣି ଲେଖିଛନ୍ତି 'ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ବିଶ୍ୱକପ୍ କିଛି ମାନେ ରଖେ ନାହିଁ। ଏସୀୟ କ୍ରୀଡା ଆସୁଛି, ସେଠାରେ ପଦକ ଜିତିବା ସହ ଆମେ ୨୦୨୮ ଅଲିମ୍ପିକ୍ସ ପଦକ ପାଇଁ ସ୍ୱପ୍ନ ଦେଖିବା ଆରମ୍ଭ କରିପାରିବା'।

# ଉତ୍ତର ପ୍ରଦେଶ ପାଇଁ ୩ ରଣଜୀ ଦଳ ଦାବି କଲେ ଜେନ୍-ଜି କ୍ରିକେଟର

ଲକ୍ଷ୍ନୌ, ୨୫।୮: ଉତ୍ତରପ୍ରଦେଶର ଜେନ୍-ଜି କ୍ରିକେଟର୍ ଏବଂ ସେମାନଙ୍କ ଅଭିଭାବକମାନେ ଏବେ ଏକ ନୂଆ ଦାବି ଲାଗି ସ୍ୱର ଉତ୍ତୋଳନ କରିଛନ୍ତି। ଉତ୍ତରପ୍ରଦେଶର ଜନସଂଖ୍ୟା ଦୃଷ୍ଟିରୁ ଏହି ରାଜ୍ୟ ପାଇଁ ୩ଟି ରଣଜୀ ଟ୍ରଫି ଦଳ ଗଠନ କରିବାକୁ ସେମାନେ ଦାବି ଉଠାଇଛନ୍ତି। ଖୁବ୍ ଶୀଘ୍ର ସେମାନେ ଆନ୍ଦୋଳନ କରିବେ ବୋଲି ମଧ୍ୟ ସୂଚନା ଦେଇଛନ୍ତି। ଏକନା ଷ୍ଟାଡିୟମ୍ରେ ପ୍ରାୟ ୨୫୦ ଜେନ୍-ଜି କ୍ରିକେଟର୍ ଏବଂ ସେମାନଙ୍କ ଅଭିଭାବକ ମାନେ ଏକାଠି ହୋଇ ପ୍ରତିବାଦ କରିବା ସହ ଏଭଳି ଅପ୍ରତ୍ୟାଶିତ ଦାବି କରିଛନ୍ତି। ଉତ୍ତରପ୍ରଦେଶର ଜନସଂଖ୍ୟା ପ୍ରାୟ ୨୫ କୋଟି ହୋଇଥିବାରୁ ଉତ୍ତରପ୍ରଦେଶ କ୍ରିକେଟ୍ ଖେଳାଳି ସଂଘ ଏବଂ କ୍ରିକେଟ୍ ଆସୋସିଏସନ୍ ଅଫ୍ ପୂର୍ବାଞ୍ଚଳ ମଧ୍ୟ ଏଭଳି ଦାବି ସପକ୍ଷରେ ରହିଛି। ବିଶେଷ କରି ଉତ୍ତରପ୍ରଦେଶ ଟି-୨୦ ଲିଗ୍ରେ ପୂର୍ବାଞ୍ଚଳ ଓ କେନ୍ଦ୍ରୀୟ ୟୁପିର ଖେଳାଳିମାନଙ୍କୁ ସୁଯୋଗ ମିଳିନମିଳିବା ପରେ ଏଭଳି ପ୍ରତିବାଦର ସୃଷ୍ଟି ହୋଇଛି। ତିନିଟି ରଣଜୀ ଦଳ ଗଠନ ପାଇଁ ଚାପ ସୃଷ୍ଟି କରିବା ଲାଗି ସେପ୍ଟେମ୍ବର ମାସରେ ଏକ ବଡ ଆନ୍ଦୋଳନ କରାଯିବ ବୋଲି ମଧ୍ୟ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଉତ୍ତରପ୍ରଦେଶ ଟ୍ୱେଣ୍ଟି-୨୦ ଲିଗ୍ର ୬ ଦଳ ପାଇଁ ପ୍ରାୟ ୧୫୦ ଖେଳାଳି ମନୋନୀତ ହୋଇଛନ୍ତି। ସେଥି ମଧ୍ୟରେ ପୂର୍ବାଞ୍ଚଳ ଓ କେନ୍ଦ୍ରୀୟ ୟୁପିରୁ ମାତ୍ର ୧୬ ଜଣ ରହିଥିବାବେଳେ ଉତ୍ତରପ୍ରଦେଶର ୯ ଜିଲ୍ଲାରୁ ୮୯ ଜଣ ଏବଂ ଦିଲ୍ଲୀରୁ ୮ ଜଣ ରହିଛନ୍ତି।

ଏକନା ଷ୍ଟାଡିୟମ୍ରେ ପ୍ରାୟ ୨୫୦ ଜେନ୍-ଜି କ୍ରିକେଟର୍



# ଭାରତୀୟ ରଗ୍ବି ଦଳରେ ୬ ଓଡିଆ

ଭୁବନେଶ୍ୱର, ୨୫।୮: ଓଡିଶା ରଗ୍ବି ପାଇଁ ମଙ୍ଗଳବାର ଆସିଛି ଗର୍ବ ଓ ଗୌରବର ଖବର। ଏସୀୟ ରଗ୍ବି ଏମିରେଟ୍ସ ସେଭେନ୍ସ ସିରିଜ୍ ପାଇଁ ଘୋଷିତ ଭାରତୀୟ ବରିଷ୍ଠ ଦଳରେ ୬ ଜଣଓଡିଆ ଖେଳାଳି ସ୍ଥାନ ପାଇଛନ୍ତି। ପୁରୁଷ ଦଳରେ ୨ ଜଣ ଏବଂ ମହିଳା ଦଳରେ ୪ ଜଣ ସାମିଲ ରହିଛନ୍ତି। ପୁରୁଷ ଦଳରେ ଆଶିଷ ସବର, ଗଣେଷ ଡାଙ୍ଗ୍ରୀ ମାଝୀ ଏବଂ ମହିଳା ଦଳରେ ଡୁମିନୀ ମାରାଣ୍ଡି, ମାମା ନାଏକ, ନିର୍ମାଲ୍ୟ ରାଉତ, ସନ୍ଧ୍ୟାମଣି ଟୁଡୁଙ୍କୁ ଏହି ସୁଯୋଗ ମିଳିଛି। ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତା ଅଗଷ୍ଟ ୨୯ ଓ ୩୦ ତାରିଖରେ ଚୀନର ସୁଜୋଉଠାରେ ଖେଳାଯିବ। ଉଭୟ ଭାରତୀୟ ଦଳ ଅଗଷ୍ଟ ୨୬ରେ ଭାରତରୁ ପ୍ରସ୍ଥାନ କରିବା ପରେ ଅଗଷ୍ଟ ୩୧ ତାରିଖରେ ପ୍ରତ୍ୟାବର୍ତନ କରିବେ। ଏହା ପରେ ଏହି ସିରିଜ୍ର ଦ୍ୱିତୀୟ ଚରଣ ଅକ୍ଟୋବର ମାସରେ ଶ୍ରୀଲଙ୍କାରେ ମଧ୍ୟ ଅନୁଷ୍ଠିତ ହେବ। ଓଡିଶା ଖେଳାଳିମାନଙ୍କୁ ଓଡିଶା ରଗ୍ବି ଫୁଟ୍ବଲ୍ ସଂଘ (ଓର୍ଫା) ପକ୍ଷରୁ ସଭାପତି ପ୍ରିୟଦର୍ଶୀ ମିଶ୍ର, ଉପ ସଭାପତି ଉପେନ୍ଦ୍ର ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି। ମନୋନୀତ ୬ ଜଣଙ୍କ ମଧ୍ୟରୁ ୫ ଜଣ ଖେଳାଳି କିସ୍ର ଛାତ୍ରଛାତ୍ରୀ। ସେମାନେ ହେଲେ-ଆଶିଷ ସବର, ଗଣେଷ ଡାଙ୍ଗ୍ରୀ ମାଝୀ, ଡୁମିନୀ ମାରାଣ୍ଡି, ମାମା ନାଏକ, ନିର୍ମାଲ୍ୟ ରାଉତ। ଏମାନଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କ୍ରୀଡା ବିଭାଗ ମୁଖ୍ୟ ଗଗନେନ୍ଦୁ ଦାଶ, ରୁଦ୍ରକେଶ ଜେନା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office,